

ରେକର୍ଡ କଲେ ସିଦ୍ଧରମୈୟା

ପୃଷ୍ଠା ୫

ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776

Vol. 33 | ISSUE 284 | ଭାଗ ୩୩ | ସଂଖ୍ୟା ୨୮୪ | Tuesday 6 January 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର ୬ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ନୂଆବର୍ଷର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

୧୭ ମାସରେ ୯୫%ଙ୍କୁ ମିଳିଛି ନ୍ୟାୟ




୫୬ ହଜାରରୁ ଉର୍ଦ୍ଧ୍ୱ ଅଭିଯୋଗକାରୀ ପ୍ରକୋଷ୍ଠରେ ପହଞ୍ଚିଛନ୍ତି

ଶୁଣାଣି ପ୍ରକ୍ରିୟା ଉପରେ ଲୋକଙ୍କ ଆସ୍ଥା ବଢୁଛି

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ପାଖାପାଖି ୧୮ ମାସ ହେଲା କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଚଳିତ ୨୦୨୬ ବର୍ଷର ପ୍ରଥମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଜି ଏହି ଶୁଣାଣିର ୧୬ଶ ପାଳି ଥିବା ବେଳେ ପୂର୍ବାହ୍ନ ୧୦ଟାରେ ଶ୍ରୀ ମାଝୀ ୟୁନିଟ-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ସବୁ ଥର ପରି ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶୁଣାଣିରେ ମୁଖ୍ୟମନ୍ତ୍ରୀଙ୍କୁ ସହଯୋଗ କରିଥିଲେ ତାଙ୍କ ମନ୍ତ୍ରିମଣ୍ଡଳର ୭ ଜଣ ବରିଷ୍ଠ ମନ୍ତ୍ରୀ। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ବେଶ୍ ଧୈର୍ଯ୍ୟ ସହକାରେ ସେମାନଙ୍କ ସମସ୍ୟା ଶୁଣିଥିଲେ। ଏଥିସହ ସେ ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ସମାଧାନ କରିବା ପୃଷ୍ଠା-୬

କବିତାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ମୁଖ୍ୟମନ୍ତ୍ରୀ ଆସନରେ ବସିବା ପରଠାରୁ ନିୟମିତ ଭାବେ ଜନଅଭିଯୋଗ ଶୁଣାଣିରେ ଶ୍ରୀ ମାଝୀ ଉପସ୍ଥିତ ରହି ସିଧାସଳଖ ଲୋକଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଆସିଛନ୍ତି। ଏହି ଶୁଣାଣିର ସଫଳତା ପ୍ରତିଟି ସାଧାରଣ ଲୋକଙ୍କ ମୁହଁରେ ପ୍ରତିଫଳିତ ହେଉଛି। ଅଭିଯୋଗର ସମାଧାନ ପରେ କିଏ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛାପତ୍ର ଲେଖୁଛି ତ କିଏ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦରେ ପୋତି ପକାଉଛି। ଏହି କ୍ରମରେ ଆଜି ଷୋଡ଼ଶ ଜନଅଭିଯୋଗ ଶୁଣାଣିରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଜଣେ ପ୍ରଶଂସକ ସାମ୍ନାରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ନିଜର ଖୁସି ବ୍ୟକ୍ତ କରିବା ସକାଶେ କବିତାର ସାହାରା ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଜଣେ ସାଧାରଣ, କିନ୍ତୁ ଅସାଧାରଣ ପ୍ରତିଭାଶାଳୀ ମଣିଷ ଭାବେ ସେ ଉକ୍ତ କବିତାରେ ବର୍ଣ୍ଣନା କରିଥିଲେ। ସେ କହିଛନ୍ତି ଯେ ଆମ ମୁଖ୍ୟମନ୍ତ୍ରୀ ଜଣେ ଶିକ୍ଷକ, ଆମରି ପାଇଁ ସଦା ଖୋଲା ଅଛି ତାଙ୍କ ଅଭିଯୋଗ ପ୍ରକୋଷ୍ଠ। ଜଣେ ଶିକ୍ଷକ ଭାବେ ପ୍ରତି ସାଧାରଣ ମଣିଷର ଦୁଃଖ ଦୂର କରିବା ପାଇଁ ସେ ଚେଷ୍ଟା କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଚାର ବ୍ୟବହାରରେ କୌଣସି ରାଜକୀୟ ଠାଣି ଦେଖାଯାଏନି, କିନ୍ତୁ ଦେଖାଯାଏ ଜଣେ ଶାନ୍ତି, ମୈତ୍ରୀ ଓ ପ୍ରଗତି ବାହକଙ୍କ ଚିତ୍ର। ଜଣେ ସରଳ ଓ ସାଧାରଣ ବ୍ୟକ୍ତି ହୋଇଥିବା ଯୋଗୁଁ ସେ ବାରି ହୋଇପଡ଼ନ୍ତି ସମସ୍ତଙ୍କଠାରୁ। ମୁଖ୍ୟମନ୍ତ୍ରୀଙ୍କ ମହାନତାକୁ ଏପରି କିଛି ଶବ୍ଦରେ ଆଙ୍କିଛନ୍ତି ଉକ୍ତ ପ୍ରଶଂସକ ଜଣକ। ପୂର୍ବରୁ ମଧ୍ୟ ଜଣେ ମହିଳା ମହିଳା ଶ୍ରୀ ମାଝୀଙ୍କୁ ଦେବଦୂତ ବୋଲି କହିଥିଲେ।

ଏସ୍-୪୦୦ ମିସାଇଲ୍‌ର ବ୍ୟାବହାରିକ ପରୀକ୍ଷଣ ସଫଳ



'ଅପରେଶନ ସିନ୍ଦୂର'ରେ ଥିଲା ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଓଡ଼ିଶା ଉପକୂଳସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ଏସ୍-୪୦୦ ଇଣ୍ଟରସେପ୍ଟର ମିସାଇଲ୍‌ର ବ୍ୟାବହାରିକ ପରୀକ୍ଷଣ ସଫଳ ହୋଇଛି। ଆଜି ଅପରାହ୍ନ ୩ଟା ୪୦ ମିନିଟ୍‌ରେ ଏହି ପରୀକ୍ଷଣ କରାଯାଇଥିଲା। ଆକାଶ ମାର୍ଗରେ ଶତ୍ରୁପକ୍ଷର ମିସାଇଲ୍ ଭଳି ଗତି କରୁଥିବା 'ବଂଶୀ' ନାମକ ଏକ ଟାର୍ଗେଟ୍ ଡ୍ରୋନ୍‌କୁ ଏସ୍-୪୦୦ ସଫଳତାର ସହ ଚିହ୍ନଟ କରିବା ସହ ଏହାକୁ ଧ୍ୱଂସ କରିବାରେ ସକ୍ଷମ ହୋଇଛି। ଏହି ପ୍ରଣାଳୀ ୪୦୦ କିମି ପରିଧି ମଧ୍ୟରେ ଶତ୍ରୁପକ୍ଷର ବିମାନ, ଡ୍ରୋନ୍, ବାଲିଷ୍ଟିକ୍ ଓ କ୍ରୁଜ୍ ମିସାଇଲ୍‌କୁ ଚିହ୍ନଟ କରି ନଷ୍ଟବିନଷ୍ଟ କରିବାରେ ସକ୍ଷମ। ସୂଚନାଯୋଗ୍ୟ ଯେ ଗତବର୍ଷ ଏପ୍ରିଲ୍‌ରେ ଭାରତୀୟ ପୃଷ୍ଠା-୬

ତ୍ୱରାନ୍ୱିତ ହେଲା ଅର୍ଥନୈତିକ ରିଜନ ଯୋଜନା



ରାଜ୍ୟ ସରକାରଙ୍କ ସହ ଆଲୋଚନା କଲେ ନିତି ଆୟୋଗ

ଭିଜନ-୨୦୩୬ ଓ ୨୦୪୭ ପାଇଁ ଗଠନ ହେବ କମିଟି

ଜନଜାତି ସଶକ୍ତିକରଣ ଓ ଯୁବଶକ୍ତି ପାଇଁ ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ଗୁରୁତ୍ୱ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ରାଜ୍ୟର ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି ନିତି ଆୟୋଗ ସିଇଓ। ଭୁବନେଶ୍ୱର-କଟକ- ପୁରୀ-ପାରାଦୀପକୁ ନେଇ ଇକୋନୋମିକ ରିଜନ ପ୍ରତିଷ୍ଠା ଓ ଏହାର ଅଗ୍ରଗତି ସାଙ୍ଗକୁ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଆଗାମୀ ୨୦୩୬ ଓ ୨୦୪୭ ଭିଜନ କାର୍ଯ୍ୟକାରୀ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ କମିଟି ଗଠନ କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି। ଆଦିବାସୀଙ୍କ ବିକାଶ ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ ହୋଇଛି। ଏଥିପାଇଁ 'ସତ୍ୱା'କୁ ଦାୟିତ୍ୱ ଦିଆଯାଇଥିବା ନିତି ଆୟୋଗ ସିଇଓ ବି.ଭି.ଆର ସୁବ୍ରମଣ୍ୟମ ସୂଚନା ଦେଇଛନ୍ତି।

ଆଜି ନିତି ଆୟୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ରାଜ୍ୟର ବିଭିନ୍ନ ବିଭାଗୀୟ ସଚିବଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିତି ଆୟୋଗର ଅନ୍ୟତମ ପଦସ୍ଥ ଅଧିକାରୀ ଏସ୍. କିଶୋର ଉପସ୍ଥିତ ଥିବା ବେଳେ ଆୟୋଗର ଅନ୍ୟ ଅଧିକାରୀ ଓ ବିଶେଷଜ୍ଞମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ଲକ୍ଷ୍ୟ ରଖି ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବୈଠକରେ ପୃଷ୍ଠା-୬

ପଥ ଉତ୍ସବରେ ନାଚିଛ, ଏବେ ନାମ ନିଅ

ବ୍ରିଟିଶଙ୍କୁ ବଳିଗଲାଣି ବିଏମସି

ଏଣିକି ରାଜଧାନୀବାସୀ ଦେବେ 'ଲଗାନ୍'

ବିଜେପିର ଅର୍ବାନ ଭୋଟ କାଟିବାକୁ ଚକ୍ରାନ୍ତ



ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଗତ ୧୮ ମାସ ମଧ୍ୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବିଭିନ୍ନ କାର୍ଯ୍ୟକ୍ରମ ବ୍ରିଟିସ ଶାସନ ଠାରୁ ବଳିଗଲାଣି। ରାଜଧାନୀବାସୀ ସବୁ ପ୍ରକାର ସେବା ପାଇଁ କର ଦେଉଥିଲେ। ଏବେ ଅଳିଆ ଉଠେଇବାକୁ ବି ଦେବେ 'ଲଗାନ' (ୟୁଜର୍ସ ଫି)। ସ୍ୱଚ୍ଛ ସର୍ବେକ୍ଷଣରେ ନିଜ ବିଫଳତା ଲୁଚେଇବାକୁ ଭୁବନେଶ୍ୱରବାସୀଙ୍କ ଉପରେ ଆଉ ଗୋଟେ ବୋଝ ଲଦି ଦିଆଯାଉଛି।

ଏଣିକି ଭୁବନେଶ୍ୱର ବାସିନ୍ଦା ପ୍ରତିବର୍ଷ ବିଏମସିକୁ ଦେବେ ହୋଲ୍ଡିଂ ଟିକସ। ରାସ୍ତାରେ ଲାଇଟ୍ ଜଳିବ, ସେଥିପାଇଁ ବି ଲୋକେ ଗଣିବେ ଟଙ୍କା। ସ୍ୱେରେଜ ସଫା ପାଇଁ ଦେବେ ପଇସା। ଘର ମରାମତି ପାଇଁ ଘର ଆଗରେ ବାଲି, ଗୋଡ଼ି ରଖିଲେ ବି ଟିକସ ଦେବାକୁ ପଡ଼ିବ। ଯଦି ନ ଦେବେ, ତା'ହେଲେ ସେସବୁକୁ ବିଏସମି ସିଜ୍ କରିଦେବାକୁ ନାଲିଆଖି ଦେଖାଉଛି। ଏବେ ପୁଣି ଅଳିଆ ସଂଗ୍ରହ ପାଇଁ ବି ବିଏମସି ଲୋକଙ୍କଠାରୁ ୟୁଜର୍ସ ଫି' ନେବ। ଏହା ବ୍ରିଟିଶ୍ ଶାସନ ଅମଳରେ ଆଦାୟ ହେଉଥିବା 'ଲଗାନ' ସଦୃଶ ନୁହେଁ ତ ଆଉ କ'ଣ ବୋଲି ସିଟିଜେନ ଫୋରମ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏଥିସହ ସିଟିଜେନ ଫୋରମ କହିଛି ଯେ ପଥ ଉତ୍ସବରେ ରାଜଧାନୀବାସୀ ନାଚିଥିଲେ, ଏବେ 'ଲଗାନ' ଦେବାକୁ ସେମାନେ ପ୍ରସ୍ତୁତ ହୋଇଥିବା ଦରକାର।

ଆର୍ଥିକ ଅସ୍ୱଚ୍ଛଳ ପରିବାର ଓ ଏଲଆଇଜି ଘର ପିଛା ମାସକୁ ୫୦ ଟଙ୍କା, ଏମଆଇଜି ପାଇଁ ୭୫ ଟଙ୍କା ଓ ଏଚଆଇଜି ପାଇଁ ୧୨୫ ଟଙ୍କା ୟୁଜର୍ସ ଫି' ଧାର୍ଯ୍ୟ କରାଯାଇଛି। ଏହାଛଡ଼ା ଗେଷ୍ଟ ହାଉସ, ସପିଙ୍ଗ ମଲ, ହାଟ, ରାସ୍ତାକଡ଼ର ଉଠା ଦୋକାନୀ, ଗୋଦାମ, ହୋଟେଲ, ରେସ୍ତୋରାଁ, ଢାବା, ମଦ ଦୋକାନ, ସ୍କୁଲ, କୋଚିଂ ସେଣ୍ଟର ଆଦି ବି ଏହି ୟୁଜର୍ସ ଫି' ଦେବାକୁ ବାଧ। କାରଣ କ'ଣ ? ଆସନ୍ତା ଫେବ୍ରୁଆରୀ ୧ ତାରିଖରୁ ଆରମ୍ଭ ହେବ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସର୍ବେକ୍ଷଣ। ଏଥିରେ ବିଏମସି କିଭଳି ଏକ ନମ୍ବରରେ ରହିବ, ସେଥିପାଇଁ ଏହି ଯୋଜନା। ଏଥିସହ ଲୋକଙ୍କଠାରୁ 'ଲଗାନ' ଆଦାୟ କରି ବିଏମସି ନିଜର ଆୟ ବୃଦ୍ଧି କରିବାକୁ ଲକ୍ଷ୍ୟ କରିଛି। କେବଳ ସେତିକି ନୁହେଁ, ଏଣିକି ସବୁ ଲୋକ ନିଜ ଘରର ଅଳିଆକୁ ଓଦା, ଶୁଖିଲା, ଅନ୍ୟାନ୍ୟ ଏମିତି ପୃଥକ ପୃଥକ କରି ଅଳିଆ ଗାଡ଼ିକୁ ଦେବେ। ସିଟିଜେନ ପୃଷ୍ଠା-୬

ଦେବ୍ରିଗଡ଼କୁ ଆସିବେ ଦୁଇ ନୂଆ ବାଘ



ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଦେବ୍ରିଗଡ଼କୁ ଆସିବେ ଦୁଇ ନୂଆ ବାଘ। ଖୁବଶୀଘ୍ର ଦୁଇଟି ବାଘ ଆଣିବାକୁ ଯୋଜନା ଚାଲିଛି। ନ୍ୟାସନାଲ ଟାଇଗର କନଜର୍ଭେସନ୍ ସହ ଏ ନେଇ ଯୋଗାଯୋଗ କରାଯାଉଛି। ତେବେ ଦେବ୍ରିଗଡକୁ ବାଘ ଆଣିବାକୁ ହେଲେ ସ୍ଥାନୀୟ ଲୋକଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ହେଉଥିବାରୁ ଏନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ଜାରି ରହିଛି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ। ସେ କହିଛନ୍ତି ଯେ ଶିମିଳିପାଳକୁ ଯମୁନା ଓ ଜିନତକୁ ଅଣାଯାଇଥିଲା। ମାତ୍ର ଅଦ୍ୟାବଧି ସେମାନଙ୍କ ମାଧ୍ୟମରେ କୌଣସି ପ୍ରକାର ବଂଶବୃଦ୍ଧି ନେଇ ସଫଳତା ମିଳିପାରିନାହିଁ। ତେବେ ସେମାନେ ସୁରକ୍ଷିତ ଅଛନ୍ତି ଓ ବଂଶବୃଦ୍ଧି ଦିଗରେ ପ୍ରୟାସ ବି ଜାରି ରହିଛି। ଜିପିଏସ ମାଧ୍ୟମରେ ସେମାନଙ୍କ ଉପରେ କଡ଼ା ନଜର ବି ରଖାଯାଇଛି। କ୍ୟାମେରା ମାଧ୍ୟମରେ ମନିଟରିଂ ଜାରି ରହିଥିବା ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଲାଲ୍‌କିଲ୍ଲା ଅଭିଭାଷଣ ସଂକଳନ ଉନ୍ମୋଚିତ

ଦେଶବାସୀଙ୍କ ନିକଟରେ ପହଞ୍ଚିବ ମୋଦିଙ୍କ ସଂକଳ୍ପ: ଧର୍ମେନ୍ଦ୍ର



'ବିକଶିତ ଭାରତ' ସହ ନାଗରିକଙ୍କୁ ଯୋଡ଼ିବ

ଜାତୀୟ ଉର୍ଦ୍ଦୁ ଭାଷା ବିକାଶ ପରିଷଦ ପ୍ରୟାସକୁ ପ୍ରଶଂସା

ନୂଆଦିଲ୍ଲୀ,୫।୧: କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏଠାରେ ଜାତୀୟ ଉର୍ଦ୍ଦୁ ଭାଷା ବିକାଶ ପରିଷଦ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଖୁତବାତ୍-ଏ-ମୋଦି'ର ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ ଦୀର୍ଘ ୧୧ ବର୍ଷ ଧରି ଐତିହାସିକ ଲାଲକିଲ୍ଲାରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସ୍ୱାଧୀନତା ଦିବସ ଅଭିଭାଷଣଗୁଡ଼ିକର ଏକ ସଂକଳନ। ପୁସ୍ତକ ଉନ୍ମୋଚନ ପର୍ବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ପୁସ୍ତକଟି ନାଗରିକମାନଙ୍କୁ ଦେଶର ଆଶା, ଆକାଂକ୍ଷା ଓ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ବିଚାରଧାରା ସହ ଯୋଡ଼ିବା ଦିଗରେ ଏକ ସେତୁ ଭାବେ କାର୍ଯ୍ୟ କରିବ। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ଥାନ ପାଉଥିବା ଅନ୍ତ୍ୟୋଦୟ, ଗରିବ କଲ୍ୟାଣ, ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା ସମେତ ୧୪୦ କୋଟି ଭାରତୀୟଙ୍କ ପୃଷ୍ଠା-୬

ଭିଜିଲାନ୍ସ ଜାଲରେ ଫସିଲେ ଦୁଇ ଯନ୍ତ୍ରୀ

ବିଲ୍ ପାସ୍ ପାଇଁ ନେଉଥିଲେ ଲାଞ୍ଚ





ଉଦଳା,୫।୧(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଦୁଇ ଯନ୍ତ୍ରୀ। ଜନୈକ ଠିକାଦାରଙ୍କଠାରୁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଏହି ଦୁଇ ଯନ୍ତ୍ରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଯାଇଛନ୍ତି। ବିଲ୍ ପାସ୍ କରାଇଦେବା ସକାଶେ ଲାଞ୍ଚ ନେଉଥିବା ଏହି ଦୁଇ ଯନ୍ତ୍ରୀଙ୍କ ମଧ୍ୟରୁ ଜଣେ ମୟୂରଭଞ୍ଜ ଜିଲ୍ଲା ଉଦଳା ସବ୍‌ଡିଭିଜନ୍ ଉଠା ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଏଇ) ହରେକୃଷ୍ଣ ସିଂ ହୋଇଥିବା ବେଳେ ପୃଷ୍ଠା-୬

ରାଜ୍ୟସଭା ପାଇଁ ବଳ ଖଟାଉଛନ୍ତି ବବି



ଗଢ଼ିଲେଣି ପ୍ରେସର ଗ୍ରୁପ

ହାଇକମାଣ୍ଡଙ୍କୁ ବି ମାରୁଛନ୍ତି ତେଲ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ବିଜେଡିର ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଆସନ୍ତା ଏପ୍ରିଲରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇ ଦିଲ୍ଲୀ ଯିବାକୁ ବଳ ଖଟାଇବା ଆରମ୍ଭ କରିଛନ୍ତି। ଯେମିତି ହେଲେ ଦିଲ୍ଲୀ ଯିବା ପାଇଁ ଗୋଟିଏ ପଟେ ପ୍ରେସର ଗ୍ରୁପ୍ ତିଆରି କରି ଦଳୀୟ ନେତୃତ୍ୱଙ୍କ ଉପରେ ଚାପ ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ତେଲ ମାରିବାକୁ ବି ପଛାଉନାହାନ୍ତି।

ଉଲ୍ଲେଖନୀୟ ଯେ ଆସନ୍ତା ଏପ୍ରିଲରେ ଓଡ଼ିଶାର ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ୪ଟି ଆସନ ଉପରେ ଏବେ ବିଜେପି, ବିଜେଡି ସହ କଂଗ୍ରେସର ବି ନଜର ରହିଛି। ତେବେ ବିଧାନସଭାର ସଂଖ୍ୟା ଗଣିତ ଅନୁସାରେ, ବିଜେପି ୨ ଜଣଙ୍କୁ ଓ ବିଜେଡି ଜଣଙ୍କୁ ନିଜ ବଳରେ ରାଜ୍ୟସଭାକୁ ପଠାଇପାରିବେ। ତେବେ ଚତୁର୍ଥ ପ୍ରାର୍ଥୀଙ୍କୁ ଦିଲ୍ଲୀ ପଠାଇବାକୁ ହେଲେ ଯେକୌଣସି ଦୁଇ ଦଳ ମଧ୍ୟରେ ସହମତି ନିହାତି ଜରୁରୀ ହୋଇପଡ଼ିଛି। ଏଭଳି ସ୍ଥିତିରେ ଗତ ନିର୍ବାଚନରେ ହାରି ରାଜ୍ୟ ରାଜନୀତିରେ ଏକପ୍ରକାର ବେକାର ହୋଇ ବସିଥିବା ବବି ଦାସ ରାଜ୍ୟସଭାକୁ ଯିବା ପାଇଁ ସଜବାଜ ଆରମ୍ଭ କରିଦେଇଛନ୍ତି। ଦଳୀୟ ହାଇକମାଣ୍ଡ ଯେଭଳି ତାଙ୍କୁ ପ୍ରଥମ ପ୍ରାର୍ଥୀ କରିବେ, ସେଥିପାଇଁ ନିଜ ନିଜ ସମର୍ଥକଙ୍କ ଜରିଆରେ ସେ ଚାପ ସୃଷ୍ଟି ପୃଷ୍ଠା-୬

ଚତୁର୍ଥ ପ୍ରାର୍ଥୀ ଖୋଜିଲାଣି ବିଜେଡି

ରାଜ୍ୟସଭା ପାଇଁ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ନୀରବ ରହୁଥିବା ବିଜେଡି ଏବେ ଏଥିପାଇଁ ପ୍ରାର୍ଥୀ ସନ୍ଧାନରେ ଥିବା ସୂଚନା ମିଳୁଛି। ଜଣେ ଓଜନିଆ ନେତାଙ୍କୁ ପ୍ରାର୍ଥୀ କରି ଉଭୟ କଂଗ୍ରେସ ଓ ବିଜେପି ସମର୍ଥନରେ ତାଙ୍କୁ ରାଜ୍ୟସଭା ପଠାଇବାକୁ ବିଜେଡି ଅଣ୍ଟା ଭିଡ଼ିଛି। ତେବେ ହେଉଥିବା ଆଲୋଚନା ଅନୁଯାୟୀ, ବିଜେଡି ନଜରରେ ଏବେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ବରିଷ୍ଠ ପୁଲିସ୍ ଅଧିକାରୀ ଅରୂପ ପଟ୍ଟନାୟକ, ନବୀନଙ୍କ ରାଜନୈତିକ ପରାମର୍ଶଦାତା ସଂତୃପ୍ତ ମିଶ୍ର, ପୂର୍ବତନ ପ୍ରଶାସକ ମନୋଜ ମିଶ୍ରଙ୍କ ସମେତ ଆଉ କିଛି ନିର୍ବିବାଦୀୟ ବ୍ୟକ୍ତିବିଶେଷ ବି ରହିଛନ୍ତି। ଏମାନଙ୍କୁ ପ୍ରାର୍ଥୀ କଲେ ବିଜେପି ଓ କଂଗ୍ରେସ ନିଶ୍ଚିତ ସମର୍ଥନ ଦେବେ ବୋଲି ବିଜେଡି ହାଇକମାଣ୍ଡ ବିଚାରୁଛନ୍ତି। ଏହା ହେଲେ ଦୁଇ ସାଂସଦଙ୍କ ଦଳବଦଳ ପରେ ବିଜେଡିର ଯେଉଁ କ୍ଷତି ହୋଇଛି, ତାହାକୁ କିଛି ପରିମାଣରେ ଦଳ ଭରଣା କରିପାରିବ ବୋଲି କୁହାଯାଉଛି।

ଜଗବନ୍ଧୁଙ୍କୁ ଠକିଦେଲା କି ପ୍ରଶାସନ ?

ବର୍ଷେ ବିତିଲା, ମିଳିଲାନି ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନ୍ ଚାଉଳ

ମହାକାଳପଡ଼ା,୫।୧ (ସଂଚାର ବ୍ୟୁରୋ): ଜଣେ ସମ୍ପୂର୍ଣ୍ଣ ମାନସିକ ବିକାରଗ୍ରସ୍ତ ଅର୍ଥାତ୍ ହାତ ଗୋଡ଼ ବନ୍ଧାହୋଇ ପଡ଼ି ରହୁଥିବା ଜଣେ ୭୧ ବର୍ଷୀୟ ବୃଦ୍ଧ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଛନ୍ତି। ତାଙ୍କର ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ହୋଇ ପାରିନାହିଁ। ରାସନ୍ କାର୍ଡରେ ନାଆଁ ଥାଇ ମଧ୍ୟ ରାସନ୍ ଚାଉଳ ପାଇବାରୁ ବଞ୍ଚିତ ଅଛନ୍ତି। ଏନେଇ ପ୍ରଶାସନ ଆଖିବୁଜି ଦେଇଥିବା ଅଭିଯୋଗ କରିଛନ୍ତି ଲୋକେ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଦପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ (୭୧ ବର୍ଷ) ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ବ୍ୟକ୍ତି। ଦୀର୍ଘବର୍ଷ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡ଼ିଛନ୍ତି। ଚାଲିବୁଲି ପାରୁ ନଥିବା ଜଗବନ୍ଧୁଙ୍କ ପାଇଁ ପତ୍ନୀ ଆରତୀ ତାଙ୍କ ନିତ୍ୟକର୍ମ କରାଉଛନ୍ତି। ତାଙ୍କର ଆଧାର କାର୍ଡ ନଥିଲା ବୋଲି ୧୧ ଡିସେମ୍ବର ୨୦୨୪ରେ ପ୍ରଥମେ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଅର୍ଥାତ୍ ୧୦ ଜାନୁଆରୀ ୨୦୨୫ରେ ଆଧାର ଟିମ୍ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଆଧାର କାର୍ଡ କରାଇଥିଲା। ଆଧାର କାର୍ଡ କରିବା ପରେ ସେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଇ ନାହିଁ ପ୍ରଶାସନ। କେବଳ ସେତିକି ନୁହେଁ ଯେଉଁ ଆଧାର କାର୍ଡ ପାଇଁ ତାଙ୍କ ନାମ ରାସନ୍ କାର୍ଡରେ ଥାଇ ମଧ୍ୟ ଚାଉଳ ମିଳୁନଥିଲା ଆଧାର କାର୍ଡ ମିଳିବା ପରେ ମଧ୍ୟ ତାଙ୍କୁ ଚାଉଳ ବି ମିଳୁନି। ଏ ସମସ୍ତ ଘଟଣାକୁ ବିଚାର କଲେ ଜଗବନ୍ଧୁଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଯେ ଉପହାସ କରୁଛି ତାହା ବେଶ୍ ଅନୁମେୟ। ରାଜ୍ୟ ସରକାର ଭିନ୍ନକ୍ଷମ ମାନଙ୍କ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ କାହିଁକି ଜଗବନ୍ଧୁଙ୍କ ପାଇଁ ପ୍ରଶାସନ ଚୁପ୍ ବସିଛି ତାହା ଏବେ ବଡ଼ ପ୍ରଶ୍ନବାଚୀ।

ସାମାଜିକ ସୁରକ୍ଷା ବ୍ୟବସ୍ଥା କାହା ପାଇଁ?

ଚାଉଳ ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ପରିବାର ଲୋକେ ଦାବି କରିଛନ୍ତି। ଖବର ପ୍ରକାଶ ପରେ କେବେ ପ୍ରଶାସନ ଜଗବନ୍ଧୁଙ୍କ ସମସ୍ୟା ସମାଧାନ କରୁଛି ତାହା ଦେଖିବାକୁ ବାକି ରହିଲା।

ତୁରନ୍ତ ଏହି ଘଟଣାରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଜଗବନ୍ଧୁଙ୍କୁ ପରୀକ୍ଷା କରାଇ ତୁରନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ଓ ରାସନ୍



ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଯାଇ ତହସିଲଦାର ହଟହଟା



ଡେରାବିଶ,୫।୧ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଯାଇ ଶନିବାର ପୁଲିସ ପ୍ରଶାସନ ଉପସ୍ଥିତିରେ ଡେରାବିଶ ତହସିଲଦାର ଓ ଅତିରିକ୍ତ ତହସିଲଦାର ହଟହଟା ହେବା ପରି ଘଟଣା ଡେରାବିଶ ଥାନା ଅଧିନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସାତବାଟିଆ ଗ୍ରାମରେ ଦେଖାଯାଇଛି। ଗ୍ରାମର ଲକ୍ଷ୍ମୀ ମନ୍ଦିରର ବେଶୀ ଅଂଶ ଭାଙ୍ଗି ଗ୍ରାମବାସୀଙ୍କ ଦ୍ୱାରା ଘେରାଇ ଆକ୍ରୋଶର ଶିକାର ହୋଇଥିବା ପ୍ରଶାସନ ଶେଷରେ ମନ୍ଦିର ମରାମତି ପ୍ରତିଶୃତି ଦେବା ପରେ ଘଟଣାର ସମାଧାନ ହୋଇଥିବା ଜଣାଯାଇଛି।

ଧାନ ଚୋରିକୁ ବିରୋଧ କରିବାରୁ ଆକ୍ରମଣ

ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କଲା ପୁଲିସ

ମହାକାଳପଡ଼ା,୫।୧(ସଂଚାର ବ୍ୟୁରୋ): ଧାନ ଚୋରିକୁ ବିରୋଧ କରିବାରୁ ଜଣେ ଧାନ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କ ହାତ ଭାଙ୍ଗିଯିବା ସହିତ ମୁହଁରେ ଗଭୀର ଆଘାତ ଲାଗିବାରୁ ସେ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ କରି ଆକ୍ରମଣ କରିଥିବା ଦୁଇ ଅଭିଯୁକ୍ତ ଙ୍କୁ ଗିରଫ ପରେ ପୁଲିସ କୋର୍ଟ ଚାଲାଣ କରିଛି ।



ସୂଚନା ମୁତାବକ ମହାକାଳପଡ଼ା ଥାନା ଅଧୀନ ଦେଉଳପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମର ଧାନ ବ୍ୟବସାୟୀ ମନ୍ମଥ ବସକ୍ତିଆ(୬୩) ଓ ବାଙ୍କିଛନ୍ଦା ଗ୍ରାମର ନାରାୟଣ ବେହେରା (୫୮) ଏବଂ ତାଙ୍କ ପୁଅ ସୁଦର୍ଶନ ବେହେରା(୩୦) ଉଭୟ ଗ୍ରାମରୁ ଧାନ ସଂଗ୍ରହ କରି ବିଭିନ୍ନ ଚାଉଳ ମିଲ୍‌କୁ ବିକ୍ରୟ କରନ୍ତି। ନାରାୟଣ ଓ ତାଙ୍କ ପୁଅ ପ୍ରାୟ ୧୦-୧୨ ବର୍ଷ ଧରି ଧାନ ବ୍ୟବସାୟ କରୁଥିବା ବେଳେ ମନ୍ମଥ ୩-୪ ବର୍ଷ ଧରି ଧାନ ବ୍ୟବସାୟ କରୁଛନ୍ତି। ମନ୍ମଥଙ୍କ ଛଅ ବସ୍ତା ଧାନ ନାରଣ ଓ ତାଙ୍କ ପୁଅ ଚୋରେଇ ନେଇ ତାଙ୍କ ଧାନଗଦାରେ ରଖିଥିବା ମନ୍ମଥ ଉଭୟ ବାପା ଓ ପୁଅଙ୍କୁ ପଚାରିବାରୁ ରବିବାର ଅପରାହ୍ନରେ ମନ୍ମଥଙ୍କୁ ଉଭୟ ଆକ୍ରମଣ କରିଥିଲେ। ମନ୍ମଥଙ୍କ ମୁହଁରେ ଗଭୀର ଆଘାତ ଲାଗିବା ସହିତ ତାଙ୍କ ଡାହାଣ ହାତର ହାଡ ଭାଙ୍ଗି ଯାଇଛି। ମନ୍ମଥ ଏନେଇ ମହାକାଳପଡ଼ା ଥାନାରେ ରବିବାର ସନ୍ଧ୍ୟାରେ ଏତଲା ଦେବା ପରେ ବିଏନଏସ ଧାରା ଅଧିନିୟମ ୧୨୬(୨)/୨୯୬/୧୧୫(୨)/୧୧୭(୨)/୧୦୯(୧)/୩(୫) ଆଧାରରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟକୁ ପଠାଇ ଦେଇଛି ମହାକାଳପଡ଼ା ପୁଲିସ।

ତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୬୭୩୮୧ ଟଙ୍କା



ମହାକାଳପଡ଼ା,୫।୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଅଞ୍ଚଳର ସୁପ୍ରସିଦ୍ଧ ଶକ୍ତିପୀଠ ମା' ତାରିଣୀ ମନ୍ଦିର ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ଆଜି ପୂର୍ବାହ୍ନ ୧୧ ଟା ସମୟରେ ଦେବୋତ୍ତର ନିରୀକ୍ଷକ ଶକ୍ତି ପ୍ରସାଦ ନାୟକ, ମାଜିଷ୍ଟ୍ରେଟ ଭାବେ ମହାକାଳପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର,ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡ ଓ ମାର୍ଶାଘାଇ ଥାନା ଅଧିକାରୀ ଇନ୍ସପେକ୍ଟର ତପନ କୁମାର ନାୟକଙ୍କ ଉପସ୍ଥିତିରେ ହୋଇଥିବା ଏହି ଗଣତିରେ ମା ତାରିଣୀ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ, ରାଜସ୍ୱ ବିଭାଗ କର୍ମଚାରୀ ଓ ମନ୍ଦିରର କର୍ମଚାରୀମାନେ ଗଣତିରେ ସାମିଲ ହୋଇଥିଲେ। ଗଣତିରେ ହୁଣ୍ଡି ଦାନବାକ୍ସ ମଧ୍ୟରୁ ନଗଦ ଟ ସତଶଠି ହଜାର ତିନିଶହ ଏକାଅଶି ଟଙ୍କା ସଂଗ୍ରହ କରାଯାଇ ମନ୍ଦିର ଟ୍ରଷ୍ଟ ବୋର୍ଡ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବା ନିମନ୍ତେ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଛି। ଆଜି ଉପସ୍ଥିତ ରହିବା ପାଇଁ ନୋଟିସ ଦିଆଯାଇଥିଲେ ମଧ୍ୟ ପୂର୍ବ ପରିଚାଳନା କମିଟି ସହ ସଂପାଦକ ଗୌରାଙ୍ଗ ଚରଣ ସାମନ୍ତରାୟ ନ ଆସିବାରୁ ଦୁଇଟି ହୁଣ୍ଡି ଓ ରସିଦ୍ ଅର୍ଥ ହିସାବ ହୋଇପାରି ନାହିଁ। ଆସନ୍ତା ସାତଦିନ ମଧ୍ୟରେ ସେ ହିସାବ କରି ଅର୍ଥ ପଇଠ ନ କଲେ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନିଷ୍ପତ୍ତି ହୋଇଥିବା ପରିଚାଳନା ଟ୍ରଷ୍ଟି ଦୀନବନ୍ଧୁ ଲେଙ୍କା ସୂଚନା ଦେଇଛନ୍ତି।

● ମହିଳା ବିଡିଓଙ୍କୁ କାର୍ଯ୍ୟାଳୟରେ ବିଜେପି ନେତାଙ୍କ ସଙ୍ଘବଦ୍ଧ ଆକ୍ରମଣ ଘଟଣା

ବ୍ଲକ ସମ୍ମୁଖରେ ସରପଞ୍ଚ, ସମିତିସଭ୍ୟ ଓ ସମର୍ଥକଙ୍କ ଧାରଣା



ରାଜନଗର,୫।୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟଳୟରେ ସଙ୍ଘବଦ୍ଧ ଭାବେ ଘେରିବା ସହ ସରକାରୀ ଲାପଟପ ଉଠାଇ ମାରିବାକୁ ଉଦ୍ୟମ ଘଟଣା ସବୁ ମହଲରେ ଉଦବେଗ ସୃଷ୍ଟି କରିଛି। ଘଟଣାକୁ ୭୨ଘଣ୍ଟା ପରେବି ଅଭିଯୁକ୍ତ ଗିରଫ ହୋଇନଥିବାରୁ ଏହାକୁ ନେଇ ପତିକ୍ରିୟା ବଢ଼ିବାରେ ଲାଗିଛି। ଆଜି ଅଫିସ ଖୋଲିବା ପୂର୍ବରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟଓ ତାଙ୍କ ସମର୍ଥକମାନେ ବ୍ଲକ କାର୍ଯ୍ୟଳୟରେ ତାଲା ପକାଇ ଗଣଧାରଣାରେ ବସିରହିଥିଲେ। ପଞ୍ଚାଯତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର , ଉପଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ସଂହାର ସଭାପତି ଅଶୋକ କୁମାର ମହାନ୍ତି, ଡେରା ପଞ୍ଚାଯତର ସରପଞ୍ଚ ତଥା ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ସରପଞ୍ଚ , ସମିତିସଭ୍ୟ ଓ ତାଙ୍କ ସମର୍ଥକମାନେ ଗଣଧାରଣାରେ ବସିଥିଲେ। ଆଜି ଦିନ ତମାମ ବ୍ଲକ ଅଫିସର ସବୁ ବିଭାଗରେ କାର୍ଯ୍ୟ ବନ୍ଦ ରହିଛି। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ , ତହସିଲଦାର ଯୀଶୁକୃଷ୍ଣ ଦାସ ବ୍ଲକ କାର୍ଯ୍ୟଳୟରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଅଭିଯୁକ୍ତଙ୍କୁ ଗିରଫ ନକରାଯିବା ଯାଏଁ ବ୍ଲକରେ ପ୍ରତିଦିନ ତାଲା ପକାଇ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ପ୍ରଶାସନକୁ କହିଛନ୍ତି।

ଅଗ୍ନିକାଣ୍ଡ ଘଟି ଗୁହାଳ ସମେତ ୨ବଖରା ଘର ଜଳିଗଲା, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ସାଲେପୁର,୫।୧ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ବଖରା ଘର ଓ ଏକ ଗାଈ ପୋଡ଼ିଯାଇଥିବାବେଳେ ଘର ମଧ୍ୟରେ ଥିବା ପ୍ରାୟ ୮ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ସନ୍ଧ୍ୟାରେ ସାଲେପୁର ବ୍ଲକ ଅନ୍ତର୍ଗତ ଉତ୍ତୋଳ ଗ୍ରାମର ମଙ୍ଗୁଳି ପରମାଣିକ ପ୍ରଥମେ ଗୁହାଳ ଘରେ ନିଆଁ ଲାଗି ସେ ରହୁଥିବା ବାସଗୃହରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ଏକ ଗାଈ ୮ଠଭାଗ ପୋଡ଼ିଯାଇଥିବାବେଳେ ମଙ୍ଗୁଳି ରହୁଥିବା ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଘର ମଧ୍ୟରେ ଥିବା ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସାଲେପୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଲାବେଳକୁ ଗୁହାଳ ଘର ସମେତ ୨ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ମଙ୍ଗୁଳି ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

ଜାତୀୟ ରାଜପଥର ଶିଳିପୁର ଛକ ଅଣ୍ଡରପାସ୍ ସମ୍ପ୍ରସାରଣ ଦାବି

ଆମରଣ ଅନଶନରେ ବସିଲେ ସ୍ଥାନୀୟ ଲୋକେ



ମାର୍ଶାଘାଇ,୫।୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ୫୩ ନମ୍ବର (କ) ଶିଳିପୁର ଛକସ୍ଥିତ ଅଣ୍ଡରପାସ୍ ଅତ୍ୟନ୍ତ ସଂକୀର୍ଣ୍ଣ ଓ ବିପଦଜନକ ଥିବାରୁ ଏହାର ସମ୍ପ୍ରସାରଣ ଦାବିରେ ଆଜିଠାରୁ ସ୍ଥାନୀୟ ଲୋକମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଦୀର୍ଘଦିନ ଧରି ଶିଳିପୁର ଛକର ଏହି ଅଣ୍ଡରପାସ୍ ମାଧ୍ୟମରେ ଗାଁ ଓ ସହରକୁ ଯୋଗାଯୋଗ କରୁଥିବା ଲୋକମାନେ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଣ୍ଡରପାସ୍ ଅତ୍ୟଧିକ ସଂକୁଚିତ ଓ ନିମ୍ନ ଉଚ୍ଚତା ଥିବାରୁ ଛୋଟ ଯାନବାହନ, ଆମ୍ବୁଲାନ୍ସ, ଟ୍ରାକ୍ଟର ଓ ଟ୍ରକ୍ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଏହା ସହ ବର୍ଷା ସମୟରେ ପାଣି ଜମି ରହି ଦୁର୍ଘଟଣାର ଆଶଙ୍କା ବଢ଼ାଉଛି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଯେ, ବାରମ୍ବାର ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ମିଳୁନାହିଁ। ଏହି କାରଣରୁ ବାଧ ହୋଇ ଲୋକେ ଆମରଣ ଅନଶନ ମାର୍ଗ ଅପନାଇଛନ୍ତି।

ଆନ୍ଦୋଳନକାରୀମାନେ ସ୍ପଷ୍ଟ କରିଛନ୍ତି ଯେ, ଯେପର୍ଯ୍ୟନ୍ତ ଶିଳିପୁର ଛକ ଅଣ୍ଡରପାସ୍‌କୁ ପୂର୍ଣ୍ଣ ରୂପେ ସମ୍ପ୍ରସାରଣ କରି ଲୋକମାନଙ୍କ ପାଇଁ ସୁରକ୍ଷିତ ଯାତାୟାତ ସୁବିଧା ଯୋଗାଇ ନଦିଆଯିବ, ସେପର୍ଯ୍ୟନ୍ତ ତାଙ୍କର ଆନ୍ଦୋଳନ ଜାରି ରହିବ।

ଏହି ଆନ୍ଦୋଳନକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ଓ ପ୍ରଶାସନର ତତ୍କାଳ ହସ୍ତକ୍ଷେପ ପାଇଁ ଲୋକମାନେ ଦାବି କରୁଛନ୍ତି।

ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘ ଗଠିତ



ସାଲେପୁର,୫।୧ (ସଂଚାର ବ୍ୟୁରୋ): ଆଜି ଅପରାହ୍ଣ ରେ ସାଲେପୁର ମା'ସାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ମହାସଂଘ ପକ୍ଷରୁ ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘ ଗଠିତ ହୋଇଯାଇଛି। ଉପଭୋକ୍ତା ସଂଘର ସଭାପତି ନନ୍ଦକିଶୋର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଦ୍ୟୁତ୍ ସେକ୍ସନ୍‌ର ଶତାଧିକ ବିଦ୍ୟୁତ୍ ଉପଭୋକ୍ତାମାନେ ଯୋଗଦେଇ ଟି.ପି.ସି.ଓ.ଡି.ଏଲ୍. ଚଳାଇଥିବା ଗ୍ରାହକମାରଣ ନୀତି ଓ ମନମୁଖୀ କାର୍ଯ୍ୟର ତୀବ୍ର ସମାଲୋଚନା କରିବା ସହ ଆଗାମୀ ଦିନରେ ଏହାକୁ ପ୍ରତିରୋଧ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା। ସେହିପରି ସାଲେପୁର ବିଦ୍ୟୁତ୍ ସେକ୍ସନ୍ ଉପଭୋକ୍ତା ସଂଘର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରତାପ ଚନ୍ଦ୍ର ଭୂୟାଁ, ଉପସଭାପତି ଭାବେ ଅଶ୍ୱିନୀ କୁମାର ଦାସ, ସମ୍ପାଦକ ଭାବେ ସବ୍ୟସାଚି ଦାସ, ସହସମ୍ପାଦକ ଦିଲ୍ଲୀପ କୁମାର ସାହୁ, କୋଷାଧକ୍ଷ ସତ୍ୟଶିବ ସୁନ୍ଦର କର, ଉପଦେଷ୍ଟା ମଣ୍ଡଳୀରେ ବିଶ୍ୱମୋହିତ କର, ଦିଲ୍ଲୀପ କୁମାର ଦାଶ, ସୁନୀଲ ମହାପାତ୍ର, କିରଣ କୁମାର ଭୂୟାଁ, ଅଭୟ କୁମାର ନାୟକ, ମହେଶ୍ୱର ମଲ୍ଲିକ, ହେମନ୍ତ କୁମାର ଭୂୟାଁ ବିରଞ୍ଚିନାରାୟଣ କର ମନୋନୀତ ହୋଇଥିଲେ। ସେହିପରି ଆଗାମୀ ଦିନରେ ସଂଘ ଟି.ପି. ସି.ଓ.ଡି.ଏଲ୍. ଚଳାଇଥିବା ଗ୍ରାହକ ମାରଣନୀତି ଓ ଗ୍ରାହକଙ୍କ ସ୍ୱାର୍ଥ ଦୃଷ୍ଟିରୁ କାର୍ଯ୍ୟ କରିବ ବୋଲି ଆଲୋଚନା ହୋଇଥିଲା।

ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର



ପଟ୍ଟାମୁଣ୍ଡାଇ,୫।୧ (ସଂଚାର ବ୍ୟୁରୋ):ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସଜ୍ଜିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି ଉପଜିଲ୍ଲାପାଳ ଅରୁଣ ନାୟକ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ,ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡ଼ିଓ ଶୀତଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ଏହି ମିଳିତ ଜନଶୁଣାଣୀ ଶିବିରରେ ଆଗତ ୧୦୮ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଥିଲା ।

ଲୋକଙ୍କୁ ମିଳୁନି ପାନୀୟ ଜଳ

ପାଇପ ଫାଟି ପାଟନାଳୀରେ ପଡୁଛି



ଡେରାବିଶ,୫।୧ (ସଂଚାର ବ୍ୟୁରୋ): ସରକାର ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ପାଣି ଟାଙ୍କି ନିର୍ମାଣ କରି ପାନୀୟ ଜଳର ସୁବନ୍ଦୋବସ୍ତ କରିଛନ୍ତି । ପ୍ରତ୍ୟେକ ଉପଭୋକ୍ତାଙ୍କ ଘରକୁ ପାଇପ ଯୋଗେ ପାନୀୟ ଜଳ ଦିଆଯିବା ପାଇଁ ସବୁ ପ୍ରକାର ଉଦ୍ୟମ ମଧ୍ୟ କରାଯାଇଛି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଚାନ୍ଦୋଳ ପଞ୍ଚାୟତରେ। ଏହି ପଞ୍ଚାଯତର କେତେକ ଗ୍ରାମବାସୀ ପିଇବା ପାଣି ପାଇପାରୁ ନ ଥିବା ବେଳେ ପାଇପ ଫାଟିବା ଫଳରେ ପାନୀୟ ଜଳ ପାଟନାଳୀକୁ ଯାଇ ନଷ୍ଟ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି ।

ଘଟଣାରୁ ପ୍ରକାଶ ଯେ ଚାନ୍ଦୋଳ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ କଡ଼ରେ ପାଣି ପାଇପ ବିଛା ଯାଇଛି। ବଜାର ମଧ୍ୟରେ ଯାଇଥିବା ୨୦ ନଂ ପାଟନାଳୀ ଉପରେ ପଡ଼ିଥିବା ପାଇପ ଫାଟି ପାନୀୟ ଜଳ ଅନବରତ ଉକ୍ତ ପାଟନାଳୀରେ ପଡ଼ି ନଷ୍ଟ ହେଉଛି। ଅପରପକ୍ଷରେ ବଜାରର ସର୍ବାଧିକ ଓ ଖରିଦାସାହିଁ ଗ୍ରାମବାସୀ ପାନୀୟ ଜଳ ପାଇପାରୁ ନାହାନ୍ତି । ପାନୀୟ ଜଳ ଯୋଗାଣ ପାଇଁ ବହୁବାର ବିଭାଗକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନ ଥିବା ଅଂଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମ

ଢେଙ୍କାନାଳ ଖଣି ବିସ୍ଫୋରଣ ଘଟଣାକୁ ବିଜେଡିର ନିନ୍ଦା

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଦୁଇ ଦିନ ତଳେ ଢେଙ୍କାନାଳର ଗୋପାଳପୁରରେ ଏକ ପଥର/ଡୋଲୋମାଇଟ୍ ଖଣିରେ ଦୁଃଖଦ ବିସ୍ଫୋରଣ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହାକୁ ବିରୋଧୀ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏଥିସହ ଏହି ମାମଲାରେ ଦଳ ସରକାରଙ୍କୁ ସମାଲୋଚନା କରିବାକୁ ଭୁଲିନାହିଁ। ଆଜି ଶଙ୍ଖ ଭବନରେ



ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ ଗତ ଶନିବାର କେତେକ ଶ୍ରମିକ ମୋଟଙ୍କା ଥାନା ଅନ୍ତର୍ଗତ ଗୋପାଳପୁର ନିକଟରେ ଥିବା ପଥର ଖଣିରୁ ପଥର ଖନନ ଓ ଅନୁସନ୍ଧାନରେ ନିୟୋଜିତ ଥିଲା ସମୟରେ ବିସ୍ଫୋରଣ ହେବାରୁ ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଥିଲେ। ପଥର ଖଣିରେ ବ୍ଲାଷ୍ଟିଂ ଅନୁମତି ଗତବର୍ଷ ସେପ୍ଟେମ୍ବର ୩୦ରେ ଶେଷ ହୋଇଥିବା ବେଳେ ଏହାକୁ ଗତ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। କିନ୍ତୁ ଏହି ଅବଧି ପୂରଣ ହେବା ପରେ ଉକ୍ତ ଖଣିରେ ବ୍ଲାଷ୍ଟିଂ ଜାରି ରହିବା ସ୍ଥାନୀୟ ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି। ବେଆଇନ ଖନନ ଅଭିଯୋଗକୁ ଜିଲ୍ଲାପାଳ ବି ସ୍ୱୀକାର କରିଛନ୍ତି। ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ 'ଏକ୍ସ'ରେ ଦାବି କରିସାରିଛନ୍ତି। ଅତୀତରେ ଉପବାଚସ୍ପତି ଓଡ଼ିଶାରେ ଖଣିଜ ଲୁଟ୍ ବନ୍ଦ କରିବା ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାଛଡ଼ା ବାଲେଶ୍ୱର ସାଂସଦ ସୁବର୍ଣ୍ଣରେଖା ନଦୀରେ ବେଆଇନ ବାଲି ଖଣି ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। କିନ୍ତୁ ତମାମ ପ୍ରଚେଷ୍ଟା ସତ୍ତ୍ୱେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଏହା ସରକାରୀ ପ୍ରରୋଚନାରେ ଖଣି ଲୁଟ ଚାଲିଛି ବୋଲି ଧାରଣାକୁ ବଦ୍ଧମୂଳ କରୁଛି। ଏହି କାରଣରୁ ରାଜ୍ୟରେ ଗୁରୁ ଖଣିଜ ରାଜସ୍ୱ ଆଦାୟ ୫୦ ହଜାର କୋଟିରୁ ଖସି ୩୪ ହଜାର କୋଟିରେ ପହଞ୍ଚିସାରିଛି। ଆହୁରି ଲଘୁ ଖଣିଜ ରାଜସ୍ୱ ଆଦାୟ ୧୪୮୫ କୋଟିରୁ ଖସି ୬ ଶହ କୋଟିରେ ସୀମିତ ରହିଥିବା ଡ. ମହାନ୍ତି କହିଛନ୍ତି।

ଓଡ଼ିଶାରେ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ବୈଠକ

ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ସୋମବାର ଲୋକସେବା ଭବନସ୍ଥିତ ବୈଠକ ଗୃହରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଜାତୀୟ ଅନୁସୂଚିତ ଜନଜାତି କମିଶନଙ୍କ ସଦସ୍ୟା ଡଃ. ଆଶା ଲାକ୍ରାଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କମିଶନର ସଦସ୍ୟା ଉପସ୍ଥିତ ରହି ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ ଏବଂ ଏହି ବିଭାଗ ସମେତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜନଜାତି



ସମୁଦାୟଙ୍କ ନିମନ୍ତେ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟସ୍ତରୀୟ ଯୋଜନା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛନ୍ତି।

ବୈଠକରେ ବିଶେଷକରି ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା କେନ୍ଦ୍ରୀୟ ଯୋଜନାର ସମୀକ୍ଷା କରିଛନ୍ତି କମିଶନ ସଦସ୍ୟା। ଏଥିରେ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ଗୁଣାତ୍ମକ ଆବାସିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଛାତ୍ରୀ ନିବାସରେ ମହିଳା ମାଟ୍ରନ, ପାଚେରି ନିର୍ମାଣ, ଶୌଚାଳୟ ନିର୍ମାଣ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଆହୁରି ରାଜ୍ୟରେ କାମ କରୁଥିବା ଆଶ୍ରମ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସେବାଶ୍ରମ ସମ୍ପର୍କରେ ଆଲୋଚନା କରାଯାଇଛି। ଅଦ୍ୟାବଧି ବିଭାଗ ଅଧୀନରେ ୧୭୬୫ ସ୍କୁଲ କାର୍ଯ୍ୟ କରୁଛି। ଏଥିସହ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରରେ ରାଜ୍ୟ ସରକାରଙ୍କ ସଫଳତା ବିଷୟରେ ବିଭାଗୀୟ ସଚିବ ଅବଗତ କରାଇଛନ୍ତି। ସେ କହିଛନ୍ତି ଯେ ଗତ ବର୍ଷ ଅକ୍ଟୋବର ସୁଦ୍ଧା ୭.୩୨ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ଆବେଦନ ଗ୍ରହଣ କରାଯାଇଥିବା ବେଳେ ସେଥି ମଧ୍ୟରୁ ୪.୬୪ ଲକ୍ଷ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାର ପ୍ରଦାନ କରାଯାଇଛି।

ସେହିପରି ନାଗରିକ ଅଧିକାର ସୁରକ୍ଷା ଆଇନ, ୧୯୫୫ ଓ ଏସସି/ଏସଟି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ପେସା ଆଇନକୁ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଛି। ପେସା ଆଇନକୁ କାର୍ଯ୍ୟକାରୀ କରିବାରେ ଜନଜାତି ଗୋଷ୍ଠୀଙ୍କୁ ସାମିଲ୍ କରିବା ନେଇ କମିଶନ ଗୁରୁତ୍ୱାରୋପ କରିଥିଲେ। ଏଥିସହ ପିଏମ-ଜନମନ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ପିଭିଟିଜି ଜୀବିକା ମିଶନ, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି।

ବିସ୍ତୃତ ଆଲୋଚନା ପରେ କମିଶନ୍‌ର ସଦସ୍ୟା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମନ୍ୱୟ ରଖାଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚିପାରିବ, ସେଥିପାଇଁ କ୍ଷେତ୍ର ପରିଦର୍ଶନ ଉପରେ ଗୁରୁତ୍ୱ ଦେଇଥିଲେ। ଆହୁରି ଜନଜାତିଙ୍କ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ବଜେଟ୍ ଅର୍ଥ ବୃଦ୍ଧି କରିବା ନେଇ ବିଭାଗର ଅନୁରୋଧକୁ ମଧ୍ୟ କମିଶନ ଗୁରୁତ୍ୱର ସହକାରେ ଗ୍ରହଣ କରିବା ସହ ଜନଜାତି ବାଳିକାମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଓ ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ନିଯୁକ୍ତି ପ୍ରଦାନ ଉପରେ ଧ୍ୟାନ ଦେବା ସକାଶେ ବୈଠକରେ ମତ ପ୍ରକାଶ ପାଇଛି।

ଆକ୍ଟ ଫର୍ ଇମ୍ପାକ୍ଟ ଫାଉଣ୍ଡେସନ୍‌ର ସାଧୁ ଉଦ୍ୟମ

ରାଜଧାନୀ ଉପକଣ୍ଠରେ ଗରିବଙ୍କୁ କମ୍ବଳ ବଣ୍ଟନ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ନୂଆବର୍ଷର ଶୁଭାରମ୍ଭ ଅବସରରେ ଆକ୍ଟ ଫର୍ ଇମ୍ପାକ୍ଟ ଫାଉଣ୍ଡେସନ୍ ପକ୍ଷରୁ ରାଜଧାନୀ ଉପକଣ୍ଠରେ ଗରିବ ଓ ନିରାଶ୍ରୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ରାଜଧାନୀରେ ପ୍ରବଳ ଥଣ୍ଡା ଲହରୀ ଜାରି ରହିଥିବା ବେଳେ ପ୍ରତିବର୍ଷ ଭଳି ଏଥର ମଧ୍ୟ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏବଂ ଉପକଣ୍ଠ ଅଞ୍ଚଳର ଅସହାୟ ଲୋକଙ୍କ ପାଖରେ କମ୍ବଳ ପହଞ୍ଚାଇ ମାନବିକତାର ଉଦାହରଣ ଦେଇଛି ଫାଉଣ୍ଡେସନ୍। ଏହି ସାଧୁ ଉଦ୍ୟମରେ ଫାଉଣ୍ଡେସନ୍‌ର ଉପଦେଷ୍ଟା ତଥା ଚାର୍ଟର୍ଡ ଆକାଉଣ୍ଟାଣ୍ଟ ଅବିନାଶ ପରିଡ଼ା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ନିରୁପମା ମାଇନ୍ଜ



ଓ ଟ୍ରାନ୍ସପୋର୍ଟର୍‌ର ସିଏଫ୍‌ଓ ଆର୍.କେ. କ୍ରିଷ୍ଣା, ପ୍ରକଳ୍ପ ନିର୍ଦ୍ଦେଶକ ବିଭୂତି ବିକାଶ ପ୍ରଧାନ ମଧ୍ୟ ଏଥିରେ ସହଯୋଗ କରିଥିଲେ। ଏହାଛଡ଼ା ଆକୃତି ମିଡିଆର ନିର୍ଦ୍ଦେଶକ ଅବିନାଶ ମହାପାତ୍ର, ମିଡିଆ ସଂଯୋଜକ ଚନ୍ଦ୍ରକାନ୍ତ ମହାପାତ୍ର ଓ କିଶୋର କୁମାରଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

ଦୀପକକୁ ରିମାଣ୍ଡ୍‌ରେ ନେଲା ପୁଲିସ୍

ଫିଟିବ ପ୍ରଥମ ପତ୍ନୀଙ୍କ ହତ୍ୟା ରହସ୍ୟ!

କଟକ,୫।୧(ସଂଚାର ବ୍ୟୁରୋ): କନଷ୍ଟେବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ ସ୍ୱାମୀ କନଷ୍ଟେବଳ ଦୀପକ ରାଉତ ତାଙ୍କ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ପୁଲିସ କିଛି ପ୍ରମାଣ ପାଇଛି। ଖୁବ୍ ଶୀଘ୍ର ପୁଲିସ ଏ ସଂକ୍ରାନ୍ତରେ ଚାଞ୍ଚଲ୍ୟକର ସୂଚନା ଦେବାର ସମ୍ଭାବନା ରହିଛି। ଏହି କ୍ରମରେ ଆଜି ଖୁଣ୍ଟୁଣୀ ଥାନା ପୁଲିସ ଦୀପକକୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ନେଇଛି। ପୁଲିସ୍ ଦୀପକର ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କ ମୃତ୍ୟୁ ମାମଲାର ଖୋଳତାଡ଼ କରିବା ସହ ତା'ର ଲାଏ ଡିଟେକ୍ଟନ୍ ଟେଷ୍ଟ କରିପାରେ ବୋଲି ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ ପୂର୍ବରୁ ଝାରପଡ଼ା ଜେଲ୍‌ରେ ପଚରାଉଚରା କରିବା ସମୟରେ ଦୀପକ ଅପର୍ଣ୍ଣାଙ୍କ ମୃତ୍ୟୁ ବାବଦରେ ତଦନ୍ତକାରୀ ଅଫିସରଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଥିବା ଆଲୋଚନା ହେଉଛି। ତେଣୁ ଅଭିଯୁକ୍ତ ଦୀପକ ନାଁରେ ଆଉ ଏକ ହତ୍ୟା ମାମଲା ଯୋଡ଼ି ହେବାର ସମ୍ଭାବନା ରହିଛି। ଅପର୍ଣ୍ଣା ମୃତ୍ୟୁର ରହସ୍ୟ ଭେଦିବାକୁ ଅଭିଯୁକ୍ତ ଦୀପକର ଖୁବ୍‌ଶୀଘ୍ର ଲାଏ ଡିଟେକ୍ଟନ୍ ଟେଷ୍ଟ କରିବାକୁ ବି ପୁଲିସ୍ ଯୋଜନା କରିଥିବା ଜଣାପଡ଼ିଛି।

ପିୟୁସିସିକୁ ବିରୋଧ

ଯୁବ ବିଜେଡି ଆରମ୍ଭ କରିବ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ସୋସିଆଲ ମିଡିଆରେ ଆକ୍ଟିଭ୍ ରହିଥିବା ଯୁବ ବିଜେଡି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନିୟମ ବିରୋଧରେ ଖୁବ୍‌ଶୀଘ୍ର ଏକ ଅଭିଯାନ କ୍ୟାମ୍ପେନ୍ ଆରମ୍ଭ କରିବ। ଏନେଇ ଆଜି ଏଠାରେ ସୂଚନା ଦେଇଛନ୍ତି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ। ଏହି ଅଭିଯାନରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରାଯିବା ସହ ବିଭିନ୍ନ ସ୍ଥାନରେ ପିୟୁସିସି ପାଇଁ ଧାଡ଼ି ଲଗାଇଥିବା ଲୋକଙ୍କୁ ଦଳ ପକ୍ଷରୁ ବୁଝାଯିବ। ଏହି ପ୍ରମାଣପତ୍ରର ଆବଶ୍ୟକତା ପଛରେ ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ଫନ୍ଦି ରହିଛି। ଏହାକୁ ବିରୋଧ କରିବା ସହ ଜନସାଧାରଣଙ୍କୁ ଏନେଇ ସଚେତନ କରିବା ସକାଶେ 'କମଲ୍ କା ଫୁଲ୍ ହମାରା ଭୁଲ୍' ସ୍ଲୋଗାନ୍ ପ୍ରସ୍ତୁତ କରାଯାଇଛି।



ସୋସିଆଲ୍ ମିଡିଆରେ ଏହାର ଏକ ଭିଡିଓ ମଧ୍ୟ ପୋଷ୍ଟ ହେବ ବୋଲି ଶ୍ରୀ ସାହୁ କହିଛନ୍ତି।

ସେ କହିଛନ୍ତି ଯେ ସରକାର ଏତେ ମାତ୍ରାରେ ଜନବିରୋଧୀ ଓ ଅତ୍ୟାଚାରୀ ଯେ ମିଛ ଫାଇନ୍ ଆଦାୟ କରିବାକୁ ବି ପଛାଉନାହାନ୍ତି। ଘରେ ଗାଡ଼ି ଥୁଆ ହୋଇଥିଲେ ବି ମୟୂରଭଞ୍ଜରେ ଫାଇନ୍ କଟାଯାଉଛି। କାର୍ ଚାଳକଙ୍କ ଉପରେ ହେଲମେଟ୍ ବାବଦ ଜରିମାନା ଲାଗିଛି। ଯଦି ସରକାର ପ୍ରଦୂଷଣ ପାଇଁ ଏତେ ଚିନ୍ତା କରୁଛନ୍ତି, ତା'ହେଲେ ପିୟୁସିସି ପାଇଁ ଅଲଗା ବ୍ୟବସ୍ଥା କରିବା ପାଇଁ ଶ୍ରୀ ସାହୁ ଦାବି କରିବା ସହ ଆଗାମୀ ଦିନରେ ଏହା ବନ୍ଦ ନ ହେଲେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚେତାଇ ଦେଇଛନ୍ତି। ଏହି ଅବସରରେ ସେ ସରକାରଙ୍କୁ ପ୍ରଦୂଷଣ ପାଇଁ କେବଳ ଗାଡ଼ିକୁ ଦାୟୀ କରିବା ନିଷ୍ପତ୍ତିକୁ ସମାଲୋଚନା କରିବା ସହ ବ୍ୟାପକ ମାତ୍ରାରେ ଗଛକଟା, ଖଣି ଉତ୍ତୋଳନ, ଶିଳ୍ପ ସଂସ୍ଥା ଯୋଗୁଁ ପ୍ରଦୂଷଣ ବ୍ୟାପୁଥିଲେ ବି କେବଳ ଗାଡ଼ି ଚାଳକମାନଙ୍କୁ କାହିଁକି ଟାର୍ଗେଟ୍ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। କେତେ ଶିଳ୍ପପତି ରାସ୍ତାରେ ଠିଆ ହୋଇ ଫାଇନ୍ ଦେଉଛନ୍ତି? ତେଣୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରୁଥିବା ଲୋକେ ସେମାନଙ୍କ ମନୋଭାବ ସ୍ପଷ୍ଟ କରିବାକୁ ଯାଇ 'ବିଜେପିକୁ ଭୋଟ୍ ଦେଇ ସେମାନେ ଭୁଲ୍ କରିଛନ୍ତି' ବୋଲି ପୋଷ୍ଟ କରିବାକୁ ଶ୍ରୀ ସାହୁ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ଏପରି ନିଷ୍ପତ୍ତି ଦ୍ୱାରା ସରକାର ନିଶ୍ଚିତ ଭାବେ 'ୟୁ-ଟର୍ଣ୍ଣ' ନେବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁନଥିବାରୁ ଗ୍ରୀନ୍ ଷ୍ଟିକର୍ ନେଇ ବ୍ୟାପକ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ବୋଲି ଶ୍ରୀ ସାହୁ କହିଛନ୍ତି।

ମହିଳା ବିଡିଓଙ୍କୁ ଆକ୍ରମଣ ମାମଲା

ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ନେତା ଓ କର୍ମୀମାନେ ଆଇନଶୃଙ୍ଖଳାକୁ ହାତକୁ ନେବା ଏବଂ ଗୁଣ୍ଡାରାଜ ଚଳାଇବା ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ରାଜନଗର ବ୍ଲକର ମହିଳା ବିଡିଓଙ୍କ ଉପରେ ବିଜେପି ନେତା ଓ କର୍ମୀଙ୍କ ଅମାନବୀୟ ଆକ୍ରମଣ ଏହାର ସଦ୍ୟତମ ଉଦାହରଣ ବୋଲି ବିଜେଡି ପକ୍ଷରୁ ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ତଥା ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି। ଡ. ସାମନ୍ତସିଂହାର କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ



ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳାଙ୍କ ବିରୋଧରେ ଅପରାଧ ସଂଖ୍ୟା ୪୦,୯୪୭କୁ ବୃଦ୍ଧି ପାଇଛି। ଦେଶର ଅପରାଧ ତାଲିକାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ବିଜେପି ନେତା ଓ କର୍ମୀମାନେ ଆଇନଶୃଙ୍ଖଳାକୁ ହାତକୁ ନେଉଥିବାରୁ ଶାସନ ବ୍ୟବସ୍ଥା ପ୍ରହସନ ପାଲଟିଛି। ବିଜେପି ଓ ସମର୍ଥିତ ଗୁଣ୍ଡାମାନଙ୍କ ଦୌରାତ୍ମ୍ୟ ବି ଦିନକୁ ଦିନ ବଢୁଛି। ରାଜନଗର ବିଡିଓଙ୍କୁ ବିଜେପି ନେତା ଓ କର୍ମୀଙ୍କ ଆକ୍ରମଣ ଘଟଣାକୁ ୩ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୂର୍ବରୁ ମଧ୍ୟ ପ୍ରାୟ ବର୍ଷେ ତଳେ ରାଜନଗରର ତତ୍କାଳୀନ ବିଡିଓ ଶୋଭନ ପଣ୍ଡାଙ୍କୁ ବିଜେପି ନେତା ଓ କର୍ମୀମାନେ ଆକ୍ରମଣ କରିଥିଲେ। ଏବେ ତିଳୋତ୍ତମା ପୃଷ୍ଟିଙ୍କୁ ହୋଇଥିବା ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ବିଜେପି ସଭାପତି ମନମୋହନ ସାମଲଙ୍କ ବ୍ୟାବସାୟିକ ସହଯୋଗୀ ହୋଇଥିବାରୁ ତାଙ୍କୁ ଘଣ୍ଟ ଘୋଡ଼ାଯାଉଛି। ତେଣୁ ଏହି ମାମଲାରେ ୨୪ ଘଣ୍ଟା ଭିତରେ ଗିରଫଦାରୀ ନ ହେଲେ ବିଜେଡି ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ବିଧାୟକ ଶ୍ରୀ ସାହୁ କହିଛନ୍ତି ଯେ ଅହଙ୍କାରର ବଶବର୍ତ୍ତୀ ହୋଇ ବିଜେପିର କର୍ମୀ ବ୍ଲକ ଓ ପଞ୍ଚାୟତକୁ ନିଜ କବ୍‌ଜାରେ ରଖିବାକୁ ଚାହୁଁଛନ୍ତି। ପୁଲିସ୍ ମଧ୍ୟ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କଠାରୁ ପାଲଟା ଏଫଆଇଆର ରଖିଛି। ତେଣୁ ରାଜ୍ୟରେ ଶାସନ ବ୍ୟବସ୍ଥା ଭୁଶୁଡ଼ି ପଡିଛି, ଏହା କହିବା ନିଷ୍ପ୍ରୟୋଜନ।

ଭଡ଼ାରେ ଲାଗୁଛି ଆମ ବସ୍

ପିକନିକ୍ ଭିଡିଓ ଭାଇରାଲ



ଭୁବନେଶ୍ୱର,୪।୧(ସଂଚାର ବ୍ୟୁରୋ): ରାଜଧାନୀ ଛାତି ଉପରେ 'ଆମ ବସ୍' ଦୁଇ ଦୁଇ ଥର ଦୁର୍ଘଟଣା ଘଟାଇବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତର ସହ ନେଇ ପରିବହନ ବିଭାଗକୁ କଡ଼ାକଡ଼ି ଯାଞ୍ଚ କରିବା ସକାଶେ ପରାମର୍ଶ ଦେଇଛନ୍ତି। ଏହାପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ 'ଆମ ବସ୍' ଡ୍ରାଇଭରଙ୍କ ସହ ଗାଡ଼ିର ଫିଟନେସ ମଧ୍ୟ ଯାଞ୍ଚ କରାଯାଉଛି। ଏହାରି ଭିତରେ ଆଜି 'ଆମ ବସ'ର ଏକ ଭିଡିଓ ଭାଇରାଲ ହୋଇଛି। ଭଡ଼ାରେ 'ଆମ ବସ୍' ପିକନିକ ଯାଉଥିବା ଦେଖାଯାଇଛି। ଏହି ଗ୍ରୀନ ବସ୍ ପଛପଟେ 'ପିକ୍‌ନିକ ପାର୍ଟି ଅଫ ଜେନେରାଲ ଆକାଉଣ୍ଟାଣ୍ଟ, ଓଡ଼ିଶା ଭୁବନେଶ୍ୱର' ଲେଖା ହୋଇଥିବା ଦେଖିବାକୁ ମିଳିଛି। ଅର୍ଥାତ୍ ଏହା ଉକ୍ତ ଡିପାର୍ଟମେଣ୍ଟର କର୍ମଚାରୀମାନଙ୍କୁ ନେଇ ପିକ୍‌ନିକ୍‌ରେ ଯାଉଛି। ତେବେ ବସଟି କେଉଁଠାରୁ କେଉଁଠାକୁ ଯାଉଛି, ସେନେଇ କି ସ୍ପଷ୍ଟ ସୂଚନା ମିଳିନାହିଁ। ତେବେ ବର୍ତ୍ତମାନ 'ଆମ ବସ'ର ଏହି ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି।

ହିନ୍ଦୁ ସଙ୍ଗିଳନୀ ଉଦ୍‌ଘାଟିତ


ହିନ୍ଦୁ ସଙ୍ଗିଳନୀ

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ମଙ ଗଳବାର ୬ ଜାନୁଆରୀ ୨୦୨୬, ଭୁବନେଶ୍ୱର

Tuesday 6 January 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଭେନେଜୁଏଲା ଆକ୍ରମଣ: ଏକ ବିବାଦୀୟ ହସ୍ତକ୍ଷେପ



୨୦୨୬ ଜାନୁଆରି ୩ ତାରିଖରେ ଆମେରିକା ଯୁକ୍ତରାଷ୍ଟ୍ର ଭେନେଜୁଏଲା ଉପରେ ଏକ ବଡ଼ ଧରଣର ସାମରିକ ଆକ୍ରମଣ କରିଛି। ଏହି ଅପରେସନ୍‌ରେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରି ନ୍ୟୁୟର୍କକୁ ନିଆଯାଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଏକ ସଫଳ ଅପରେସନ୍ ବୋଲି ଘୋଷଣା କରିଛନ୍ତି ଏବଂ କହିଛନ୍ତି ଯେ ଭେନେଜୁଏଲାକୁ ଅସ୍ଥାୟୀ ଭାବେ ଆମେରିକା ଚଳାଇବ। ଏହି ଘଟଣା ବିଶ୍ୱରେ ବିବାଦ ସୃଷ୍ଟି କରିଛି ଏବଂ ଅନେକ ଦେଶ ଏହାକୁ ଆନ୍ତର୍ଜାତିକ ନିୟମର ଉଲ୍ଲଙ୍ଘନ ବୋଲି ନିନ୍ଦା କରିଛନ୍ତି। ଆମେରିକାର ଯୁକ୍ତି ହେଉଛି ଯେ ମାଦୁରୋ ଡ୍ରଗ୍ ଟ୍ରାଫିକିଂ ଏବଂ ଟେରରିଜମ୍‌ରେ ଜଡ଼ିତ। ଟ୍ରମ୍ପ ପ୍ରଶାସନ ମାଦୁରୋଙ୍କୁ ନାର୍କୋ-ଟେରରିଷ୍ଟ ବୋଲି କହି ଏହି ଆକ୍ରମଣକୁ ଏକ ଆଇନ ପ୍ରୟୋଗ ଅପରେସନ୍ ବୋଲି ଦାବି କରିଛି। ପୂର୍ବରୁ ଆମେରିକା ଭେନେଜୁଏଲାର ଡ୍ରଗ୍ ବୋଟ୍‌ଗୁଡ଼ିକୁ ଆକ୍ରମଣ କରିଥିଲା ଏବଂ ତେଲ ଟ୍ୟାଙ୍କର୍ ଜବତ କରିଥିଲା। ଏହି ଅପରେସନ୍‌ରେ କାରାକାସ୍‌ରେ ବହୁ ବିସ୍ଫୋରଣ ହୋଇଥିଲା, ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରାଯାଇଥିଲା ଏବଂ ଅନେକ ଲୋକ ମୃତ ହୋଇଛନ୍ତି, ଯାହାଙ୍କ ମଧ୍ୟରେ କ୍ୟୁବାର ସୈନିକ ମଧ୍ୟ ଅଛନ୍ତି। କିନ୍ତୁ ଏହି ହସ୍ତକ୍ଷେପର ବାସ୍ତବ ଉଦ୍ଦେଶ୍ୟ କ'ଣ? ଭେନେଜୁଏଲାରେ ବିଶ୍ୱର ସବୁଠାରୁ ବଡ଼ ତେଲ ରିଜର୍ଭ ଅଛି। ଟ୍ରମ୍ପ କହିଛନ୍ତି ଯେ ଆମେରିକାନ୍ କମ୍ପାନୀଗୁଡ଼ିକ ସେଠାରେ ନିବେଶ କରି ତେଲ ଉତ୍ପାଦନ ବଢ଼ାଇବେ ଏବଂ ଦେଶକୁ ପୁନର୍ନିର୍ମାଣ କରିବେ। ଏହା ଏକ ପୁରୁଣା ଇମ୍ପିରିଆଲିଜମ୍‌ର ରୂପ ଭଳି ଦେଖାଯାଉଛି। ଆନ୍ତର୍ଜାତିକ ନିୟମ ଅନୁଯାୟୀ, କୌଣସି ଦେଶର ସାର୍ବଭୌମତ୍ୱ ଉପରେ ଏପରି ଆକ୍ରମଣ ନିଷିଦ୍ଧ। ଜାତିସଂଘ ଚାର୍ଟରର ଆର୍ଟିକିଲ୍ ୨(୪) ଅନୁଯାୟୀ ବଳ ପ୍ରୟୋଗ ଅନୁମତି ନାହିଁ। ଅନେକ ବିଶେଷଜ୍ଞ ଏହାକୁ ଅବୈଧ ବୋଲି କହିଛନ୍ତି। ଚୀନ, ଇରାନ, କ୍ୟୁବା, ବ୍ରାଜିଲ, କଲମ୍ବିଆ ଆଦି ଦେଶ ଏହାର ନିନ୍ଦା କରିଛନ୍ତି।

ଭେନେଜୁଏଲାରେ ମାଦୁରୋଙ୍କ ଶାସନ ନିଶ୍ଚିତ ଭାବେ ସମସ୍ୟାପୂର୍ଣ୍ଣ ଥିଲା — ଅର୍ଥନୈତିକ ସଙ୍କଟ, ମାନବାଧିକାର ଉଲ୍ଲଙ୍ଘନ ଏବଂ ନିର୍ବାଚନରେ ଅନିୟମିତତା। କିନ୍ତୁ ଏହାର ସମାଧାନ ସାମରିକ ହସ୍ତକ୍ଷେପ ନୁହେଁ। ଏହା ଦେଶରେ ଅଧିକ ଅସ୍ଥିରତା ଆଣିପାରେ ଏବଂ ଅଞ୍ଚଳରେ ଯୁଦ୍ଧର ଭୟ ସୃଷ୍ଟି କରିପାରେ। ଲାଟିନ୍ ଆମେରିକାରେ ଆମେରିକାର ପୁରୁଣା ହସ୍ତକ୍ଷେପଗୁଡ଼ିକ (ଯେମିତି ପାନାମା ଆକ୍ରମଣ) ସବୁବେଳେ ଭଲ ଫଳ ଦେଇନଥିଲା।

ଏହି ଘଟଣା ବିଶ୍ୱ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଯଦି ବଡ଼ ଦେଶଗୁଡ଼ିକ ନିୟମ ଭାଙ୍ଗିବେ, ତେବେ ଛୋଟ ଦେଶଗୁଡ଼ିକର ସାର୍ବଭୌମତ୍ୱ କେତେ ସୁରକ୍ଷିତ? ଭାରତ ଭଳି ଦେଶଗୁଡ଼ିକ ଆନ୍ତର୍ଜାତିକ ନିୟମକୁ ସମର୍ଥନ କରିବା ଉଚିତ୍। ଭେନେଜୁଏଲାର ଲୋକଙ୍କ ଭବିଷ୍ୟତ ସେମାନେ ନିର୍ଣ୍ଣୟ କରିବେ, ବାହାରୁ ବଳ ପ୍ରୟୋଗ ଦ୍ୱାରା ନୁହେଁ। ଏହି ଆକ୍ରମଣ ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିଛି ଯାହା ବିଶ୍ୱ ଶାନ୍ତିକୁ ଧମକ ଦେଇପାରେ।

ପୁତ୍ରଦା ଏକାଦଶୀ

ଅଲେଖ ଚନ୍ଦ୍ର ସାମଲ



ପୌଷ ମାସ ଶୁକ୍ଳପକ୍ଷରେ ଯେଉଁ ଏକାଦଶୀ ପଡ଼େ ତାହାକୁ ପୁତ୍ରଦା ଏକାଦଶୀ କୁହାଯାଏ। ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି। ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ। ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ।

ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ। ତାଙ୍କର କୌଣସି ସନ୍ତାନ ନଥିଲେ। ଏହି କାରଣରୁ ରାଜା ଓ ରାଣୀ ଚିନ୍ତା ଚିନ୍ତାରେ ରହୁଥିଲେ। ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ। ରାଜା ବନର ଶୋଭାକୁ ଦେଖୁ ଦେଖୁ ଦ୍ୱିପ୍ରହର ହୋଇଗଲା। ରାଜା ଭୋଗ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ। ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିଋଷି ମାନଙ୍କର ଅଶ୍ରମ ସ୍ଥଳୀ ରହିଥିବାର ଦେଖିଲେ। ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା। ସେ ତତ୍‌କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଞ୍ଚି ସମସ୍ତ ମୁନିଋଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ। ତାଙ୍କର ବନ୍ଦନାରେ ମୁନିଋଷିମାନେ ପ୍ରସନ୍ନ ହେଲେ। ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ। ସ୍ନାନ କରିବାକୁ ଆସିଛୁ। ମାଘମାସ ନିକଟରେ ଆସୁଛି। ଆଜି ଠାରୁ ପାଞ୍ଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି। ଆଜି ହିଁ ପୁତ୍ରଦା ଏକାଦଶୀ। ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ। ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ। ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ। ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ଅବଶ୍ୟ ପ୍ରାପ୍ତ ହେବ। ଏହି ପ୍ରକାର ମୁନିଙ୍କ କହିବାନୁଯାୟୀ ରାଜା ଏହି ବ୍ରତକୁ ପାଳନ କରିବା ସହ ପୁତ୍ରଦା ଏକାଦଶୀ ଅନୁଷ୍ଠିତ କଲେ। ଦ୍ୱାଦଶରେ ସେ ନିଜ ବ୍ରତକୁ ଉଦ୍‌ଯାପିତ କରି ମୁନିଙ୍କ ଚରଣ ସ୍ପର୍ଶ କରି ଘରକୁ ଫେରିଲେ। ସେହିଦିନ ରାଣୀ ଗର୍ଭଧାରଣ କଲେ। ରାଜାଙ୍କର ଏକ ତେଜସ୍ୱୀ ପୁତ୍ର ହେଲା ଯାହା ଗୁଣର ଅଧିକାରୀ ହେବା ସହ ପ୍ରଜା ମାନଙ୍କର ପାଳକ ମଧ୍ୟ ହୋଇପାରିଥିଲେ। ଏହି ଦୃଷ୍ଟିରୁ ପୁତ୍ରଦା ଏକାଦଶୀ ବ୍ରତ ସମସ୍ତ ଏକାଦଶୀଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ।

ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

ଚିକେନ୍ ନେକ୍, ସିଲିଗୁଡ଼ି କରିଡର ଓ ଭାରତ-ବାଂଲାଦେଶ ସମ୍ପର୍କ



ଡଃ ଅମୂଲ୍ୟ କୁମାର ପଣ୍ଡା

ଭାରତ ମ୍ୟାପରେ ଦେଖାଯାଉଥିବା 'ଚିକେନ ନେକ' କଣ ? , ଅନେକ୍ ଲୋକ ଏହାକୁ ବୋଧହୁଏ ଜାଣି ନ ଥିବେ। ଆସନ୍ତୁ ଜାଣିବା ଏହି ଭାରତ ମ୍ୟାପ୍ ରେ ଥିବା ଚିକେନ୍ ନେକ୍ ଓ କାହିଁକି ଆଜି ଏହା ପାଇଁ ଭାରତ ବଙ୍ଗଳାଦେଶର ସମ୍ପର୍କରେ ତିକ୍ତତା ଆସିଛି। ସିଲିଗୁଡ଼ି କରିଡର, ଯାହାକୁ ଚିକେନ୍ ନେକ୍ କୁହାଯାଏ, ଏହା ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ସଂଯୋଗ କରେ। ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ହିମାଳୟର ପାଦଦେଶରେ ଅବସ୍ଥିତ ସିଲିଗୁଡ଼ି କରିଡର, ଯାହାକୁ କୁହାଯାଏ 'ଚିକେନ୍ ନେକ୍'। ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟ ସ୍ଥାନ ସହ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ ଭୂମି ଖଣ୍ଡ। ମାତ୍ର ୨୨ କିଲୋମିଟର ଚଉଡ଼ା ଏହି କରିଡର ଭାରତର ରଣନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଆଠଟି ରାଜ୍ୟ—ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଓ ତ୍ରିପୁରାକୁ ମୁଖ୍ୟ ଭାରତୀୟ ଭୂଖଣ୍ଡ ସହ ଯୋଡ଼ି ରଖିଛି। କିନ୍ତୁ ଏହାର ସଂକୀର୍ଣ୍ଣ ଗଠନ ଏହାକୁ ଭାରତର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟ କରିଛି। ଏହି ରାଜ୍ୟ ଗୁଡିକୁ ମଧ୍ୟ ସାତ ଭଉଣୀ କୁହାଯାଏ। ଭାରତର ସିଲିଗୁଡି କରିଡର ବିଷୟରେ ପ୍ରାୟତଃ ଆଲୋଚନା ହୁଏ। ଏହା ଏକ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଯାହାକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ। ଏହା କହିବାର କାରଣ ହେଉଛି ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ଯାହା ମାଧ୍ୟମରେ ସମଗ୍ର ଉତ୍ତର-ପୂର୍ବ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ ହୋଇଛି। ଏହାର ପତଳା ଆକୃତି ପାଇଁ ଏହାକୁ ଏପରି ନାମକରଣ କରାଯାଇଛି। ଭାରତର ଏହି ଅଞ୍ଚଳର ସବୁଠାରୁ ସଂକୀର୍ଣ୍ଣ ବିନ୍ଦୁରେ, ଏହା ମାତ୍ର ୨୨ କିଲୋମିଟର ଚଉଡା। ତେଣୁ, ଏହା ଭାରତ ପାଇଁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ। ଯଦି ଏହି ଅଞ୍ଚଳ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ଉତ୍ତର-ପୂର୍ବ ଭାରତ ମୁଖ୍ୟ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇଯାଇପାରେ। ସିଲିଗୁଡ଼ି ପଶ୍ଚିମବଙ୍ଗର ଉତ୍ତର ଭାଗରେ, ଦାର୍ଜିଲିଂ ଓ ଜଳପାଇଗୁଡ଼ି ନିକଟରେ ଅବସ୍ଥିତ। ଏହା ହିମାଳୟର ପାଦଦେଶରେ ଅବସ୍ଥିତ। ଏହା ପଶ୍ଚିମବଙ୍ଗର ଏକ ୬୦ କିଲୋମିଟର ଲମ୍ବା ଓ ୨୧ କିଲୋମିଟର ଚଉଡା ଭୂମି। ଏହି ସିଲିଗୁଡ଼ି କରିଡର ମାଧ୍ୟମରେ ଭାରତର ସୀମା ବାଂଲାଦେଶ ଓ ନେପାଳକୁ ସ୍ପର୍ଶ କରେ। ସିକିମ୍, ତିବ୍ଦତର ଚୁମ୍ବି ଉପତ୍ୟକା ଓ ଭୁଟାନର ଡୋକଲାମର ତ୍ରି-ସଂଯୋଗ ଏହା ନିକଟରେ ଅଛି। ଏହାର ସଂକୀର୍ଣ୍ଣ ଗଠନ ଯୋଗୁଁ ଏହାକୁ ଚିକେନ ନେକ କୁହାଯାଏ, କାରଣ ଏହା କୁକୁଡ଼ାର ବେକ ପରି ଦେଖାଯାଏ। ଏଠାରୁ ଯାଇଥିବା ଜାତୀୟ ରାଜପଥ ଏବଂ ରେଳ ଲାଇନଗୁଡ଼ିକ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରନ୍ତି। ଏହି ମାର୍ଗରେ ତିନୋଟି ରାସ୍ତା ଅନ୍ତର୍ଭୁକ୍ତ - ସମୁଦ୍ର, ନଦୀ ଓ ସ୍ଥଳ। କୋଲକାତା ବନ୍ଦରରୁ ସମୁଦ୍ର ପଥରେ ମିଆଁମାରର ସିତ୍ୱେ ବନ୍ଦରକୁ ଯିବାର ରାସ୍ତା, ଏହା ଆଗକୁ କଳାଦାନ ନଦୀ ଦେଇ ଓ ତା'ପରେ ମିଆଁମାରକୁ ମିଜୋରାମ ସହିତ ସଂଯୋଗ କରୁଥିବା ରାସ୍ତା। ଏହା ଉପରେ କାମ ବର୍ତ୍ତମାନ ଧୀର ଗତିରେ ଚାଲିଛି। ବର୍ତ୍ତମାନ ଆସନ୍ତୁ



ଜାଣିବା ଏହି ଚିକେନ୍ ନେକ୍ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ଦିନକୁ ଦିନ ତିକ୍ତତା କାହିଁକି ବଢ଼ି ଚାଲିଛି।

ନିକଟରେ ଚୀନ୍ ଗସ୍ତରେ ଯାଇଥିବା ୟୁନୁସ୍, ଯେତେବେଳେ ଚୀନ୍‌କୁ ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ, ସେ କହିଥିଲେ ଯେ ଭାରତର ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ, ଯାହାକୁ ସେଭେନ୍ ସିଷ୍ଟର୍ସ କୁହାଯାଏ। ସମୁଦ୍ର ପାଖକୁ ଯିବା ପାଇଁ ସେମାନଙ୍କର କୌଣସି ରାସ୍ତା ନାହିଁ। ବାଂଲାଦେଶ ସେହି ଅଞ୍ଚଳରେ ସମୁଦ୍ରର ଏକମାତ୍ର ରକ୍ଷକ। ଏହା ଚୀନକୁ ଏଠାରେ ନିବେଶ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ। ଟେଲିଗ୍ରାଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ମହମ୍ମଦ ୟୁନୁସ୍ ଏପରି ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହା ଭାରତର ସୁରକ୍ଷା ପ୍ରତି ଚିନ୍ତାକୁ ବୃଦ୍ଧି କରୁଛି। ୟୁନୁସ୍ ଚୀନ୍‌କୁ କଲିକତା ନିକଟସ୍ଥ ମୋଙ୍ଗଲା ବନ୍ଦର ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଅନୁମତି ଦେଇଛି। ଏହି ବନ୍ଦର କୋଲକାତାରୁ ୧୮୦ କିଲୋମିଟର ଦୂରରେ ଅବସ୍ଥିତ। ଭାରତ ବର୍ଷ ବର୍ଷ ଧରି ଭାରତ ମହାସାଗରରେ ଚୀନ୍‌ର ପ୍ରଭାବକୁ ରୋକିବାକୁ ଚେଷ୍ଟା କରିଆସୁଛି କିନ୍ତୁ ଚୀନ୍ ଶେଷରେ ସଫଳ ହୋଇଛି। ଏବେ ସେ କୋଲକାତା ନିକଟରେ ଅଛନ୍ତି, ଯାହା ଭାରତର ଚିନ୍ତାକୁ ବଢ଼ାଇ ଦେଇଛି। ବାଂଲାଦେଶରେ ଚୀନ୍ ଏବଂ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପାଉଛି। ମହମ୍ମଦ ୟୁନୁସ୍ ଚୀନ୍ ଏବଂ ପାକିସ୍ତାନକୁ ମୁକ୍ତ ହାତ ଦେଇଛି। ଏବେ ୟୁନୁସ୍ ଭାରତର ସୁରକ୍ଷା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ୟୁନୁସ୍ ପାକିସ୍ତାନୀ ସେନାକୁ ଭାରତର ପୂର୍ବ ସୀମା ନିକଟକୁ ଯିବା ପାଇଁ ଏକ ରାସ୍ତା ମଧ୍ୟ ଦେଇଛି। ବାଂଲାଦେଶ ବାୟୁସେନା ଏକ ଆଦେଶରେ କହିଛି ଯେ ଏହାର ପାଞ୍ଚ ଜଣ ବରିଷ୍ଠ ଅଧିକାରୀ ପାକିସ୍ତାନରେ ଜେଏଫ-୧୭ ଲଡୁଆ ବିମାନ ଉପରେ ତାଲିମ ନେବେ। ଏହି ବିମାନଟି ପାକିସ୍ତାନ ଏବଂ ଚୀନ୍ ମିଳିତ ଭାବରେ ନିର୍ମାଣ କରିଛନ୍ତି। ଲାଲମୋନିରହାଟ ବିମାନବନ୍ଦରରେ ଜେଏଫ-୧୭ ବିମାନ ନିୟୋଜିତ ହେବ ବୋଲି ବିଶ୍ୱାସ କରାଯାଉଛି। ଏବେ ଚୀନ୍ ମଧ୍ୟ ଏହାର ଦକ୍ଷିଣ ଦିଗରେ ରହିବେ କାରଣ ସେମାନେ ମୋଙ୍ଗଲା ବନ୍ଦରରେ ପ୍ରବେଶ କରୁଛି। ଏହା ବ୍ୟତୀତ, ଲାଲମୋନିରହାଟ ଏୟାରବେସରେ ପାକିସ୍ତାନୀ ଯୁଦ୍ଧ ବିମାନ ପହଞ୍ଚିବା ସମୟରେ ଭାରତୀୟ ସୀମା ନିକଟରେ ପାକିସ୍ତାନୀ ସାମରିକ କର୍ମଚାରୀଙ୍କ ଉପସ୍ଥିତି ରହିବ। ଏହି ବିମାନବନ୍ଦର ହାସିମାରା ଏୟାରବେସରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ। ହାସିମାରା ଏୟାରବେସ୍ ଭାରତର ସିଲିଗୁଡି କରିଡର ନିକଟରେ ଅବସ୍ଥିତ, ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ। ଏହି କରିଡର ଭାରତକୁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରେ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏହା ସ୍ପଷ୍ଟ ଯେ ବାଂଲାଦେଶ ଯୋଗୁଁ, ଚୀନ୍ ଏବଂ ପାକିସ୍ତାନ ଭାରତର ଦ୍ୱାରଦେଶରେ ପହଞ୍ଚିଛନ୍ତି। ଏହା ଯୋଗୁଁ ଭାରତର ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଭାରତର 'ଚିକେନ୍ ନେକ୍'ର ଉତ୍ତରରେ ଚୀନ୍‌ର ଉପସ୍ଥିତି ବିଷୟରେ ଚିନ୍ତା ପ୍ରକାଶ ପାଇଛି।

ବର୍ତ୍ତମାନ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ଭାରତର ଉତ୍ତର-ପୂର୍ବ ଓ "ଚିକେନ ନେକ୍" କରିଡରକୁ ନେଇ ହେଉଥିବା ବୟାନବାଜି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏପରି ବୟାନ "ବିପଜ୍ଜନକ ଓ ଦାୟିତ୍ୱହୀନ"। ବର୍ତ୍ତମାନର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ଅଧୀନରେ ବଢୁଥିବା ମୌଳବାଦୀ ପ୍ରଭାବକୁ ପ୍ରତିଫଳିତ କରେ। ଯାହା ୟୁନୁସଙ୍କ ଯୁଗରେ ପ୍ରଭାବ ହାସଲ କରିଥିବା ଉଗ୍ରବାଦୀ ବର୍ଦ୍ଧିବାରେ ସାହାଯ୍ୟ କରେ। ସେ ଜୋର ଦେଇ କହିଥିଲେ ଯେ କୌଣସି ଗମ୍ଭୀର ଓ ଦାୟିତ୍ୱବାନ ନେତା ପଡ଼ୋଶୀ ଦେଶକୁ ଧମକ ଦେଇପାରିବେ ନାହିଁ। ବିଶେଷକରି ଯେଉଁ ଦେଶ ଉପରେ ବାଂଲାଦେଶ ବାଣିଜ୍ୟ, ପରିବହନ ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ନିର୍ଭର କରେ ଓ ବାଂଲାଦେଶର ଅର୍ଥନୀତି ଓ ସୁରକ୍ଷା ବହୁ ପରିମାଣରେ ନିର୍ଭର କରେ। ଶେଖ୍ ହସିନାଙ୍କ ଅନୁଯାୟୀ, ଏପରି ୟୁନୁସଙ୍କ ବୟାନବାଜି କେବଳ ବୈଚାରିକ କଳ୍ପନାକୁ ପୂରଣ କରେ ବାଂଲାଦେଶର ଜାତୀୟ ସ୍ୱାର୍ଥକୁ ନୁହେଁ। ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ମଧ୍ୟରେ ଶେଖ୍ ହସିନା ବହୁତ କିଛି କହିଥିଲେ, ଯେଉଁଥିରେ ଉସମାନ ହାଦିଙ୍କ ହତ୍ୟା ଓ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଲିଞ୍ଚିଂ ଅନ୍ତର୍ଭୁକ୍ତ। ଚିକେନ୍ ନେକ୍ ଧମକ ପ୍ରତି ଭାରତର ପ୍ରତିକ୍ରିୟା ସମ୍ପର୍କରେ ଶେଖ୍ ହସିନା କହିଥିଲେ ଯେ ଭାରତ ଏପରି ବୟାନ ବିଷୟରେ ଚିନ୍ତିତ ହେବା ସମ୍ପୂର୍ଣ୍ଣ ଯଥାର୍ଥ ଓ ସେ ଏହା ମଧ୍ୟ କହିଛନ୍ତି ଯେ ଏପରି ବୟାନ ବାଂଲାଦେଶର ଲୋକଙ୍କ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରେ ନାହିଁ। ବାଂଲାଦେଶର ଲୋକମାନେ ଭଲ ଭାବରେ ବୁଝନ୍ତି ଯେ ଆମର ସମୃଦ୍ଧି ଏବଂ ସୁରକ୍ଷା ଭାରତ ସହିତ ଦୃଢ଼ ସମ୍ପର୍କ ଉପରେ ନିର୍ଭର କରେ। ଅନ୍ତରୀଣ ସରକାରଙ୍କ ବୈଧତା ଉପରେ ପ୍ରଶ୍ନ ଉଠାଇ ଶେଖ୍ ହାସିନା କହିଛନ୍ତି, ୟୁନୁସଙ୍କ ପାଖରେ ବାଂଲାଦେଶର ବୈଦେଶିକ ନୀତିକୁ ପୁନଃନିର୍ଦ୍ଦେଶିତ କରିବାର କୌଣସି କ୍ଷମତା ନାହିଁ। ତାଙ୍କ ମତରେ, ବର୍ତ୍ତମାନର ସରକାରଙ୍କ ପାଖରେ ଭବିଷ୍ୟତ ପିଢ଼ିକୁ ପ୍ରଭାବିତ କରୁଥିବା ରଣନୈତିକ ନିଷ୍ପତ୍ତି ନେବାର କୌଣସି ଅଧିକାର ନାହିଁ। ଏଥିରୁ ସ୍ପଷ୍ଟ ଯେ ବାଂଲାଦେଶରେ ଶେଖ ହାସିନାଙ୍କ ସରକାରର ପତନ ଏବଂ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପରେ, ସମଗ୍ର ଅଞ୍ଚଳର ପରିସ୍ଥିତି ପରିବର୍ତ୍ତନ ହେଉଛି। କ୍ଷମତା ଗ୍ରହଣ କରିବା ପରଠାରୁ,

ଆମେରିକା ଉପରାଷ୍ଟ୍ରପତିଙ୍କ ବାସଭବନ ଉପରେ ଆକ୍ରମଣ



ଘରର ଝରକା ଭାଙ୍ଗିଗଲା, ଜଣେ ସନ୍ଦିଗ୍ଧ ଅଟକ

ଭାନ ଓ ତାଙ୍କ ପରିବାର ଲୋକ ଘରେ ନଥିଲେ

ୱାଶିଂଟନ,୫।୧: ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଘର ଉପରେ ଆକ୍ରମଣ ହୋଇଛି। ଏହି ଘଟଣାରେ ସୁରକ୍ଷା ବାହିନୀ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ସୋସିଆଲ ମିଡିଆରେ ଥିବା ଆକ୍ରମଣର ଫଟୋରୁ ତାଙ୍କ ଘରର ଭଙ୍ଗା ଝରକା ଦେଖାଯାଉଛି। ଆକ୍ରମଣ ପରେ, ଆମେରିକାର ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟମାନେ ତାଙ୍କ ପୂର୍ବ ୱାଲନଟ୍ ହିଲ୍ସ ବାସଭବନରେ ପହଞ୍ଚି ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖିଛନ୍ତି। ତଥାପି, ତାଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ ହୋଇଛି କି ନାହିଁ ତାହା ଅଧିକାରୀମାନେ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାଁନ୍ତି।

ରିପୋର୍ଟ ଅନୁଯାୟୀ, ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ସନ୍ଦିଗ୍ଧ ବ୍ୟକ୍ତି ଉପରାଷ୍ଟ୍ରପତିଙ୍କ ଘରେ ପ୍ରବେଶ କରି ନଥିଲା। ଆକ୍ରମଣ ସମୟରେ ଜେ.ଡି. ଭାନ୍ସ କିମ୍ବା ତାଙ୍କ ପରିବାର ଘରେ ଉପସ୍ଥିତ ନଥିଲେ। ଗତ ସପ୍ତାହରେ ଭେନେଜୁଏଲାରେ ଆମେରିକାର ଲାଇଭ୍ କାର୍ଯ୍ୟାନୁଷ୍ଠାନ ଦେଖିବା ପାଇଁ ଜେ.ଡି. ଭାନ୍ସ ଟ୍ରମ୍ପ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ଉପସ୍ଥିତ ନଥିଲେ। ତେବେ ଭାନ୍ସଙ୍କ କାର୍ଯ୍ୟାଳୟ କହିଛି ଯେ, ସେ ଯୋଜନାରେ ସାମିଲ ଥିଲେ। ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଜେଡି ଭାନ୍ସଙ୍କ ବାସଭବନ ଚାରିପାଖରେ ଥିବା ରାସ୍ତାଗୁଡ଼ିକ କିଛି ଦିନ ପାଇଁ ବନ୍ଦ ଥିଲା। ସେଠାରେ ପୁଲିସ ଚେକ୍ ପଏଣ୍ଟ ସ୍ଥାପନ କରାଯାଇଥିଲା।

ବାଂଲାଦେଶରେ ସୀମା ଟପିଲା ବର୍ବରତା

ହିନ୍ଦୁ ମହିଳାଙ୍କୁ ଗଣଦୁଷ୍କର୍ମ, ଯୁବକଙ୍କୁ ହତ୍ୟା

ଢାକା, ୫।୧: ବାଂଲାଦେଶରେ ରାଜନୈତିକ ଅରାଜକତା ପରେ ଲଗାତର ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ସେମାନଙ୍କ ଘର ପୋଡ଼ିଦେବା ସହ ବିଭିନ୍ନ ହତ୍ୟାକାଣ୍ଡ ରଚାଯାଉଛି। ଏବେ ପୁଣି ଅଶାନ୍ତ ବାଂଲାଦେଶରୁ ଆସିଛି ଭୟଙ୍କର ଘଟଣା। ପୁଣି ଜଣେ ହିନ୍ଦୁଙ୍କୁ ଆଜି ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ରାଣାପ୍ରତାପ ବୈରାଗୀ ଓ ସେ ଜୋସର ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଅନ୍ୟ ଏକ ଘଟଣାକ୍ରମରେ ଜଣେ ୪୦ ବର୍ଷୀୟ ହିନ୍ଦୁ ବିଧବାଙ୍କୁ ୨ ଜଣ ବ୍ୟକ୍ତି ଗଣଦୁଷ୍କର୍ମ କରିଛନ୍ତି। ଗଣଦୁଷ୍କର୍ମ ପରେ ସେମାନେ ମହିଳାଙ୍କୁ ଗଛରେ ବାନ୍ଧି ତାଙ୍କ ଚୁଟିକୁ କାଟି ପକାଇଛନ୍ତି। କେନ୍ଦ୍ରୀୟ ବାଂଲାଦେଶର କାଲିଗଞ୍ଜ ଠାରେ ଏପରି ଲୋମହର୍ଷଣକାରୀ ଘଟଣା ଘଟିଛି।

ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସେ ୩ ଡିସମିଲ ଜମି ସହ ୨ ମହଲା ବିଶିଷ୍ଟ କୋଠା ଅଢ଼େଇ ବର୍ଷ ତଳେ କିଣିଥିଲେ। ଏଥିପାଇଁ ସେ କାଲିଗଞ୍ଜ ପୌରପାଳିକାର ୱାର୍ଡ ନମ୍ବର ୭ରେ ରହୁଥିବା ଶାହିନ ଓ ତାଙ୍କ ଭାଇଙ୍କୁ ୨





ଗଛରେ ବାନ୍ଧି ମହିଳାଙ୍କ ଚୁଟି କାଟିଦେଲେ

ଦୁଇ ସମ୍ପର୍କୀୟଙ୍କୁ ନିର୍ଦ୍ଦୟ ପିଟିଲେ

ମିଲିୟନ ଟାକା(ବାଂଲାଦେଶ ମୁଦ୍ରା) ଦେଇଥିଲେ। ଶାହିନ ଓ ତାଙ୍କ ଭାଇଙ୍କଠାରୁ ଘର ଏବଂ ଜମି କିଣିବା ପରେ ମହିଳା ଜଣଙ୍କ ସେଠାରେ ରହିବା ଆରମ୍ଭ କରିଥିଲେ। କିନ୍ତୁ ମହିଳା ବିଧବା ହୋଇଥିବାରୁ ଶାହିନ ତାଙ୍କୁ ଆପତ୍ତିଜନକ ପ୍ରସ୍ତାବ ଦେଇଥିଲେ। ଏହାକୁ ସେ ବିରୋଧ କରିବାରୁ ଶାହିନ ତାଙ୍କୁ ହଇରାଣ କରି ଚାଲିଥିଲେ।

ଶନିବାର ସନ୍ଧ୍ୟାରେ ବିଧବାଙ୍କ ଗାଁର ଦୁଇଜଣ ସମ୍ପର୍କୀୟ ଘରକୁ ଆସିଥିଲେ। ଏତିକି ବେଳେ ଶାହିନ ଓ ତାଙ୍କର ଜଣେ ସହଯୋଗୀ ହାସନ ଘର ଭିତରେ ଧସେଇ ପଶିଥିଲେ। ଏହାପରେ ବିଧବାଙ୍କୁ ଦୁଷ୍କର୍ମ କରିଥିଲେ। ସେମାନେ ମହିଳାଙ୍କୁ ୫୦ ହଜରା ଟାକା ବା ଭାରତୀୟ ମୁଦ୍ରାରେ ୩୭ ହଜାର ଟଙ୍କା ମଧ୍ୟ ମାଗିଥିଲେ। ଟଙ୍କା ଦେବାକୁ ମହିଳା ଜଣଙ୍କ ମନା କରିବାରୁ ଉଭୟ ଗାଁରୁ ଆସିଥିବା ଦୁଇ ସମ୍ପର୍କୀୟଙ୍କୁ ମାଡ଼ ମାରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ସେମାନେ ଗୋଟିଏ ଗଛରେ ତାଙ୍କୁ ବାନ୍ଧି ପକାଇଥିଲେ। ଏହାପରେ ତାଙ୍କ ଚୁଟି କାଟିବା ସହ ଏହାକୁ ରେକର୍ଡ କରି ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି। ସେମାନେ ଦୀର୍ଘ ସମୟ ଧରି ମହିଳାଙ୍କୁ ନିର୍ଯାତନା ଦେବାରୁ ସେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ସଦର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ମହମ୍ମଦ ମୁସ୍ତାଫିଜୁର ମହମ୍ମଦ କହିଛନ୍ତି ଯେ, ମହିଳା ଜଣଙ୍କ ପାରମ୍ଭିକ ପର୍ଯ୍ୟାୟରେ ତାଙ୍କ ସହ କ'ଣ ସବୁ ଘଟିଥିଲା, ସେକଥା କହି ନଥିଲେ। ହେଲେ ଡାକ୍ତରୀ ମାଇନାରୁ ସେ ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ମହିଳା ଜଣଙ୍କ କାଲିଗଞ୍ଜ ପୁଲିସ୍ ଷ୍ଟେସନରେ ଦାଖଲ କରିଥିବା ଅଭିଯୋଗରେ ଶାହିନ ଓ ହାସନଙ୍କ ନାଁ ଉଲ୍ଲେଖ କରିଛନ୍ତି। ପୁଲିସ୍ ମଧ୍ୟ ମହିଳାଙ୍କ ବୟାନକୁ ରେକର୍ଡ କରି ଅଧିକ ତଦନ୍ତ ଆରମ୍ଭ କରିଛି।


ଭେନେଜୁଏଲାର ଉପରାଷ୍ଟ୍ରପତିଙ୍କୁ ଟ୍ରମ୍ପଙ୍କ ନାଲି ଆଖି

ସର୍ତ୍ତ ନ ମାନିଲେ ଭୋଗିବ ପରିଣାମ



ୱାଶିଂଟନ,୫।୧: ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିବା ପରେ ମଧ୍ୟ ଟ୍ରମ୍ପ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ୟକ୍ତୁଜ ଅଛନ୍ତି। ଏବେ, ସେ ଭେନେଜୁଏଲାର ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କୁ ଧମକ ଦେଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଯଦି ସେ ତାଙ୍କ ସର୍ତ୍ତାବଳୀରେ ରାଜି ନ ହୁଅନ୍ତି, ତେବେ ତାଙ୍କୁ ମାଦୁରୋଙ୍କ ଅପେକ୍ଷା ଖରାପ ପରିଣାମ ଭୋଗିବାକୁ ପଡିବ। ଟ୍ରମ୍ପଙ୍କ ଧମକ ଏପରି ଏକ ସମୟରେ ଆସିଛି ଯେତେବେଳେ ଭେନେଜୁଏଲାର କ୍ଷମତା ପରିବର୍ତ୍ତନ ପରେ ଏକ ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ସମୟ ଦେଇ ଗତି କରୁଛି।

ରାଷ୍ଟ୍ରପତି ଟ୍ରମ୍ପ ଆମେରିକୀୟ ପତ୍ରିକା, ଦି ଆଟଲାଣ୍ଟିକ ସହିତ ଏକ ଫୋନ ସାକ୍ଷାତକାରରେ ଉପରାଷ୍ଟ୍ରପତିଙ୍କୁ ଏହି ଧମକ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ରୋଡ୍ରିଗେଜ ଭେନେଜୁଏଲା ପାଇଁ ଆମେରିକା ଯାହା ଠିକ ବୋଲି ବିଶ୍ୱାସ କରେ ତାହା ନ କରନ୍ତି, ତେବେ ତାଙ୍କୁ ଏକ ବଡ଼ ମୂଲ୍ୟ ଦେବାକୁ ପଡିବ। ସେପଟେ ଡେଲସି ରୋଡ୍ରିଗେଜ ଟ୍ରମ୍ପଙ୍କ ଦାବିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ମାଦୁରୋଙ୍କ ପ୍ରତ୍ୟାବର୍ତ୍ତନ ଦାବି କରିଥିଲେ। ସେ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଗିରଫଦାରୀ ଏବଂ ବଳପୂର୍ବକ ବହିଷ୍କାରକୁ ସମାଲୋଚନା କରିଥିଲେ ଏବଂ ଆମେରିକାକୁ ତୁରନ୍ତ ମାଦୁରୋଙ୍କୁ ଭେନେଜୁଏଲାକୁ ଫେରାଇବାକୁ ଦାବି କରିଥିଲେ। ଉପରାଷ୍ଟ୍ରପତି ଡେଲସି ରୋଡ୍ରିଗେଜଙ୍କ ବିବୃତ୍ତି ଆମେରିକା ଏବଂ ଭେନେଜୁଏଲାଙ୍କ ମଧ୍ୟରେ ଦ୍ୱନ୍ଦ୍ୱକୁ ଆହୁରି ବୃଦ୍ଧି କରିଛି।



ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ

ଉମର ଓ ଶରଜିଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ,୫।୧ : ଦିଲ୍ଲୀ ଦଙ୍ଗା ମାମଲାରେ ଆସିଛି ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ। ସୁପ୍ରିମକୋର୍ଟ ଉମର ଖାଲିଦ ଏବଂ ଶରଜିଲ ଇମାମଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି। ଘଟଣାରେ ଜଡିତ ଅନ୍ୟ ୫ ଅଭିଯୁକ୍ତଙ୍କୁ ଜାମିନ ମିଳିଛି। ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନବି ଅଞ୍ଜାରିଆ ମାମଲାର ଶୁଣାଣି କରୁଥିଲେ। ଉଭୟ ବିଚାରପତିଙ୍କୁ ନେଇ ଏକ ଖଣ୍ଡପୀଠ ଗଠିତ ହୋଇଥିଲା। ଖଣ୍ଡପୀଠ କହିଛନ୍ତି ଯେ, ଉମର ଖାଲିଦଙ୍କୁ ଜାମିନ ମିଳିବ ନାହିଁ। ଏହାସହ ଅନ୍ୟତମ ଅଭିଯୁକ୍ତ ଶରଜିଲ ଇମାମ୍ ମଧ୍ୟ ଜେଲରେ ରହିବେ। ତେବେ ଅନ୍ୟ ୫ ଜଣ ଗୁଲଫିସା ଫାତିମା, ମିରାନ୍ ହାଇଦର, ସିଫା ଉର୍ ରେହମାନ, ମହମ୍ମଦ ସଲିମ ଖାନ୍ ଏବଂ ଶଦାବ୍ ଅହମ୍ମଦଙ୍କୁ ଜାମିନ ପ୍ରଦାନ କରାଯାଇଛି।

ପୂର୍ବରୁ ଡିସେମ୍ବର ୧୦ରେ କୋର୍ଟ ମାମାଲର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ଏକ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ମାମଲା ହୋଇଥିଲା। ଦିଲ୍ଲୀ ହାଇକୋର୍ଟ ମଧ୍ୟ ସେପ୍ଟେମ୍ବର ୨ ତାରିଖରେ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ୨୩ ଫେବୃଆରୀ ୨୦୨୦ ରାତିରେ ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗା ହୋଇଥିଲା। ଏହି ଘଟଣାରେ ୫୩ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ଶରଜିଲ ଇମାମ ଏବଂ ଉମର ଖାଲିଦ ଦଙ୍ଗାର ମୁଖ୍ୟ ଅଭିଯୁକ୍ତ ଥିଲେ। ଖାଲିଦ ଏବଂ ଶରଜିଲ ବିରୋଧରେ ଅନେକ ପ୍ରମାଣ ରହିଛି। ସେମାନେ ଷଡଯନ୍ତ୍ରରେ ସାମିଲ ଥିଲେ। ଦଙ୍ଗାରେ ସେମାନଙ୍କ ସଂପୃକ୍ତି ନେଇ ଠୋସ୍ ପ୍ରମାଣ ରହିଛି।

ରେକର୍ଡ କଲେ ସିଦ୍ଧରମୈୟା

ସବୁଠୁ ଦୀର୍ଘ ସମୟ ପର୍ଯ୍ୟନ୍ତ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ



ବେଙ୍ଗାଲୁରୁ, ୫।୧: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସିଦ୍ଧାରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାରଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏଥି ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟା ରାଜ୍ୟର ସବୁଠୁ ଦୀର୍ଘ ସମୟ ଧରି ମୁଖ୍ୟମନ୍ତ୍ରୀ ରହିବାରେ ରେକର୍ଡ କରିଛନ୍ତି। ୬ ଜାନୁଆରୀ ମଙ୍ଗଳବାର ସେ ଏହି ରେକର୍ଡ ନିଜ ନାମରେ କରିବେ। ଏହା ସହିତ ସେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡି.ଦେବରାଜ ଉର୍ସଙ୍କ ରେକର୍ଡ ଭାଙ୍ଗିବେ। ମୁଖ୍ୟମନ୍ତ୍ରୀ ପଦବୀରେ ଉର୍ସ ୭ବର୍ଷ ୨୩୯ ଦିନ ଅତିବାହିତ କରିଥିଲେ। ସିଦ୍ଧାରମୈୟା ମୁଖ୍ୟମନ୍ତ୍ରୀ ରୂପେ ସୋମବାର ୭ବର୍ଷ ୨୩୯ ଦିନ ପୁରଣ କରିଛନ୍ତି।

ସିଦ୍ଧାରମୈୟା ଯିଏ ପୂର୍ବରୁ ଲୋକ ଦଳ ଓ ଜନତା ଦଳ ପାର୍ଟିରେ ଥିଲେ ୨୦୦୬ ମସିହାରେ କଂଗ୍ରେସରେ ଯୋଗ ଦେବା ସହ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ବିରୋଧୀ ଦଳ ନେତା ପଦରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ପଦବୀ ପର୍ଯ୍ୟନ୍ତ ସିଦ୍ଧାରମୈୟା ରାଜ୍ୟରେ ଦ୍ୱିତୀୟ ବାର ସରକାର ଚଳାଉଛନ୍ତି। ସେ ରାଜ୍ୟ ବଜେଟ୍ ଉପସ୍ଥାପନାରେ ମଧ୍ୟ ରେକର୍ଡ କରିଛନ୍ତି। ସେ ଏପର୍ଯ୍ୟନ୍ତ ୧୬ ବଜେଟ୍ ଉପସ୍ଥାପନ କରିସାରିଲେଣି। ତେବେ ୧୩ଟି ବଜେଟ୍ ଉପସ୍ଥାପନ କରିଥିବା ରାମକୃଷ୍ଣ ହେଗଡେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ଦିଲ୍ଲୀରେ ମୋଦୀ-ଯୋଗୀ ଆଲୋଚନା

ଚର୍ଚ୍ଚାରେ କ୍ୟାବିନେଟ ସମ୍ପ୍ରସାରଣ ଓ ବିଧାନସଭା ନିର୍ବାଚନ



ନୂଆଦିଲ୍ଲୀ, ୫।୧: ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ଦୁଇ ନେତା ରାଜ୍ୟ କ୍ୟାବିନେଟ ସମ୍ପ୍ରସାରଣ ଏବଂ ୨୦୨୭ ବିଧାନସଭା ନିର୍ବାଚନ ପାଇଁ ରଣନୀତି ଉପରେ ଆଲୋଚନା କରିଥିବା କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ମଧ୍ୟରେ ହୋଇଥିବା ଏହି ସାକ୍ଷାତ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ଏହା ରାଜନୈତିକ ମହଲରେ ଆଲୋଚନାର ବିଷୟ ପାଲଟିଛି।

ବୈଠକରେ ଉତ୍ତର ପ୍ରଦେଶରେ ସମ୍ଭାବ୍ୟ କ୍ୟାବିନେଟ୍ ସମ୍ପ୍ରସାରଣ ବିଷୟରେ ଆଲୋଚନା ହୋଇଥିବା କୁହାଯାଉଛି। କିଛି ବିଭାଗ ପୁନର୍ଗଠନ, ନୂତନ ଚେହେରାଙ୍କୁ ଦାୟିତ୍ୱ ବଣ୍ଟନ ଏବଂ ସାଂଗଠନିକ ସନ୍ତୁଳନ ବଜାୟ ରଖିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହି ଆଲୋଚନାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ରିପୋର୍ଟ ଅନୁଯାୟୀ, ବୈଠକରେ ୨୦୨୭ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ରଣନୀତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସାଂଗଠନିକ ଶକ୍ତି, ତୃଣମୂଳ ସ୍ତରର ମତାମତ, ଆଞ୍ଚଳିକ ସନ୍ତୁଳନ ଏବଂ ଜନସ୍ୱାର୍ଥ ସହିତ ଜଡିତ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯାଇଥିଲା। ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ବିଶ୍ୱର ସବୁଠାରୁ ବଡ଼ ଶିବଲିଙ୍ଗ



ନୂଆଦିଲ୍ଲୀ, ୫।୧: ତାମିଲନାଡୁର ମହାବଳୀପୁରମରୁ ବିହାରର ଗୋପାଳଗଞ୍ଜ ସହରରେ ପହଞ୍ଚିଛି ବିଶ୍ୱର ସବୁଠାରୁ ବଡ଼ ଶିବଲିଙ୍ଗ। ଏହି ବିଶାଳ ଶିବଲିଙ୍ଗ ବିହାରର ପୂର୍ବ ଚମ୍ପାରଣରେ ଥିବା ବିଶାଳ ରାମାୟଣ ମନ୍ଦିରରେ ସ୍ଥାପିତ କରାଯିବ। ବିହାର ଯିବା ବାଟରେ ଶିବଲିଙ୍ଗ ଗୋପାଳଗଞ୍ଜରେ ପହଞ୍ଚିବା ମାତ୍ରେ ହଜାର ହଜାର ଲୋକ ଏହାକୁ ଦେଖିବା ପାଇଁ ଏବଂ ଫଟୋ ଉଠାଇବା ପାଇଁ ଏକାଠି ହୋଇଥିଲେ। ଶିବଲିଙ୍ଗ ପହଞ୍ଚିବା ମାତ୍ରେ ଆଖପାଖ ଅଞ୍ଚଳରେ ଭକ୍ତିର ପରିବେଶ ଦେଖିବାକୁ ମିଳିଥିଲା। ଲୋକମାନେ 'ହର ହର ମହାଦେବ , ଓମ୍ ନମଃ ଶିବାୟ' ମନ୍ତ୍ର ଧ୍ୱନି ଜପିବାକୁ ଲାଗିଥିଲେ। ରିପୋର୍ଟ ଅନୁସାରେ, ଏହି ଶିବଲିଙ୍ଗରେ ପ୍ରାୟ ଏକ ହଜାର ଛୋଟ ଛୋଟ ଶିବଲିଙ୍ଗ ଖୋଦିତ ହୋଇଛି ।

ଲମ୍ବ ୩୩ ଫୁଟ, ଓଜନ ୨୧୦ ମେଟ୍ରିକ୍ ଟନ୍

ବିହାରର ରାମାୟଣ ମନ୍ଦିରରେ ସ୍ଥାପିତ ହେବ

ବିଶ୍ୱର ଏହି ସର୍ବବୃହତ ଶିବଲିଙ୍ଗ କେବଳ ଗୋଟିଏ ନୁହେଁ ବରଂ ଅନେକ ବିଶେଷ କାରଣ ପାଇଁ ପ୍ରସିଦ୍ଧି ହାସଲ କରିଛି। ଏହି ବିଶାଳ ଶିବଲିଙ୍ଗର ଲମ୍ବ ଏବଂ ପ୍ରସ୍ଥ ୩୩ ଫୁଟ। ଏହାର ଓଜନ ପ୍ରାୟ ୨୧୦ ମେଟ୍ରିକ୍ ଟନ୍। ଏହି ଶିବଲିଙ୍ଗରେ ୧,୦୦୦ ଛୋଟ ଶିବଲିଙ୍ଗ ଖୋଦିତ ହୋଇଛି । ଯାହା ଏହାକୁ ସ୍ୱତନ୍ତ୍ର କରେ। ଏହାକୁ ତାମିଲନାଡୁର ମହାବଳୀପୁରମରୁ ପଠାଯାଇଥିଲା ଏବଂ ୪୫ ଦିନର ଯାତ୍ରା ପରେ ଶିବଲିଙ୍ଗ ବିହାରରେ ପହଞ୍ଚିଛି। ରିପୋର୍ଟ ଅନୁସାରେ, ଜାନୁଆରୀ ୧୭ ତାରିଖରେ ବିରାଟ ରାମାୟଣ ମନ୍ଦିର ପରିସରରେ ପୀଠ ପୂଜା, ଯଜ୍ଞ ଏବଂ ଅନ୍ୟାନ୍ୟ ରୀତିନୀତି ସହିତ ଶିବଲିଙ୍ଗ ସ୍ଥାପନ କରାଯିବ।

ଆଧୁନିକ ଯୁଦ୍ଧର ଚ୍ୟାଲେଞ୍ଜ ପାଇଁ ଭାରତୀୟ ସେନା ପ୍ରସ୍ତୁତ

ଶତ୍ରୁଙ୍କ ବିନାଶ କରିବ 'ଭୈରବ'

ନୂଆଦିଲ୍ଲୀ,୫।୧: ଆଧୁନିକ ଯୁଦ୍ଧର ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭାରତର ଜୋରଦାର ପ୍ରସ୍ତୁତି। ସେନାର ଶକ୍ତି ଲାଗାତାର ବୃଦ୍ଧି ପାଇବାରେ ଲାଗିଛି। ତୃତୀୟ



ବିଶ୍ୱଯୁଦ୍ଧକୁ ନେଇ ଆଶଙ୍କା ଘନୀଭୂତ ହେଉଥିବା ବେଳେ, ଆଧୁନିକ ଯୁଦ୍ଧ ପ୍ରଣାଳୀର ବିକାଶ ଜରୁରୀ ହୋଇପଡ଼ିଛି। ଏହି କ୍ରମରେ ଭାରତୀୟ ସେନା ୧ ଲକ୍ଷ ଡ୍ରୋନ୍ ଅପରେଟରଙ୍କୁ ନେଇ ଏକ ଫୋର୍ସ ବିକଶିତ କରିଛି। ନୂତନ ଭାବରେ ଗଠିତ ସ୍ୱତନ୍ତ୍ର ବାହିନୀ 'ଭୈରବ' ଶତ୍ରୁର ବିନାଶ ଘଟାଇବାକୁ ପ୍ରସ୍ତୁତ ହେଉଛି। ଭୈରବରେ ସାମିଲ ସମସ୍ତ ଯବାନ ଡ୍ରୋନ ପରିଚାଳନା କରିବାରେ ସକ୍ଷମ। ଶତ୍ରୁ ଅଞ୍ଚଳରେ ପଶି ଘାଟି ଏବଂ ଢାଞ୍ଚାଗୁଡ଼ିକୁ ଟାର୍ଗେଟ କରିବା ପାଇଁ ସେମାନଙ୍କୁ ନିୟୋଜିତ କରାଯିବ। ବିଶ୍ୱ ଏବଂ ନିଜସ୍ୱ ସଂଘର୍ଷରୁ ମିଳିଥିବା ଅଭିଜ୍ଞତା ଆଧାରରେ ସେନା ଦ୍ୱାରା ଭୈରବ ବାଟାଲିୟନକୁ ଆକ୍ରମଣାତ୍ମକ ଭାବରେ କାର୍ଯ୍ୟ କରିବାକୁ ସୃଷ୍ଟି କରାଯାଇଛି। ଆବଶ୍ୟକତା ଅନୁସାରେ ଯେକୌଣସି ପରିସ୍ଥିତିରେ କାର୍ଯ୍ୟ କରିବାକୁ ସକ୍ଷମ ହେବ ସ୍ୱତନ୍ତ୍ର ବାହିନୀ ଭୈରବ।

ଭାରତୀୟ ସେନା ପୂର୍ବରୁ ଏଭଳି ପ୍ରାୟ ୧୫ଟି ବାଟାଲିୟନ ଗଠନ କରିସାରିଛି। ସେଗୁଡ଼ିକୁ ଉଭୟ ସୀମାରେ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇଛି। ଭବିଷ୍ୟତରେ ମୋଟ ୨୫ଟି ବାଟାଲିୟନ ଗଠନ କରିବାର ଯୋଜନା ରହିଛି। ଭୈରବ ବାଟାଲିୟନ ପାରା ସ୍ପେଶାଲ୍ ଫୋର୍ସ ଏବଂ ରେଗୁଲାର ଇନଫାଣ୍ଟ୍ରି ବାଟାଲିୟନ ମଧ୍ୟରେ ଥିବା ଦୂରତାକୁ କମାଇବ। ୧୫ରେ ଜୟପୁରରେ ହେବାକୁ ଥିବା ଆର୍ମି ଡେ' ପରେଡରେ ଡେଜର୍ଟ ଫାଲକନ୍ସ ନାଁରେ ପରିଚିତ ଭୈରବ ବାଟାଲିୟନ ଯୋଗ ଦେବ।

ରୁଷଠାରୁ ତେଲ କିଣା ନେଇ ଆମେରିକାର ଚେତାବନୀ

ଭାରତ ଉପରେ ବଢ଼ିବ ଟାରିଫ୍ ବୋଝ



ନୂଆଦିଲ୍ଲୀ,୫।୧: ତେଲକୁ ନେଇ ଆମେରିକା ପାଗଳ ହୋଇପଡ଼ିଛି। କେତେବେଳେ ଭେନେଜୁଏଲା ଉପରେ ଆକ୍ରମଣ କରୁଛି ତ ପୁଣି କେତେବେଳେ ଅନ୍ୟେ ଦେଶକୁ ଟା



ପାର୍କ ସର୍କସରେ ଅଘଟଣ

ଛାତ ଭୁଶୁଡ଼ି ଜଣେ ମୃତ

କୋଲକାତା,୫।୧(ସଂଚାର ବ୍ୟୁରୋ): ଶୀତ ରାତିରେ ନିଶ୍ଚିନ୍ତର ନିଦ ମଧରେ ପାର୍କ ସର୍କସରେ ଏକ ବଡ଼ ଦୁର୍ଘଟଣା ଘଟିଗଲା। ବର୍ଷର ପ୍ରଥମ ରବିବାର ରାତିରେ, ପାର୍କ ସର୍କସ ଲୋହାପୁଲର ୬୫ ନମ୍ବର ୱାର୍ଡରେ ଥିବା ଏକ ପୁରୁଣା ତିନି ମହଲା ଘରର ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା।

ଏଥିରେ ୬୧ ବର୍ଷୀୟ ରାବିଆ ଖାତୁନଙ୍କ ମୃତ୍ୟୁ ହୋଇଛି। ଏହା ସହିତ, ଘରର ଜଣେ ଶିଶୁ ଏବଂ ଦୁଇଜଣ ବୟସ୍କ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୯ ବର୍ଷୀୟ ଆୟେଶା ଖାତୁନ, ୧୬ ବର୍ଷୀୟ ଉମର ଓରଫ ଦାନିଶ ଆଲାମ ଏବଂ ୫୫ ବର୍ଷୀୟ ୱାହିଦ ଅବଦୁଲ ଅଛନ୍ତି। ଆହତମାନଙ୍କୁ ନିକଟସ୍ଥ ନ୍ୟାସନାଲ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ରାବିଆଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଯୋଗୁଁ ସକାଳଠାରୁ ପାର୍କ ସର୍କସ ଅଞ୍ଚଳରେ ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ସହରର ପୁରୁଣା ଏବଂ ବିପଦପୂର୍ଣ୍ଣ ଘରଗୁଡ଼ିକ ପ୍ରତି ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ।

ଏସ୍‌ଆଇଆର୍‌କୁ ନେଇ ବଢୁଛି ବିବାଦ

କ୍ରିକେଟର ଶାମି ଓ ଅଭିନେତା ଦେବକୁ ଶୁଣାଣି ପାଇଁ ଡାକରା

କୋଲକାତା,୫।୧(ସଂଚାର ବ୍ୟୁରୋ): ଡ୍ରାଫ୍ଟ ତାଲିକାରେ କୌଣସି ନାମ ନାହିଁ। ଅଭିନେତା ତଥା ଘାଟଲର ତୃଣମୂଳ ସାଂସଦ ଦୀପକ ଅଧିକାରୀ ଓରଫ ଦେବଙ୍କୁ ଏସ୍‌ଆଇଆର୍ ଶୁଣାଣି ପାଇଁ ସମନ କରାଯାଇଛି। ୯୩ ନମ୍ବର ୱାର୍ଡର କାଉନସିଲର ମୌସୁମୀ ଦାସ ଏମିତି ଦାବି କରିଛନ୍ତି। ତେବେ, ଦେବ କହିଛନ୍ତି ଯେ ସେ ଏ ବିଷୟରେ କିଛି ଜାଣନ୍ତି ନାହିଁ। ଉଲ୍ଲେଖନୀୟ ଯେ ପୂର୍ବରୁ କବି ଜୟ ଗୋସ୍ୱାମୀଙ୍କୁ ମଧ୍ୟ ଏସ୍‌ଆଇଅର୍ ଶୁଣାଣି ପାଇଁ ସମନ କରାଯାଇଛି। ୯୩ ନମ୍ବର ୱାର୍ଡର କାଉନସିଲର ଲାବଣୀ



ତାଙ୍କ ଝିଅ ଏହାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହା ସହିତ, ଏହା ମଧ୍ୟ ଜଣା ପଡ଼ିଛି ଯେ, କ୍ରିକେଟର ମହମ୍ମଦ ଶାମିଙ୍କୁ ମଧ୍ୟ ଏସ୍‌ଆଇଆର୍ ଶୁଣାଣି ପାଇଁ ସମନ କରାଯାଇଛି। ୯୩ ନମ୍ବର ୱାର୍ଡର କାଉନସିଲର କହିଛନ୍ତି, ଲାବଣୀ ସରକାରଙ୍କୁ ସମସ୍ତେ ନାଁରେ ଜାଣନ୍ତି। ସେ ବଙ୍ଗଳା ଚଳଚ୍ଚିତ୍ର ଶିଳ୍ପର ଜଣେ ପ୍ରସିଦ୍ଧ ଅଭିନେତ୍ରୀ। କୌଶିକ ବାନାର୍ଜୀଙ୍କୁ ମଧ୍ୟ ନୋଟିସ ଆସିଛି। ଦେବଙ୍କୁ ମଧ୍ୟ ଡକାଯାଇଛି। ସେ ଜଣେ ସାଂସଦ। ତାଙ୍କୁ ମଧ୍ୟ ଡକାଯାଇଛି। ଏହା ହଇରାଣ କରିବା ବ୍ୟତୀତ ଆଉ କିଛି ନୁହେଁ। ଶୁଣାଣିରେ ମଧ୍ୟ ଅଜବ ପ୍ରଶ୍ନ ପଚରାଯାଉଛି। ତେବେ, କେବଳ ଷ୍ଟାରମାନଙ୍କୁ ନୁହେଁ, ଜଲପାଇଗୁଡ଼ିର ଜଣେ ବିଡିଓଙ୍କୁ ମଧ୍ୟ ଶୁଣାଣି ପାଇଁ ଡକାଯାଇଥିଲା। ସେ ଧାଡ଼ିରେ ଠିଆ ହୋଇ ଶୁଣାଣି ପାଇଁ ହାଜର ହୋଇଥିଲେ। ଅନ୍ୟପଟେ ପୂର୍ବତନ ସେନା ଯବାନଙ୍କ ପରିବାରକୁ ମଧ୍ୟ ଶୁଣାଣି ପାଇଁ ଡକାଯାଇଥିଲା।

● ଭାରତୀୟ ରେଳବାଇର 'ଅପରେସନ୍ ନାର୍କୋସ୍'

ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ

କୋଲକାତା,୫।୧(ସଂଚାର ବ୍ୟୁରୋ): 'ଅପରେସନ୍ ନାର୍କୋସ୍' ଅଧୀନରେ ଆର୍‌ପିଏଫ୍/ପୂର୍ବ ରେଳବାଇର ପ୍ରମୁଖ ସଫଳତା। ପୂର୍ବ ରେଳବାଇର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) 'ଅପରେସନ୍ ନାର୍କୋସ୍' ଅଧୀନରେ ନିଶାଦ୍ରବ୍ୟ ଚୋରାଚାଲାଣ ବିରୁଦ୍ଧରେ ଚାଲିଥିବା ଅଭିଯାନରେ ଏକ ପ୍ରମୁଖ ସଫଳତା ହାସଲ କରିଛି, ଯାହା ରେଳବାଇ ପରିସରରେ ଯାତ୍ରୀ ସୁରକ୍ଷା ଏବଂ ସୁରକ୍ଷା ପ୍ରତି ଏହାର ଦୃଢ଼ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି। ସିଆଇବି/ମାଲଦା ସହିତ ସମନ୍ୱୟ ରଖି ମାଲଦା ଡିଭିଜନର ଆର୍‌ପିଏଫ୍ କର୍ମଚାରୀମାନେ ମାଲଦା



ଟାଉନ୍ ରେଳ ଷ୍ଟେସନରୁ ଦୁଇଜଣଙ୍କୁ ଗିରଫ କରି ସେମାନଙ୍କଠାରୁ ୨୧ କିଲୋଗ୍ରାମ ଗଞ୍ଜେଇ ଜବତ କରିଛନ୍ତି, ଯାହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ୫୦ ହଜାର ଟଙ୍କା ହେବ।

ଦ. ଆଫ୍ରିକାରେ ବୈଭବଙ୍କ ଝଡ଼

ନୂଆଦିଲ୍ଲୀ,୫।୧: ୧୯ ବର୍ଷରୁ କମ ଦକ୍ଷିଣ ଆଫ୍ରିକା ଦଳ ବିପକ୍ଷରେ ବୈଭବ ସୂର୍ଯ୍ୟବଂଶୀଙ୍କ ଝଡ଼ ଦେଖିବାକୁ ମିଳିଛି। ଦ୍ୱିତୀୟ ୟୁଥ ଦିନିକିଆରେ ବୈଭବ ସୂର୍ଯ୍ୟବଂଶୀ ନିଜର ବିସ୍ଫୋରକ ବ୍ୟାଟିଂରେ ମ୍ୟାଚର ଗତିପଥ ବଦଳାଇ ଦେଇଛନ୍ତି। ଆଉ ଭାରତ ଡକୱର୍ଥ ଲୁଇସ ନିୟମ ଅନୁସାରେ ମ୍ୟାଚକୁ ସହଜରେ ୮ ୱିକେଟ୍‌ରେ ଜିତି ନେଇଛି। ଦକ୍ଷିଣ ଆଫ୍ରିକାର ବେନୋନିରେ ଖେଳା ଯାଇଥିବା ଏହି ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୨୧ ବଲରୁ ୧୦ ଛକା ମାରିଛନ୍ତି। ମୋଟ୍ ୨୪ ବଲରୁ ୧ ଚୌକା ଓ ୧୦ ଛକା ବଳରେ ଖେଳିଛନ୍ତି ୬୮ ରନର ଜବରଦସ୍ତ ଇନିଂସ।

ବୈଭବ ସୂର୍ଯ୍ୟବଂଶୀ କ୍ରିଜରେ ପହଞ୍ଚିବା ମାତ୍ରେ ବିସ୍ଫୋରକ ବ୍ୟାଟିଂ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଏହି ବାମହାତୀ ବ୍ୟାଟରଙ୍କ ପ୍ରଭାବ



ଏମିତି ଥିଲା ଯେ, ଗୋଟିଏ ସମୟରେ ଖେଳ ରୋକିବାକୁ ପଡ଼ିଥିଲା। କାରଣ ନିଜର ସପ୍ତମ ଛକାରେ ବୈଭବ ବଲକୁ ପଡ଼ିଆ ବାହାରକୁ ପଠାଇ ଦେଇଥିଲେ। ବଲ୍ ଖୋଜିବା ପରେ ବି ମିଳି ନ ଥିଲା। ତେଣୁ କିଛି ସମୟ ଖେଳ ବନ୍ଦ ରହିଥିଲା। ବଲ୍ ବଦଳିଥିଲା, ହେଲେ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂ ଶୈଳୀରେ କୌଣସି ପରିବର୍ତ୍ତନ ଘଟି ନ ଥିଲା ଏବଂ ସେ ବଡ଼ ବଡ଼ ସଟ୍ ଖେଳିବା ଜାରି ରଖିଥିଲେ।

- ୨୧ ବଲ୍‌ରେ ମାରିଲେ ୧୦ ଛକା
- ୨୪ ବଲରେ କଲେ ୬୮ ରନ

ସେ ୨୪ ବଲରେ ୬୮ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି। ଏହି ସମୟରେ ତାଙ୍କର ଷ୍ଟ୍ରାଇକ ରେଟ୍ ୨୮୩.୩୩ ଥିଲା। ଉଲ୍ଲେଖନୀୟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଦକ୍ଷିଣ ଆଫ୍ରିକା ୪୯.୩ ଓଭରରେ ୨୪୫ ରନରେ ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଜାସନ ରାବଲ୍ସ ୧୧୪ ରନର ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ଭାରତ ୨୩.୩ ଓଭରରେ ୨ ୱିକେଟ୍ ହରାଇ ୧୭୬ ରନ କରିଥିଲା। ବର୍ଷା ହେବାରୁ ମ୍ୟାଚ୍ ପୁନଃ ଆରମ୍ଭ ହୋଇ ପାରି ନ ଥିଲା। ଫଳରେ ଭାରତ ଡକୱର୍ଥ ଲୁଇସ ଅନୁସାରେ ମ୍ୟାଚକୁ ୮ ୱିକେଟରେ ଜିତି ନେଇଛି।

ଆଇପିଏଲ୍ ପ୍ରସାରଣ ବାଂଲାଦେଶରେ ବନ୍ଦ

ନୂଆଦିଲ୍ଲୀ,୫।୧: ୫ ଜଣ ହିନ୍ଦୁଙ୍କୁ ହତ୍ୟା ଓ ଜଣେ ବିଧାବା ହିନ୍ଦୁ ମହିଳାଙ୍କୁ ଗଣବଳାତ୍କାର ପରେ ବାଂଲାଦେଶ ସହ ଭାରତର ସଂପର୍କ ତିକ୍ତ ହୋଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଦୁଇ ଦେଶ ମଧ୍ୟରେ ଛକାପଞ୍ଜା ଲାଗି ରହିଛି। କେବଳ ରାଜନୈତିକ ନୁହେଁ ଏହି

ଟି-୨୦ ବିଶ୍ୱକପ୍ ୨୦୨୬ ପାଇଁ ଭାରତ ଆସିବାକୁ ମନାକଲା

ବିବାଦ ଏବେ କ୍ରିକେଟ ଗ୍ରାଉଣ୍ଡକୁ ବି ବ୍ୟାପିଛି। ବିସିସିଆଇ ବାଂଲା ଖେଳାଳି ମୁସ୍ତଫିଜୁର ରହମାନଙ୍କୁ ଆଇପିଏଲ ମନା କରିବା ପରେ ବାଂଲାଦେଶ ସରକାର ଆଇପିଏଲ ପ୍ରସାରଣ ଉପରେ ବ୍ୟାନ ଲଗାଇଛି। ସୋମବାର ବାଂଲାଦେଶ ସରକାର ଏନେଇ ଏକ ବିଜ୍ଞପ୍ତି ଜାରି କରି କହିଛନ୍ତି, ଦେଶରେ ଆଇପିଏଲର ଟେଲିକାଷ୍ଟ ଏବଂ ବ୍ରଡକାଷ୍ଟ ଉପରେ ରୋକ ଲଗାଯାଉଛି। ତେବେ ଏହି ବ୍ୟାନ୍ ପାଇଁ ଦେଶର କ୍ରୀଡ଼ା ମନ୍ତ୍ରଣାଳୟ ସୂଚନା- ପ୍ରସାରଣ ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲା। ଯାହା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସୂଚନାଥାଉକି, ବାଂଲାଦେଶ ଏହା ପୂର୍ବରୁ ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ଭାରତ ଆସିବାକୁ ମଧ୍ୟ ମନା କରିଛି। ବିସିସିଆଇକୁ ଏକ ଇମେଲରେ ମୁସ୍ତଫିଜୁର ରହମାନଙ୍କୁ ବାହାର କରିବା ଉପରେ ସ୍ପଷ୍ଟୀକରଣ ମଧ୍ୟ ମାଗିଛି। ଖାଲି ସେତିକି ନୁହେଁ, ବାଂଲାଦେଶ କ୍ରିକେଟ ବୋର୍ଡ ଏକ ଇମେଲରେ ଆଇସିସିକୁ ମଧ୍ୟ ବିଶ୍ୱ କପ୍ ଖେଳାଯିବା ସ୍ଥାନ ପରିବର୍ତ୍ତନ କରିବାକୁ ଅପିଲ କରିଛି। ଭାରତ ବଦଳରେ ଟି୨୦ ବିଶ୍ୱ କପ୍ ମ୍ୟାଚ ଶ୍ରୀଲଙ୍କାରେ କରିବାକୁ କହିଛି ବାଂଲାଦେଶ। ଏଥିପାଇଁ ବାଂଲାଦେଶ ସୁରକ୍ଷାର ଦ୍ୱାହି ମଧ୍ୟ ଦେଇଛି।

● ପାଇପଲାଇନରୁ ଓଏନ୍‌ଜିସି ଗ୍ୟାସ ଲିକ୍

ଲାଗିଲା ନିଆଁ, ପଦା ହେଲା ଗାଁ

ତିରୁବନନ୍ତପୁରମ୍,୫।୧: ଆନ୍ଧ୍ର ପ୍ରଦେଶର କୋନାସୀମା ଜିଲ୍ଲାରେ ଆଜି ଏକ ଓଏନଜିସି ପାଇପଲାଇନରୁ ଭୟଙ୍କର ଗ୍ୟାସ ଲିକ୍ ହେବା ଫଳରେ ଆଖପାଖ ଅଞ୍ଚଳରେ ଅଗ୍ନିକାଣ୍ଡ ଘଟିଛି। ମାଲିକିପୁରମ ମଣ୍ଡଳର ଇରୁସ୍‌ମାଣ୍ଡା ନିକଟରେ ଏହି ଗ୍ୟାସ ଲିକ୍ ହେବା ଯୋଗୁଁ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ଧୂଆଁରେ ବୁଡ଼ି ରହିଛି। ଏଥିସହ ନିଆଁ ମଧ୍ୟ ଦ୍ରୁତ ଗତିରେ ବ୍ୟାପୁଥିବାରୁ ଆଖପାଖରେ ଥିବା ଗ୍ରାମଗୁଡ଼ିକୁ ଖାଲି କରାଯାଇଛି। ତେବେ ଏହି ଗ୍ୟାସ୍ ଲିକ୍ ଓ ଅଗ୍ନିକାଣ୍ଡ କାରଣରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଗ୍ୟାସ ଲିକ୍ ଯୋଗୁଁ ଅଗ୍ନିକାଣ୍ଡରେ ଶହ ଶହ ସଂଖ୍ୟାରେ ନଡ଼ିଆ ଗଛ ଜଳି ପୋଡ଼ି ଯାଇଛି। ଏ ସଂକ୍ରାନ୍ତରେ ଅଧିକାରୀଙ୍କଠାରୁ ସୂଚନା ପାଇବା ପରେ ଓଏନଜିସି କର୍ମଚାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ୟାସ୍ ଲିକ୍ ଓ ଅଗ୍ନିକାଣ୍ଡ ଯୋଗୁଁ ଆଖପାଖ ଅଞ୍ଚଳରେ ଘନ କୁହୁଡ଼ି ପରି ସ୍ଥିତି ରହିଛି। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସୂଚନା ପାଇବା ପରେ ପ୍ରଶାସନିକ ଅଧିକାରୀମାନଙ୍କୁ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ସତର୍କତା ଅବଲମ୍ବନ କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

● ଏସ୍‌ଆଇଆର୍ ବିବାଦ

ନିର୍ବାଚନ କମିଶନଙ୍କୁ ମମତାଙ୍କ ଚିଠି



କୋଲକାତା,୫।୧(ସଂଚାର ବ୍ୟୁରୋ): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଅର୍)କୁ ନେଇ ପଶ୍ଚିମବଙ୍ଗ ସରକାର ପୁଣି ଥରେ କେନ୍ଦ୍ରୀୟ ନିର୍ବାଚନ କମିଶନଙ୍କ ସହ ବିବାଦରେ ପଡ଼ିଛନ୍ତି। ନିର୍ବାଚନ କମିଶନଙ୍କୁ ଲେଖିଥିବା ଏକ ଲମ୍ବା ଏବଂ ଦୃଢ଼ ଚିଠିରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକା ସଂଶୋଧନ ନାମରେ ପଶ୍ଚିମବଙ୍ଗରେ ଏକ ଅଣଯୋଜନାମୂଳକ, ମନମୁଖୀ ଏବଂ ଅସାମ୍ବିଧାନିକ ପ୍ରକ୍ରିୟା ଚାଲିଛି। ଜାନୁଆରୀ ୩ୀ ତାରିଖରେ ପଠାଯାଇଥିବା ଚିଠିରେ ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ ଏସ୍‌ଆଇଆର୍ ଉପଯୁକ୍ତ ପ୍ରସ୍ତୁତି, ନିୟମ ଏବଂ ତାଲିମ ବିନା ପରିଚାଳିତ ହେଉଛି, ଯାହା ସମଗ୍ର ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ ଏବଂ ଅବିଶ୍ୱସନୀୟ କରିଛି। କମିଶନଙ୍କ ନିର୍ଦ୍ଦେଶ ବାରମ୍ବାର ବଦଳୁଛି, କେତେବେଳେ 'ଅନୌପଚାରିକ' ନିର୍ଦ୍ଦେଶ ହ୍ୱାଟସଆପ୍ କିମ୍ବା ମେସେଜ୍ ମାଧ୍ୟମରେ ଦିଆଯାଉଛି - ଯାହାର କୌଣସି ଲିଖିତ ସୂଚନା କିମ୍ବା ଆଇନଗତ ଆଧାର ନାହିଁ।

ଓଡ଼ିଆ ଚିକିତ୍ସକ ପ୍ରଦୀପ୍ତ କୁମାର ସେଠିଙ୍କୁ ଏଫ୍‌ଆଇଏସ୍‌ଜି ସମ୍ମାନ



କୋଲକାତା,୫।୧ (ସଂଚାର ବ୍ୟୁରୋ): ମଣିପାଲ ହସ୍ପିଟାଲ୍ସ, ଇଏମ୍ ବାଇପାସ୍ ଏବଂ ମୁକୁନ୍ଦପୁରର ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ନିର୍ଦ୍ଦେଶକ ଓଡିଆ ଚିକିତ୍ସକ ପ୍ରଦୀପ୍ତ କୁମାର ସେଠିଙ୍କୁ ଇଣ୍ଡିଆନ୍ ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଏଫ୍‌ଆଇଏସ୍‌ଜି) ୨୦୨୫ ମସିହାର ପ୍ରତିଷ୍ଠିତ ଫେଲୋସିପ୍ ପ୍ରଦାନ କରାଯାଇଛି। ଏହି ପୁରସ୍କାର ଅମୃତସରରେ ସମ୍ପ୍ରତି ଅନୁଷ୍ଠିତ ଇଣ୍ଡିଆନ୍ ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ଆଇଏସ୍‌ଜି) ବାର୍ଷିକ ବୈଠକରେ ପ୍ରଦାନ କରାଯାଇଥିଲା। ଇଣ୍ଡିଆନ୍ ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ଫେଲୋସିପ୍ ହେଉଛି ଭାରତରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କ୍ଷେତ୍ରରେ ସର୍ବୋଚ୍ଚ ବୃତ୍ତିଗତ ସମ୍ମାନ ମଧ୍ୟରୁ ଗୋଟିଏ। ଏହା ଦେଶର କ୍ଲିନିକାଲ ଅଭ୍ୟାସ, ଗବେଷଣା, ଶିକ୍ଷା ଏବଂ ପାଚନ ସ୍ୱାସ୍ଥ୍ୟସେବାର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବା ପ୍ରସିଦ୍ଧ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନଙ୍କୁ ପ୍ରଦାନ କରାଯାଏ। ଡକ୍ଟର ସେଠିଙ୍କ ପାଇଁ ଏହି ସମ୍ମାନ ରୋଗୀ ଯତ୍ନରେ ଉତ୍କର୍ଷତା ପ୍ରତି ତାଙ୍କର ଦୀର୍ଘକାଳୀନ ପ୍ରତିବଦ୍ଧତା ଏବଂ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି କ୍ଷେତ୍ରରେ ତାଙ୍କର ଅବଦାନକୁ ପ୍ରତିଫଳିତ କରେ। ଏହି ସଫଳତା ବିଷୟରେ କହିବାକୁ ଗଲେ, ଡକ୍ଟର ସେଠି ଏହି ସମ୍ମାନ ପାଇଁ ଇଣ୍ଡିଆନ୍ ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ତାଙ୍କ ପରିବାର, ସହକର୍ମୀ ଏବଂ ଦଳର ସମର୍ଥନକୁ ସ୍ୱୀକାର କରିଛନ୍ତି। ସେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ ଉଚ୍ଚମାନର କ୍ଲିନିକାଲ୍ ଯତ୍ନ, ଗବେଷଣା ଏବଂ ଶିକ୍ଷା ପ୍ରଦାନ ଜାରି ରଖିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ଗଙ୍ଗାସାଗର ମେଳାକୁ ନେଇ ଶିଆଲଦା ଷ୍ଟେସନରେ ପ୍ରସ୍ତୁତି

କୋଲକାତା,୫।୧(ସଂଚାର ବ୍ୟୁରୋ): ୨୦୨୬ ମସିହାର ଗଙ୍ଗାସାଗର ମେଳାକୁ ଦୃଷ୍ଟିରେ ରଖି ଶିଆଲଦା ଷ୍ଟେସନରେ ଯାତ୍ରୀ ସେବାକୁ ସୁଦୃଢ଼ କରାଯାଇଛି। ମେଳା ସମୟରେ ଲକ୍ଷ ଲକ୍ଷ ଯାତ୍ରୀ ଯେପରି ସୁଗମ ଭାବରେ ଯାତ୍ରା କରିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଶିଆଲଦା ରେଳ ବିଭାଗ ଅନେକ ପଦକ୍ଷେପ ନେଉଛି। ଶିଆଲଦା ଡିଭିଜନର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଯଶରାମ ମୀନାଙ୍କ ନେତୃତ୍ୱରେ ଟିକେଟ ଯାଞ୍ଚ କର୍ମଚାରୀ ଏବଂ ବାଣିଜ୍ୟିକ ପର୍ଯ୍ୟବେକ୍ଷକଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଯାତ୍ରୀଙ୍କ ସୁବିଧା ବୃଦ୍ଧି, ଭିଡ଼ ନିୟନ୍ତ୍ରଣ ଏବଂ ଦ୍ରୁତ ସେବା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାତ୍ରୀଙ୍କ ପାଇଁ ଟିକେଟିଂର ହଇରାଣ କମ କରିବା ପାଇଁ ଅତିରିକ୍ତ ଟିକେଟ କାଉଣ୍ଟର ଏବଂ କର୍ମଚାରୀ ନିୟୋଜିତ କରାଯିବ। ଏହା ସହିତ, ଧାଡ଼ିରେ ଠିଆ ହେବାର ଚାପ କମ କରିବା ପାଇଁ ଏମ୍-ୟୁଟିଏସ୍ ସିଷ୍ଟମର ବ୍ୟବହାର ବୃଦ୍ଧି କରାଯିବ। ସବୁବେଳେ ଷ୍ଟେସନର ପର୍ଯ୍ୟବେକ୍ଷଣ କାଉଣ୍ଟରରେ ଟ୍ରେନ୍ ସମୟସୂଚୀ, ପ୍ଲାଟଫର୍ମ ନମ୍ବର ଏବଂ ସ୍ୱତନ୍ତ୍ର ଟ୍ରେନ୍ ସୂଚନା ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେସନ ପରିସରରେ ନିୟମିତ ଏବଂ ସ୍ପଷ୍ଟ ଘୋଷଣା କରାଯିବ, ଯାହା ଦ୍ୱାରା କୌଣସି ଦ୍ୱନ୍ଦ୍ୱ ନହୁଏ। ବାଣିଜ୍ୟିକ ପର୍ଯ୍ୟବେକ୍ଷକମାନଙ୍କୁ ମେଳା ସମୟରେ ସର୍ବଦା କ୍ଷେତ୍ର ସ୍ତରରେ ସକ୍ରିୟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଦ୍ୱାରା ଯେକୌଣସି ସମସ୍ୟାର ଶୀଘ୍ର ସମାଧାନ ହୋଇପାରିବ। ରେଳ କର୍ତ୍ତୃପକ୍ଷ ଦାବି କରିଛନ୍ତି ଯେ ଗଙ୍ଗାସାଗର ମେଳାର ବ୍ୟସ୍ତବହୁଳ ସମୟରେ ସେମାନେ ଶିଆଲଦା ଷ୍ଟେସନରେ ସେବାର ଗୁଣବତ୍ତା ବଜାୟ ରଖିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲକ୍ଷ୍ୟ ହେଉଛି ଯାତ୍ରୀମାନେ ଏକ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଅସୁବିଧାମୁକ୍ତ ଯାତ୍ରା ଅଭିଜ୍ଞତା ପାଇବେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୧୭ ମାସରେ...

ସକାଶେ ସେଠାରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜିକରଣ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ ମୁଖ୍ୟମନ୍ତ୍ରୀ। ବିଶେଷକରି ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲ୍ଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲ୍ଲାର ପ୍ରିୟବ୍ରତ ପ୍ରଧାନ ଓ କଟକ ଜିଲ୍ଲାର ଦୀପ୍ତିମୟୀ ଦାଶଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ତୁରନ୍ତ ମଞ୍ଜୁର କରିଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟର ସାଧାରଣ ଲୋକଟିଏ ବି ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇପାରୁଛି। ସରକାରଙ୍କ ପକ୍ଷରୁ ମଧ୍ୟ ସବୁ ଅଭିଯୋଗକୁ ସମାନ ଗୁରୁତ୍ୱ

କାର୍ ପାଇଁ ନବବଧୂଙ୍କୁ ହତ୍ୟା ଅଭିଯୋଗ


ସଞ୍ଜନା ମିସ୍ତ୍ରୀ

ନବରଙ୍ଗପୁର / ଉମରକୋଟ, ୫।୧ (ସଂଚାର ବ୍ୟୁରୋ): ବିବାହକୁ ମାତ୍ର ଦେଢ଼ ବର୍ଷ ହୋଇଛି। କାନ୍ଧରେ ଲେଖା ହୋଇଥିବା ଚିତା ନ ଲିଭିବା ପୂର୍ବରୁ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ରବିବାର ସକାଳେ ଜବତ କରିଛି। ମୃତ ମହିଳା ହେଲେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନ୍‌କେରେ ରହୁଥିବା ଅନୁପମ ଚାନ୍ଦଙ୍କ ସ୍ତ୍ରୀ ସଞ୍ଜନା ମିସ୍ତ୍ରୀ (୨୫)। ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବାବେଳେ ଯୌତୁକରେ ଏକ କାର ଆଣିବା ପାଇଁ ଦାବି କରି ଆମ ଝିଅକୁ ହତ୍ୟା କରାଯାଇଥିବା ସଞ୍ଜନାଙ୍କ ବାପା ପ୍ରଭାସ କୁମାର ମିସ୍ତ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସଞ୍ଜନାଙ୍କ ସ୍ୱାମୀ ଅନୁପମଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାଯୋଗ୍ୟ ଯେ, କାବୁଲ ଚାନ୍ଦଙ୍କ ସାନପୁଅ ଅନୁପମ ୧୫.୭.୨୦୨୪ରେ ବଙ୍ଗୀୟ ରୀତିନୀତି ଅନୁସାରେ ରାଇଘର ନିକଟସ୍ଥ ପାରୁଆ ଗ୍ରାମ ପଞ୍ଚାୟତର ଛତାବେଡ଼ା ଗ୍ରାମର ପ୍ରଭାସଙ୍କ ଝିଅ ସଞ୍ଜନାଙ୍କୁ ବିବାହ କରିଥିଲେ। ସଞ୍ଜନା ଜଣେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ବାହାଘରର ମାତ୍ର ୧୦ ଦିନ ପରେ ଅନୁପମଙ୍କ ସହ ତାଙ୍କ ପରିବାର ଲୋକେ ଯୌତୁକରେ ଏକ କାର ଆଣିବାକୁ ଦାବି କରି ସଞ୍ଜନାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସଞ୍ଜନାଙ୍କ ବାପା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୨/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାସ୍ଥଳରେ ନବରଙ୍ଗପୁର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି।

ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ଫୁଲବାଣୀ, ୫।୧ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖଉ ମୁଣ୍ଡା ଛକରେ ଶନିବାର ରାତି ୮ଟା ୨୦ ବେଳେ ବାଇକ୍ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ଥିବା ସୂଚନା ମିଳିଛି।ମିଳିଥିବା ସୂଚନା ଅନୁଯାୟୀ ଦାତପାଡୁ ଗ୍ରାମର ବିପ୍ର ଚରଣ ବେହେରା ଏବଂ ତାଙ୍କ ସ୍ତ୍ରୀ ସରୋଜିନୀ ବେହେରା ଅଷ୍ଟମ ପଢୁଥିବା ଝିଅକୁ ଖଜୁରୀପଡ଼ା ହଷ୍ଟେଲରେ ଛାଡ଼ି ଘରକୁ ଫେରୁଥିବା ବେଳେ ଗୁଦାରୀ ପଞ୍ଚାୟତ ନିକଟସ୍ଥ ଖଉ ମୁଣ୍ଡା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା କାର ସହିତ ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳରେ ଖଜୁରୀପଡ଼ା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ପହଞ୍ଚି ଉଭୟଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ।ବିପ୍ର ଚରଣ ବେହେରାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା କାରକୁ ଏସ .ଆଇ ଦୀନବନ୍ଧୁ ପ୍ରଧାନ ଅଟକ ରଖି ପଚରାଉଚରା କରୁଛନ୍ତି। ଖଜୁରୀପଡ଼ା ପୋଲିସର ତତ୍ପର କାର୍ଯ୍ୟ ଦେଖି ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

ଯୁବକଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,୫।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌର ପରିଷଦସ୍ଥିତ ପାଟଣାସାହିରେ ପାରିବାରିକ କଳହକୁ କେନ୍ଦ୍ର କରି ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି |ମୃତ ଯୁବକ ହେଲେ ସୁବ୍ରତ ଦାଶ (୫୦)। ଆଜି ସନ୍ଧ୍ୟା ବେଳେ ଘରେ କିଏ ରହିନଥିବା ଦେଖି ଛାତର ଲୁହାରେ ଲୁଗା ମାଧ୍ୟମରେ ଯୁବକ ଝୁଲି ପଡ଼ିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଯୁବକଙ୍କୁ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ହିଞ୍ଜିଳି ଥାନାରେ ୦୧/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ନେଇ ହିଞ୍ଜିଳି ଥାନାଧିକାରୀ ସୂଚନା ଦେଇଛନ୍ତି।

ଯାଜପୁର ଜଳ ସେଚନ ବିଭାଜନରେ ବଡ଼ ଘୋଟଲାର ଗନ୍ଧ



ଯାଜପୁର,୫।୧ (ସଂଚାର ବ୍ୟୁରୋ): ଆଜି ସାରା ଜିଲ୍ଲାରେ ଆଡମ୍ବରର ସହିତ ପାଣି ପଞ୍ଚାୟତ ପକ୍ଷ ପାଳନ କରିବାକୁ ଯୋଜନା ହୋଇଥିବା ବେଳେ ଯାଜପୁର ଜଳ ସେଚନ ବିଭାଜନ ଅଧୀନରେ ଥିବା ପାଣି ପଞ୍ଚାୟତଗୁଡ଼ିକୁ ନେଇ ଗୁରୁତର ଅଭିଯୋଗ ଓ ଅସନ୍ତୋଷ ମୁଣ୍ଡ ଟେକୁଛି। କାଗଜରେ ନୁହେଁ, ମାଟି ମଝିରେ ଚାଷୀଙ୍କ ଦୁଃଖ ଏବେ ପ୍ରଶାସନ ପାଇଁ “ଶୁଣି ସାକ୍ଷୀ” ହୋଇ ରହିଛି।ଅଭିଯୋଗ ଅନୁସାରେ, ଜଳ ସେଚନ ବିଭାଜନ ଅନ୍ତର୍ଗତ ଅନେକ ପାଣି ପଞ୍ଚାୟତରେ କାଗଜରେ କାମ, ମାଟିରେ ଶୂନ୍ୟ ଏହି ଦୃଶ୍ୟ ସାଧାରଣ ହୋଇପଡ଼ିଛି। ନାଳା ସଫା, ବନ୍ଧ ମରାମତି, ଜଳ ବଣ୍ଟନ ଭଳି କାର୍ଯ୍ୟ ପାଇଁ ଆସୁଥିବା ସରକାରୀ ଅର୍ଥ କେଉଁଠି ଯାଉଛି, ତାହାକୁ ନେଇ ଚାଷୀମହଲରେ ଗଭୀର ସନ୍ଦେହ ସୃଷ୍ଟି ହୋଇଛି। କେତେକ ପାଣି ପଞ୍ଚାୟତରେ ମିଟିଂ କେବଳ ନାମମାତ୍ର, ଲାଭାନ୍ୱିତ ଚାଷୀ ଚୟନରେ ପକ୍ଷପାତ, ଓ ଜଳ ବଣ୍ଟନରେ ଅନିୟମିତତା ନିୟମିତ ଅଭିଯୋଗ ହେଉଛି। ଜଳ ନମିଳିବାରୁ ଚାଷ ମଧ୍ୟରେ ଶୁଖିଯାଉଛି, କିନ୍ତୁ ରିପୋର୍ଟରେ ସବୁ “ଠିକ୍”। ଚାଷୀମାନଙ୍କ କଥା “ପାଣି ପଞ୍ଚାୟତ ପକ୍ଷ ପାଳନ କରିଲେ କଣ ହେବ, ଯଦି ପାଣି ନାହିଁ? ପୋଷ୍ଟର, ବ୍ୟାନରରେ ନୁହେଁ ପାଣି ମିଳିଲେ ହେବ ସତ୍ୟ ପକ୍ଷ ପାଳନ।” ନହେଲେ, ଉତ୍ସବ ଶେଷ ହେବ କିନ୍ତୁ ଚାଷୀଙ୍କ ତୃଷ୍ଣା ଅପୂରଣୀୟ ହୋଇ ରହିଯିବ।

ବ୍ୟାଙ୍କ କୋଡ୍ ଗୋଳମାଳରେ ଭତ୍ତା ବନ୍ଦ

ଯାଜପୁର,୫।୧ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଅନ୍ତର୍ଗତ ବିଂଝାରପୁର ବ୍ଲକର ଜରି ପଞ୍ଚାୟତ ବାସିନ୍ଦା ଗ୍ରାମ୍ୟ ବ୍ୟାଙ୍କର କୋର୍ଡ ପରିବର୍ତ୍ତନ ଯୋଗୁ ଗତ ୩ ମାସ ଧରି ସରକାରୀ

ପ୍ରଶାସନ ନିରବ

ଭତ୍ତା ପାଇବାରୁ ବଞ୍ଚିତ ହୋଇଆସୁଛନ୍ତି। ଭତ୍ତା ନମିଳିବାରୁ ବୃଦ୍ଧ ଓ ବୃଦ୍ଧା ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ତ ହୋଇଥିବା ପ୍ରକାଶ ପାଇଛି।



ଅଭିଯୋଗ ଅନୁସାରେ, ବିଂଝାରପୁର ବିଡ଼ିଓ କୌଣସି ପ୍ରକାର ତଦାରଖ କିମ୍ବା ସଠିକ୍ ପଦକ୍ଷେପ ନନେଇ ‘ସରକାର ଟଙ୍କା ପଠାଇଲେ ମିଳିବ’ ବୋଲି କହି ହିତାଧିକାରୀମାନଙ୍କୁ ଫେରାଇ ଦେଉଥିବା ଅଭିଯୋଗ ହୋଇଛି। ଏହାର ଫଳରେ ଅନେକ ବୃଦ୍ଧବୃଦ୍ଧା ଔଷଧ କିଣିପାରୁନଥିବା ଓ ଦୈନନ୍ଦିନ ଜୀବନ ଚଳାଇବାରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା କଥା ପ୍ରକାଶ କରିଛନ୍ତି।

ଏହି ସମସ୍ୟାକୁ ନେଇ ଆଜି ମାସର ପ୍ରଥମ ସୋମବାର ଜରି ପଞ୍ଚାୟତର ହିତାଧିକାରୀମାନେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଜିଲ୍ଲାପାଳଙ୍କୁ ସାକ୍ଷାତ୍ ଭେଟି ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଶୁଣି ଜିଲ୍ଲାପାଳ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ହିତାଧିକାରୀମାନଙ୍କୁ ପ୍ରତିଶୃତି ଦେଇଥିବା

ବାପଛେଉଣ୍ଡ ୨ ନାବାଳକଙ୍କୁ ସହଯୋଗର ହାତ ବଢ଼ାଇଲେ ପୂର୍ବତନ ବିଧାୟକ



ନୀଳଗିରି,୫।୧ (ସଂଚାର ବ୍ୟୁରୋ): ଜୈନିକ ୨ନାବାଳକ ଙ୍କ ର ପ୍ରଥମେ ମାଆ ଓ ପରେ ବାପାଙ୍କ ମୃତ୍ୟୁ ହୋଇଯାଇଛି । ଦୁଇ ନାବାଳକ ବାପ ମା ଛେଉଣ୍ଡ ହୋଇଯାଇଛନ୍ତି। ଖବର ପାଇ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ତାଙ୍କ ଘରେପହଁଚି ନାବାଳକ ମାନଙ୍କୁ ଶୀତ ବସ୍ତ୍ର , ଶୁଦ୍ଧିକ୍ରିୟା ପାଇଁ ତାଙ୍କ କକାଙ୍କୁ ଆର୍ଥିକ ସହାୟତା କରିବା ସହିତ ସେମାନେ କିପରି ପାଠ ପଢି ସମାଜରେ ମଣିଷ ଭଳି ବଂଚି ରହିବେ ସେନେଇ ପ୍ରଶାସନ ସହିତ କଥା ହୋଇ ବ୍ୟବସ୍ଥା କରିଛନ୍ତି। ବାପାର ଶୁଦ୍ଧିକ୍ରିୟା ପରେ ତାଙ୍କ କକା ଆଶ୍ରମରେ ଛାଡି ଦେଇ ଆସିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ମହିଷାପଙ୍କା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୭ନମ୍ବର ୱାର୍ଡ ହାତିଆଶିଳା ଗ୍ରାମର ସଦାଶିବ ସିଂ(୪୮)ଟିବି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନଥିବା ବେଳେ ଗତ୩୧/୧୨/୨୫ତାରିଖଦିନ ଭୋର ୩ଟା ସମୟ ରେ ତାଙ୍କର ମୃତ୍ୟୁ ହୋଇଯାଇଛି। ୧ବର୍ଷ ଆଗରୁ ମା ସୁନି ସିଂର ମୃତ୍ୟୁ ହୋଇଥିଲା ଏବେ ବାପାଙ୍କର ମୃତ୍ୟୁ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି । ନାବାଳକ ବଡ଼ପୁତ୍ର ଅଜିତ(୧୦), ସାନପୁତ୍ର ହରିଶଙ୍କର (୬) ୨ଜଣ ବାପ ଛେଉଣ୍ଡ ହୋଇଯାଇଛନ୍ତି। ଆଜକୁ ବାପାର ୫ଦିନ ହୋଇଥିଲା ବେଳେ ୨ଜଣ ନାବାଳକ ସମ୍ପର୍କୀୟ କକା ବନମାଳୀ ସିଂ ତାଙ୍କର ଦାୟିତ୍ୱ ନେଇଛନ୍ତି। ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ଆଜିପୂର୍ବାହ୍ନ୧୧ଟା ସମୟରେ ତାଙ୍କ ଘରେ ପହଞ୍ଚି ୨ନାବାଳକ ଙ୍କୁ ଶୀତ ବସ୍ତ୍ର, ଶୁଦ୍ଧି କ୍ରିୟା ପାଇଁଆର୍ଥିକ ସହାୟତା କରିବା ସହିତ ୨ନାବାଳକ କିପରି ପାଠ ପଢି ମଣିଷ ହେବେ ସେ ପାଇଁ ଉପଖଣ୍ଡ ପ୍ରଶାସନ ସହିତ କଥା ହୋଇ ଆଶ୍ରମ ସ୍କୁଲରେ ପଡିବା ପାଇଁ ବ୍ୟବସ୍ଥା କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ସ୍ଥାନୀୟ ପୂର୍ବତନ ସରପଂଚ ସୁକୁମାରୀ ସିଂ, ମୁନିମଣି ସିଂ,ସନ୍ତୋଷ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକଙ୍କ ଏପରି କାର୍ଯ୍ୟକୁ ସାଧାରଣ ରେ ପ୍ରଶଂସା କରାଯାଇଥିବା ବେଳେ ପ୍ରଶାସନ ଛେଉଣ୍ଡିଆ ପିଲାମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।

ଉଦ୍‌ଘାଟନ ହେଲା ସରକାରଙ୍କ ‘ସହଯୋଗ’ ଯୋଜନା



ଫୁଲବାଣୀ,୫।୧ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ପୌରପରିଷଦରେ ଶୁଭାରମ୍ଭ ହେଲା ଭାରତ ସରକାରଙ୍କ ବୃହତ ଯୋଜନା "ସହଯୋଗ" ବିପିବଦ୍ଧ ଭାବେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସହଯୋଗ ରଥ ଜିଲ୍ଲାପାଳ ବେଦଭୂଷଣ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ପୌରପରିଷଦର ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି ଓ କନ୍ଧମାଳ ପିଡି (ଡୁ ଡା) ପ୍ରବୀଣ କୁମାର ବଣୁଆ ଙ୍କ ନେତୃତ୍ୱରେ ଫୁଲବାଣୀ ପୌରପରିଷଦର ବିଭିନ୍ନ ୱାର୍ଡ ଭୁଲି ଯୋଗ୍ୟ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ତେର ଗୋଟି ଯୋଜନା ଯଥା- ସୁଭଦ୍ରା ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସହରୀ ୨ .୦ , ଗରିମା ଯୋଜନା, ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନସନ ଯୋଜନା, ସୁକନ୍ୟା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ଯୋଜନା, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଯୋଜନା, ସୁଜଳ। ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଏକକ ଦିବ୍ୟାଙ୍ଗ ପରିଚୟ ପତ୍ର ଯୋଜନା କିପରି ଭାପରେ ପାଇପାରିବେ ସେଥି ପାଇଁ ସରକାରଙ୍କ ଏହି ଯୋଜନାର ମୂଳ ମନ୍ତ୍ର ।

ହାତୀ ଆକ୍ରମଣରେ ମୃତ ବୈରାଗୀ ଦେହୁରୀଙ୍କ ସ୍ତ୍ରୀଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ



ନୀଳଗିରି,୫।୧ (ସଂଚାର ବ୍ୟୁରୋ): ଆଜି ଅପରାହ୍ନ ୩ଟା ସମୟ ରେ ଏସିଏଫ ତଥା ଭାରପ୍ରାପ୍ତ ରେଞ୍ଜର ସୁବ୍ରତ ବେହେରା, ଐପଦା ୨ନମ୍ବରଜୋ ନର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉଷାରାଣୀ ରାଉଳ ତାଙ୍କ ଘରେ ପହଁଚି ହାତୀ ଆକ୍ରମଣରେ ମୃତ ବୈରାଗୀ ଦେହୁରୀ ଙ୍କ ସ୍ତ୍ରୀ ସୁକାନ୍ତି ଦେହୁରୀ ଙ୍କୁ ୧୦ଲକ୍ଷ ଟଙ୍କା କ୍ଷତି ପୁରଣ ଦେଇଛନ୍ତି। ସୂଚନାଯୋଗ୍ୟ ଐପଦା ବ୍ଲକ ଅଧିନସ୍ଥ ଶ୍ୟାମସୁନ୍ଦର ପୁର ପଂଚାୟତ ଶ୍ରୀଦେଇ ପୁର ଗ୍ରାମ(କାଇଁଷି ପାଳସାହି) । ଉକ୍ତ ଗ୍ରାମର ବୈରାଗୀ ଦେହୁରୀ ଏବଂ ୫ଜଣ ଗ୍ରାମବାସି କୁଲଡିହା ଅଭୟାରଣ୍ୟ ର ଖମୁକୁଟ ସ୍ଥିତ ଭୁଟୁବୁଟି ବୁଆ ଘନ ଜଙ୍ଗଲ ରେ ଜାଳେଣି କାଠ ସଂଗ୍ରହ କରିବା ପାଇଁ ସକାଳେ ଯାଇଥିଲେ। ଦୁର୍ଭାଗ୍ୟ ବଶତଃ ଘନ କୁହୁଡି ଯୋଗୁଁ ବୈରାଗୀ ଅପରାହ୍ନ ପ୍ରାୟ ୩ଟା ସମୟ ରେ ଫେରୁ ଥିବା ବେଳେ ହାତୀ ଟି ପଂଚାଲିଙ୍ଗେଶ୍ୱର ବିଟ ହାଉସ ଅନ୍ତର୍ଗତ ଖୁମୁକୁଟ ବନ୍ଧ ଠାରୁ ୩ଶହ ମିଟର ଦୂର ଜଙ୍ଗଲ ରେ ବୈରାଗୀ ଓ ଦନ୍ତାହାତୀ ମୁହାଁ ମୁହିଁ ହୋଇଥିଲା। ହାତୀ ଟି ଦଳି ଚକଟି ବୈରାଗୀ କୁ ଉକ୍ତ ଜାଗାରେ ମାରିଦେଇଥିଲା। ସାଥିମାନେ ଘଞ୍ଚ ଜଙ୍ଗଲ ଭିତରୁ ପାଟି କରିବାରୁ ଦନ୍ତା ଟି ଜଙ୍ଗଲ ମଧ୍ୟକୁ ପଳାଇ ଥିଲା।ପରେ ସାଥି ମାନେ ବୈରାଗୀ ର ମୃତ୍ୟୁ ଶରୀର କୁ ଆଣି ୧୦୮ ଯୋଗେ ନୀଳଗିରି ମେଡିକାଲ କୁ ଆଣିଥିଲେ ସୁଧା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସରକଣା ସେବା ସମବାୟ ସମିତି ନୂତନ କାର୍ଯ୍ୟାଳୟ ଉଦଘାଟିତ



ବାଲିଅନ୍ତା,୫।୧ (ସଂଚାର ବ୍ୟୁରୋ): ଆଜି ବାଲିଅନ୍ତା ବ୍ଲକ୍ ଅଧୀନ ସରକଣା ସେବା ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଗୃହର ଶୁଭ ଉଦଘାଟନ ଏବଂ ୬୮ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ପ୍ରିୟ ବ୍ରତ ପଣ୍ଡା,ଅମିୟ ପ୍ରସାଦ ଖୁଣ୍ଟିଆ (ଏସ.ଆର୍.ସି ଏସ୍.) ଭୁବନେଶ୍ୱର. ବରିଷ୍ଠ ସମବାୟବିତ୍ ରାଜକିଶୋର ରଥ, ଷ୍ଟିଲ୍ଟି ସାସନ ସେବା ସମବାୟ ସମିତିର ସଭାପତି ବିଜୟ କୁମାର ନାୟକ, ପ୍ରତାପ ସାସନ ସମବାୟ ସମିତିର ସଭାପତି ନଳିନୀକାନ୍ତ ମହାପାତ୍ର,ବଂଇଚୁଆ ସଭାପତି- ବେଣୁଧର ସାହୁ, ଭିଙ୍ଗାରପୁର ସମିତି ସଭାପତି ରବିନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ।ସମିତିର ସଭାପତି ସୋମନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମିତିର ସମସ୍ତ ପ୍ରକାର ଆୟ ବ୍ୟୟ ଅଟକଳ ଓ ହିସାବ ଖର୍ଚ୍ଚର ସମିକ୍ଷା ପରେ ଅନୁମୋଦନ ଲାଭକରିଥିଲା।ଆୟକୁ ଦେଖି କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟକୁ ବୃଦ୍ଧି କରାଜିବା ପାଇଁ ଉପସ୍ଥିତ ସଭ୍ୟମାନଙ୍କର ମତାମତକୁ ଅଗ୍ରାଧିକାର ଭିତ୍ତିରେ ପୁରଣ କରାଜିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ,ମାଗୁଣି ଚରଣ ବେହେରା, ନିରଞ୍ଜନ ସେନାପତି, ସଙ୍କର ବେହେରା, ବସନ୍ତ କୁମାର ଦାସ, ରବିନ୍ଦ୍ର ନାଥ ନାୟକ, ସୁଭେନ୍ଦୁ ବେହେରା, ଗୋଲାପ ପଣ୍ଡା, ସୁସମାରାଣି ଜେନା, ରଘୁନାଥ ପଣ୍ଡା, ତ୍ରିଲୋଚନ ରାଉତ ଯୋଗଦେଇଥିଲେ।

ଗୋପରେ ବୁଲିଲା ବୁଲ୍‌ଡୋଜର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ଗୋପ,୫।୧ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଗୋପ ଅଞ୍ଚଳର ବିକାଶ କ୍ଷେତ୍ରରେ ବାଧକକାରୀଙ୍କୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ। ନିମାପଡା, କୋଣାର୍କ ଓ ନିଆଳିରୁ ପୁରୀ ଯାତାୟାତରେ ଅଧିକାଂଶ ସମୟରେ ଅନେକ ସମସ୍ୟା ସୃଷ୍ଟି ହେଉଥିଲା । ସରକାରୀ ରାସ୍ତାକୁ ପ୍ରାୟ ୯୫ଜଣ ବ୍ୟକ୍ତି ବିଶେଷ ଅବରୋଧ ବା ଜବରଦଖଲକାରୀଙ୍କ କବଳରୁ ଗୋପ ତହସିଲଦାରଙ୍କ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ହୋଇଥିଲେ।



ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ ଉଚ୍ଛେଦ ପ୍ରକ୍ରିୟା ନିମାପଡାର ଏସଡିପିଓ ଜନାର୍ଦ୍ଧନ ପାଢ଼ୀ, ଗୋପ ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ, ଗୋପର ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଅତିରିକ୍ତ ତହସିଲଦାର, ଗୋପ ର ଆର ଆଇ ଓ ଅନ୍ୟନ୍ୟ ବ୍ୟକ୍ତି ବିଶେଷ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୋମବାର ସକାଳୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା ତାହା ସନ୍ଧ୍ୟା ସମୟ ପର୍ଯ୍ୟନ୍ତ । ପୂର୍ବରୁ ଉଚ୍ଛେଦ ସମ୍ପର୍କରେ ଅବଗତ କରିଥିଲେ ତହସିଲଦାର ଶ୍ରୀଯୁକ୍ତ ଦାଶ । ଏହା ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଲେ ପ୍ରଥମତଃ ଟ୍ରାଫିକ ସମସ୍ୟ ଦୂର ହେବା ସହିତ ଦୂରଦୂରାନ୍ତରୁ ଆସୁଥିବା ଗାଡି ମଟର ଗୁଡିକ ର ଯାତାୟାତ ରେ ଆଉ କୌଣସି ସମସ୍ୟା ସୃଷ୍ଟି ହେବନାହିଁ । ଯେତେ ଶୀଘ୍ର ଜବର ଦେଖାଲକାରୀଙ୍କୁ ଉଚ୍ଛେଦ କରାଯିବ ସେତେ ଶୀଘ୍ର ତୁରିତ ବେଗରେ ଗୋପର ବିକାଶ କରାଯିବ ବୋଲି ଶ୍ରୀଯୁକ୍ତ ଦାଶ କହିଛନ୍ତି।

ଦୁଇ ପରିବାରକୁ ପେନସନ ପ୍ରଦାନ



ହିଞ୍ଜିଳିକାଟୁ,୫।୧ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକର ଦୁଇ ଜଣ ଏନ୍‌ପିଏସ ଶିକ୍ଷକ ସ୍ୱର୍ଗତ କାଶୀନାଥ ସେଠୀ ଏବଂ ସ୍ୱର୍ଗତ ସମୀର କ

● ନବୋଦୟ କ୍ୟାମ୍ପସରେ ଜଣ୍ଡିସ ବ୍ୟାପିବା

ସ୍ଥିତି ନିୟନ୍ତ୍ରଣାଧୀନ, ଚାଲିଛି ତନାଘନା

- ଘଟଣାସ୍ଥଳ ପରିଦର୍ଶନ କଲେ ରାଜ୍ୟସ୍ତରୀୟ ଟିମ୍
- ସମସ୍ତେ ସୁସ୍ଥ ଅଛନ୍ତି, ୫୦ ସାମ୍ପଲ ସଂଗୃହୀତ
- ସିଡିଏମ୍ଓ, ମ୍ୟୁନିସିପାଲିଟି ଅଫିସରଙ୍କ ସହ ଆଲୋଚନା

ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜଟଣୀ ନବୋଦୟ କ୍ୟାମ୍ପସରେ ଜଣ୍ଡିସ ବ୍ୟାପିବା ଘଟଣାକୁ ସରକାର ଗୁରୁତର ସହିତ ନେଇଛନ୍ତି। ଗତକାଲି ଜିଲାସ୍ତରୀୟ, ଆଜି ରାଜ୍ୟସ୍ତରୀୟ ଟିମ ପରିଦର୍ଶନ କରିଛନ୍ତି। ୱାଟକୋ ପକ୍ଷରୁ ୫୦ ଟି ପାଣି ସାମ୍ପୁଲ ନିଆ ହୋଇଛି।

୪୦ଜଣ ଆକ୍ରାନ୍ତ ହୋଇଥିଲେ ସୁଦ୍ଧା ଏବେ ସୁସ୍ଥ ହୋଇ ଡିସଚାର୍ଜ ହୋଇଛନ୍ତି।

ଏବେ କ୍ୟାମ୍ପସରେ ସ୍ଥିତି ନିୟନ୍ତ୍ରଣ ରହିଛି। ରାଜ୍ୟସ୍ତରୀୟ ଟିମ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଦିନେ ଦୁଇଦିନ ଭିତରେ ରିପୋର୍ଟ ଦେବେ। ରିପୋର୍ଟ ଆସିଲା ପରେ ଉତ୍ସ ଜଣାପଡିବ। ଏବେ କାରଣ ଖୋଜାଚାଲିଛି। ଜଣେ ଶିକ୍ଷକ ମଧ୍ୟ ଆକ୍ରାନ୍ତ ହୋଇଥିଲେ।

ସେ ସୁସ୍ଥ ଅଛନ୍ତି। ଯେମିତି ଏହା ଆଗକୁ ନ ବ୍ୟାପିବ ସେ ସରକାର ଚିନ୍ତା କରୁଛନ୍ତି। ଏବେ କ୍ୟାମ୍ପସରେ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ଲାଗି ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ଆଉ କେଉଁଠି ଏବେ ଏଭଳି ଅବସ୍ଥା ଦେଖା ଯାଇନି। ଅନ୍ୟ ଜିଲ୍ଲାର ସିଡିଏମ୍ଓ, ମ୍ୟୁନିସିପାଲିଟି ଅଫିସରମାନଙ୍କ ସହିତ ଆଲୋଚନା କରି ନଜର ରଖିବାକୁ କୁହାହୋଇଛି।

ସ୍କୁଲରେ ପୋଡ଼ିଗଲେ ୪ ଛାତ୍ର

- ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ
- ଜଣେ ଗୁରୁତର, ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି


ବିଷମକଟକ,୫।୧ (ସଂଚାର ବ୍ୟୁରୋ): ବିଦ୍ୟାଳୟ ପରିସରରେ ପାଠ ପଢ଼ା ଚାଲିଥିଲା ବେଳେ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୪ ଜଣ ଛାତ୍ର ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡ଼ାକୁଲୁଗୁଡ଼ାସ୍ଥ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଅପରାହ୍ଣରେ ଏହି ଅଗ୍ନିକାଣ୍ଡ ଘଟିଛି।

ଆଜି ଅପରାହ୍ଣରେ ବିଦ୍ୟାଳୟ କିଛି ଛାତ୍ର ପରିସ୍ରା କରିବାକୁ ଯାଇଥିଲେ। ସେ ସମୟରେ ବିଦ୍ୟାଳୟର ଜଣେ ଛାତ୍ର ୪ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ଦିଆସିଲି ଲଗାଇ ଦେଇଥିଲା ବୋଲି କୁହାଯାଉଛି। ଫଳରେ ପିଲାମାନଙ୍କ ଶରୀର ଅଗ୍ନି ସଂଯୋଗ ହୋଇଥିଲା। ପିଲାମାନେ ଜଳିଯାଉଥିଲେ। ଖବର ପାଇଁ ବିଦ୍ୟାଳୟ ଶିକ୍ଷକମାନେ ଚାରିଜଣ ଛାତ୍ରଙ୍କୁ ଉଦ୍ଧାର କରି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକୁ ଚିକିତ୍ସା ନିମନ୍ତେ ନେଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଖ୍ରୀଷ୍ଟିୟାନ୍ ହସ୍‌ପିଟାଲ ସ୍ଥାନାନ୍ତର କରାଯାଇଛି। ଆହତମାନଙ୍କ ମଧ୍ୟରେ ବିରାଜ ଟାକ୍ରି ଗୁରୁତର ରହିଛି।

ସପ୍ତମ ଶ୍ରେଣୀ ଛାତ୍ର ବିରାଜ ଟାକ୍ରି, ନଳିନ ହୁଇକା, ରୋହିତ ଖରା ଏବଂ ୫ମ ଶ୍ରେଣୀ ଛାତ୍ର ସୁଦାବ ବାଘ ଆହତ ଅଛନ୍ତି। ବିଦ୍ୟାଳୟ କାର୍ଯ୍ୟ ସମୟ ଭିତରେ ଛାତ୍ରମାନେ ପୋଡ଼ିଯିବା ଏକ ନିନ୍ଦନୀୟ ଘଟଣା ହୋଇଥିବା ବେଳେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ସେ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ଚନ୍ଦନ କଲକାଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ଘଟଣାସ୍ଥଳରେ ନଥିଲେ। ସେହି ସମୟରେ ବିଦ୍ୟାଳୟର ଅନ୍ୟ ଏକ କୋଠରୀରେ ପାଠ ପଢ଼ାଉଥିଲେ। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ସେ ସଂକ୍ରାନ୍ତରେ ବିଦ୍ୟାଳୟ ଉପସ୍ଥିତ ଅନ୍ୟ ଶିକ୍ଷକମାନଙ୍କୁ ପଚାରି ବୁଝିବେ ବୋଲି ପ୍ରକାଶ କରିଛନ୍ତି।

ଜନସେବା ହିଁ ଜୀବନର ସାର୍ଥକତା: ମନ୍ତ୍ରୀ

- ୫୦ ତମ ଜନ୍ମଦିନରେ ଶୁଭେଚ୍ଛାର ସୁଅ
- ୨୦,୦୦୦ ରୁ ଅଧିକ ଲୋକଙ୍କ ସମାଗମ
- ନିଶୁଳ୍କ ସ୍ୱାସ୍ଥ୍ୟ, ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ
- ରକ୍ତଦାନ ଶିବିରରେ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ
- ୧୧୦୦୦ ଚାରା ବଣ୍ଟନ କଲେ ମନ୍ତ୍ରୀ



ପୋଲସରା,୫।୧(ସଂଚାର ବ୍ୟୁରୋ): ବିଭିନ୍ନ ସାମାଜିକ ସଂଗଠନ ଓ ମିଟୁ ସେନା ପକ୍ଷରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କର ୫୦ ତମ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରାଯାଇଛି। ରାଜ୍ୟର ନେତୃମଣ୍ଡଳୀ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସଦିଚ୍ଛା ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ସାଂସଦ ଓ ବିଧାୟକବୃନ୍ଦ ଶୁଭେଚ୍ଛା ଓ ସଦିଚ୍ଛା ଜଣାଇଛନ୍ତି।

ଜନ୍ମଦିନକୁ ଅଧିକ ସ୍ମରଣୀୟ କରିବା ପାଇଁ ମନ୍ତ୍ରୀ ରକ୍ତଦାନ ଓ ଚାରା ବଣ୍ଟନ କରିଛନ୍ତି। ଏହା ସହ ନିଶୁଳ୍କ ସ୍ୱାସ୍ଥ୍ୟ ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେ କହିଛନ୍ତି, ଜନସେବାରେ ତାଙ୍କୁ ଗଭୀର ଆତ୍ମସନ୍ତୋଷ ମିଳିଛି ଏବଂ ଲୋକଙ୍କ ସେବାରେ ଏ ଜୀବନର ସାର୍ଥକତା ରହିଛି। ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ତାଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି।

ଆଜି ସକାଳେ ମନ୍ତ୍ରୀ ପୋଲସରା ନିର୍ବାଚନ ମଣ୍ଡଳୀ ବୁଗୁଡ଼ା ବ୍ଲକର ଆରାଧ ଦେବ ପ୍ରଭୁ ଶ୍ରୀ ବଳଦେବ ଜୀଉ ଓ ଶ୍ରୀ ବିରଞ୍ଚି ନାରାୟଣଙ୍କ ଦର୍ଶନ କରି ଜନସେବାକୁ ବ୍ୟାପକ କରିବା ପାଇଁ ଅସୀମ ଶକ୍ତି ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ। ବ୍ରହ୍ମପୁର ଓ ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ମାଗଣା ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ୩୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୋଲସରା ଲୁଣିଘାଟି ପଡ଼ିଆଠାରେ ଆୟୋଜିତ ଏହି ଜନ୍ମଦିନ ସମାରୋହରେ ପ୍ରାୟ ୨୦୦୦୦ ରୁ ଅଧିକ ଶୁଭେଚ୍ଛୁ ମନ୍ତ୍ରୀଙ୍କୁ ଜନ୍ମ ଦିବସର ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ସଡ଼କ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାକ୍ତସାମନ୍ତ, ଜିଲ୍ଲା ବିଜେପି ସଭାପତି, ବହୁ ବରିଷ୍ଠ ରାଜନେତା ଓ ବ୍ୟକ୍ତି ଯୋଗଦେଇଥିଲେ।

ଦ୍ୱିତୀୟ ଓଡ଼ିଶା ପରବ ପାଇଁ ବ୍ୟାପକ ପ୍ରସ୍ତୁତି

- ପର୍ଯ୍ୟଟନ ବିଭାଗର ସମନ୍ୱୟ ବୈଠକରେ ଆଲୋଚନା
- ୩୦ରୁ ଗୌହାଟୀରେ ତିନିଦିନ ଧରି ଚାଲିବ
- ପ୍ରଦର୍ଶିତ ହେବ ବିଭିନ୍ନ ବିଭାଗର ୩୦ ଷ୍ଟଲ୍
- ଉତ୍ତରପୂର୍ବରେ ପ୍ରଚାର ହେବ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ



ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ): ଆସନ୍ତା ଜାନୁୟାରୀ ୩୦ରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆସାମର ଗୌହାଟୀର ରାଡିସନ ବ୍ଲୁ ହୋଟେଲରେ ଆୟୋଜିତ ହେବାକୁ ଥିବା 'ଦ୍ୱିତୀୟ ଓଡ଼ିଶା ପରବ' ପରିପ୍ରେକ୍ଷୀରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅଧକ୍ଷତା କରି ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଓଡ଼ିଆ ଖାଦ୍ୟ, ହସ୍ତଶିଳ୍ପ, ହସ୍ତକଳା ଓ ପର୍ଯ୍ୟଟନର ପ୍ରଚାରପ୍ରସାର ଓ ସଫଳ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଶ୍ରୀ ମହାପାତ୍ର ଉପସ୍ଥିତ ଥିବା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାକୁ କହିଥିଲେ।

ଏହି ବୈଠକରେ ମୋଟ ୬ଟି ବିଭାଗ ତରଫରୁ ୨୦ ଟି ଷ୍ଟଲ ଏବଂ ୧୦ଟି ଫୁଡ଼ ଷ୍ଟଲ ପ୍ରଦର୍ଶିତ ହେବ ବୋଲି ବୃତ୍ତାକ୍ତ ନିଷ୍ପତ୍ତି ଗୃହୀତ ହୋଇଛି। 'ଦ୍ୱିତୀୟ ଓଡ଼ିଶା ପରବ'ରେ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ତରଫରୁ ସର୍ବାଧିକ ୬ଟି ଷ୍ଟଲ ପ୍ରଦର୍ଶନ ହେବ। ହସ୍ତକଳା ବିଭାଗ ତରଫରୁ ୬ଟି ଷ୍ଟଲ, ଓର୍‌ମାସ୍ ତରଫରୁ ୩ଟି ଷ୍ଟଲ, ମିଶନ ଶକ୍ତି ବିଭାଗ ତରଫରୁ ୩ଟି ଷ୍ଟଲ ସହ ଆଦିଶା ତରଫରୁ କୋରାପୁଟ କଫିର ପ୍ରଦର୍ଶନ ହେବାକୁ ଥିବାବେଳେ କାର୍ଯ୍ୟକ୍ରମକୁ ଆକର୍ଷିତ କରିବା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଉତ୍ତର-ପୂର୍ବ ରାଜ୍ୟରେ କିଭଳି ଓଡ଼ିଶାର ଐତିହ୍ୟ, ପରମ୍ପରା ଅଧିକରୁ ଅଧିକ ପ୍ରଚାର ହେବ ଏବଂ ବାହାର ରାଜ୍ୟରୁ ଶିଳ୍ପପତିମାନେ ଓଡିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ହେବେ, ସେ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା।

ଆମ ବସ୍‌ରେ ଯାଇ ସ୍ଥିତି ପରଖିଲେ ପରିବହନ କମିଶନର



କଟକ,୫।୧(ସଂଚାର ବ୍ୟୁରୋ) : ଆମ ବସ୍ ରେ ଯାତ୍ରା କରି ସ୍ଥିତି ପରଖିଲେ ପରିବହନ କମିଶନର ଅମିତାଭ ଠାକୁର। ବସ୍ କେତେ ଦ୍ରୁତ ଗତିରେ ଯାଉଛି, ଯାତ୍ରୀଙ୍କ ସୁରକ୍ଷାକୁ କେତେ ଗୁରୁତ୍ୱ ଦିଆଯାଉଛି, ତା'ର ରିଆଲିଟି ଚେକ୍ କରିଛନ୍ତି ପରିବହନ କମିଶନର। ଗତକାଲିଠାରୁ ଆମ ବସ୍ ଡ୍ରାଇଭରମାନଙ୍କୁ ଯାଞ୍ଚ ଚାଲିଥିବା ବେଳେ ଆଜି ନିଜେ ଆମ ବସ୍ ରେ ଭୁବନେଶ୍ୱରରୁ କଟକ ଯାତ୍ରା କରିଥିଲେ ଅମିତାଭ ଠାକୁର। ଯାତ୍ରୀମାନଙ୍କ ସହ ଯାତ୍ରା କରି ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ।

ଧାର୍ଯ୍ୟ ସମୟରେ ପହଞ୍ଚିବାରେ ବିଳମ୍ବ ହେଲେ ବି ଗାଡ଼ିର ବେଗ ବୃଦ୍ଧି ନକରି କମ୍ ରଖିବା ପାଇଁ ପରାମର୍ଶ ଦେଇଛନ୍ତି। ବସରେ ଯାତ୍ରା ସମୟରେ ବରିଷ୍ଠ ନାଗରିକ କେଉଁ ପ୍ରକାର ସମସ୍ୟାର ସାମ୍ନା କରୁଛନ୍ତି ସେନେଇ ମଧ୍ୟ ପଚାରି ବୁଝିଥିଲେ। ଆଗକୁ ଆହୁରି ସୁଧାର ପାଇଁ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି। ଅନେକ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି ବୋଲି ମଧ୍ୟ ଯାତ୍ରୀମାନେ ମତ ରଖିଥିଲେ।



ଏକତରଫା ପ୍ରେମରୁ ଗାଁରେ ଗୁଳିମାଡ଼

ଯୁବକ ଗୁରୁତର, ଅଭିଯୁକ୍ତକୁ କାବୁକଲା ପୁଲିସ

ମୋହନା,୫।୧(ସଂଚାର ବ୍ୟୁରୋ): ପ୍ରେମ ସମ୍ପର୍କକୁ ନେଇ ଯୁବକକୁ ଗୁଳିମାଡ଼। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଢେପାସାହି ଗାଁରେ। ଗାଁରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କକୁ ନେଇ ବିବାଦ ଲାଗି ରହିଥିବା ବେଳ ଆଜି ଗାଁରେ ଏକ ବୈଠକ ଆୟୋଜନ କରଯାଇଥିଲା। ଗାଁର ସନ୍ତୋଷ ପ୍ରଧାନ ନାମକ ଯୁବକ ଏକ ତରଫା ପ୍ରେମ କରି ସେହି ଗ୍ରାମର ଏକ ଝିଅକୁ ଜୋର୍ ଜବରଦସ୍ତି କିଛି ଦିନ ତଳେ ଉଠାଇ ନେଇଥିଲେ। ପରିବାର ଲୋକେ ଖୋଜା ଖୋଜି କରି ଆଣି ଝିଅକୁ ଅନ୍ୟତ୍ର ବିବାହ କରାଇଥିଲେ।

ହେଲେ କିଛିଦିନ ପରେ ଯେତେବେଳେ ଝିଅ ନିଜ ଗାଁକୁ ଆସିଥିଲା, ତାହାର ଫାଇଦା ନେବାକୁ ପୁଣି ଚେଷ୍ଟା କରିଥିଲା ସନ୍ତୋଷ। ସେ ପୁଣି ଝିଅକୁ ଜୋର୍ ଜବରଦସ୍ତି ଟେକି ନେଇ ଏକ ଘରେ ଲୁଚାଇ ରଖିଥିଲା। ପୁଣି ପରିବାର ଲୋକେ ଝିଅକୁ ଉଦ୍ଧାର କରି ସମାଧାନ ପାଇଁ ଗାଁରେ ଏକ ବୈଠକ କରାଯାଇଥିଲା। ହେଲେ ସେହି ସମୟରେ ସନ୍ତୋଷ ବନ୍ଧୁକରୁ ଗୁଳି ଫୁଟାଇଥିଲା। ଯାହା ଫଳରେ ଅନିଲ କୁମାର କରାଡ ନାମକ ଯୁବକଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିଲା। ତେବେ ତାଙ୍କୁ ଉଦ୍ଧାର କରାଯାଇ ସଙ୍ଗେ ସଙ୍ଗେ ଚନ୍ଦ୍ରଗିରି ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଚିକିତ୍ସା ପରେ ଗୋଡ଼ରେ ଗୁଳି ରହିଥିବା ହେତୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସନ୍ତୋଷକୁ ଗାଁ ପାଖ ଜଙ୍ଗଲରୁ କାବୁକରି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।



ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏବଂ ଅନ୍ୟ ସଦସ୍ୟାଗଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି ଆୟୋଗର କାର୍ଯ୍ୟ ବିବରଣୀ ପୁସ୍ତିକା ପ୍ରଦାନ କରୁଛନ୍ତି ।

ଏସ୍‌ଆଇ ପରୀକ୍ଷା ସ୍କାମ ମାମଲା

୨୦୨୫ ମାର୍ଚ୍ଚରୁ ହୋଇଥିଲା ଡିଲ୍

ଭୁବନେଶ୍ୱର, ୫।୧(ସଂଚାର ବ୍ୟୁରୋ): ପୁଲିସ ଏସଆଇ ପରୀକ୍ଷା ସ୍କାମ ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ରେ ରହିଛି ଚାଞ୍ଚଲ୍ୟକର ତଥ୍ୟ। ଚାର୍ଜସିଟ୍ ରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ ମାର୍ଚ୍ଚ ମାସରୁ ସବୁ କିଛି ଡିଲ୍ ହୋଇସାରିଥିଲା। ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆରବିର ରହିଥିବା ବେଳେ ଚଞ୍ଚକତା କରି ସିଲିକନ୍ ଟେକ୍ ଏମଡି ସୁରେଶ ନାୟକ ଏକ ସେଟ ପ୍ରଶ୍ନପତ୍ର ଛାପି ନେଇ ଚାଲିଯାଇଥିଲେ। ପ୍ରଶ୍ନ ପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ପୁଲିସ ଏସଆଇ ପଦବୀ ପାଇଁ ଡିଲ୍ ହୋଇଥିଲା। ହଠାତ୍ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ ହୋଇଯିବାରୁ ସବୁକିଛି ଗଡବଡ ହୋଇଯାଇଥିଲା। ହେଲେ ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା ହେବା ନେଇ ସ୍ଥିର ହେବା ପରେ ଦଲାଲଙ୍କ ଆଶା ଉଚ୍ଛିବିତ ହୋଇଥିଲା। ପୁଣି ଡିଲ୍ ଆରମ୍ଭ ହେବା ସହ ଚାକିରି କିଣାବିକା ଜୋରସୋରରେ ଚାଲିଥିଲା। ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆରବିର ରହିଥିବା ବେଳେ ୫ ଟି ସେଟ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆରବକୁ ଦେଇଥିଲେ ସିଲିକନ୍ ଟେକ୍ ଲ୍ୟାବ ଏମଡି ସୁରେଶ ନାୟକ। ସେଟ ନମ୍ବର ୫ ପ୍ରଶ୍ନପତ୍ର ଛାପିବା ପାଇଁ ଓପିଆରବି କହିଥିଲା। ହେଲେ ଚଞ୍ଚକତା କରି ସୁରେଶ ଛାପିଥିଲେ ସେଟ ନମ୍ବର ୩। କାରଣ ୨୫ ଲକ୍ଷ ଟଙ୍କା ନେଇଥିବା ଆଶାୟୀ ପରୀକ୍ଷାର୍ଥୀଙ୍କୁ ପୂର୍ବରୁ ଏହି ପ୍ରଶ୍ନପତ୍ର ବଣ୍ଟା ସରିଥିଲା। ହେଲେ ଆଶ୍ଚର୍ଯ୍ୟର କଥା ଓପିଆରବିର ନୀରବତା। ଏ ସବୁ ଡିଲ୍ ବାବଦରେ ଓପିଆରବି ଜାଣିଶୁଣି ଚୁପ୍ ରହିଥିଲା ନା କିଛି ଜାଣିନଥିଲା ସେ ନେଇ ଓପିଆରବିର ଏସପି ବଳଭଦ୍ର ଦୀପ ଓ ସେକସନ ଅଫିସର ଗୌତମ ପ୍ରସାଦ ବେହେରାଙ୍କୁ ପଚରାଉଚରା କରାଯାଇଛି।

● ଗଞ୍ଜେଇ ଚାଲାଣରେ ନିୟୋଜିତ ମହିଳା

୩ ଚାଲାଣକାରୀ ଅଟକ, ଗଞ୍ଜେଇ ଜବତ


କନ୍ଧମାଳ,୫।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ପକ୍ଷରୁ ଧୂଙ୍ଗିଆଦେବୀ ମନ୍ଦିର ନିକଟରେ ପୁଲିସ ଦଳର ପାଟ୍ରୋଲିଂ ବେଳେ ଚୋରା ଗଞ୍ଜେଇ ଚାଲାଣକାରୀ ତିନିଜଣ ମହିଳା ପୁଲିସ ପାଟ୍ରୋଲିଂ ଦଳ ଏସଆଇ ଦମୟନ୍ତୀ ବେହେରା,ଏଏସଆଇ ବାସୁଦେବ ପଣ୍ଡା ଓ ସୁରେନ୍ଦ୍ର ରାଜହଂସଙ୍କ ହାବୁଡ଼ରେ ପଡ଼ିଥିଲେ। ଉକ୍ତ ଗଞ୍ଜେଇ ଅଖାକୁ ପୁଲିସ ତନଖି କରି ଗଞ୍ଜେଇ ଜବତ କରିଥିଲେ। ପରେ ଉକ୍ତ ସ୍ଥାନରେ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ଅତିରିକ୍ତ ତହସିଲଦାର ବସୁଧା ପ୍ରଧାନଙ୍କ ଉପସ୍ଥିତିରେ ଉକ୍ତ ଅଖାରେ ଥିବା ୨୮ କେଜି ଗଞ୍ଜେଇ ସହ ମୋବାଇଲ୍ ଦୁଇଟି ଜବତ କରିଥିଲେ। ତଦନ୍ତ ଅଧିକାରୀ ଥାନା ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ ଏ ସକ୍ରାନ୍ତରେ ଥାନା କେସ ନଂ ୦୪/୨୬ ରେ ଏକ ଏନଡିପିଏସ ମାମଲା ରୁଜୁ କରି ଚାଲାଣକାରୀ ତିନି ମହିଳା ଆସାମୀ ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ତିନିହେଁ ହିରାଦେଇପୁରୁ ଗ୍ରାମର ବିଶ୍ୱନାଥ ସ୍ୱାଇଁଙ୍କ ସ୍ତ୍ରୀ ସୁକାନ୍ତି ସ୍ୱାଇଁ, ଗୋଲେଖ ସ୍ୱାଇଁଙ୍କ ସ୍ତ୍ରୀ ରୀତା ସ୍ୱାଇଁ ଓ ସନ୍ତୋଷ ଜେନାଙ୍କ ସ୍ତ୍ରୀ ମାନସୀ ଜେନାକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି।

ବଢ଼ିଲା ଚାଷୀଙ୍କ ମଣ୍ଡି ଟେନସନ

ଅଚଳାବସ୍ଥା ସହ ବଳିଗଲାଣି ମିଲର ଅଡୁଆ

SANCHAR
ସଂଚାର
ଭୁବନେଶ୍ୱର
ମଙ୍ଗଳବାର ୬ ଜାନୁଆରୀ ୨୦୨୬





ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ଓଡ଼ିଶା ବିକାଶର ପରିକଳ୍ପନା ସାକାର ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା

ଓଡ଼ିଶାର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ୨୦୨୪ ଜୁନ୍ ୧୨ ତାରିଖରେ ଦାୟିତ୍ୱ ନେଇଥିଲେ ମୋହନ ଚରଣ ମାଝୀ। କେନ୍ଦୁଝର ଜିଲ୍ଲାର ଅନାଲୋଚିତ ରାଇକଳା ଗାଁରେ ୧୯୭୨ ଜାନୁଆରୀ ୬ ତାରିଖରେ ଏକ ସାନ୍ତାଳୀ ପରିବାରରେ ଜନ୍ମ ନେଇଥିଲେ ମୋହନ ମାଝୀ। ବାପା ଗୁଣରାମ ମାଝୀ ସରକାରୀ ମାଧ୍ୟମିକ ସ୍କୁଲରେ ପିଅନ ଭାବେ କାମ କରୁଥିଲେ। କେହି କେବେ ଭାବିନଥିଲେ କେନ୍ଦୁଝରର ଏହି ଆଦିବାସୀ ଯୁବକ ଦିନେ ଓଡିଶା ଶାସନର ମୁଖ୍ୟ ହେବେ। ହେମାନନ୍ଦ ବିଶ୍ୱାଳ ଓ ଗିରିଧାରୀ ଗମାଙ୍ଗଙ୍କ ପରେ ସେ ହେଉଛନ୍ତି ରାଜ୍ୟର ତୃତୀୟ ଆଦିବାସୀ ମୁଖ୍ୟମନ୍ତ୍ରୀ। ସେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ସମୟରେ ଅନେକ ରାଜନୈତିକ ସମୀକ୍ଷକ ଓ ବିରୋଧୀ ଦଳର ନେତା ତାଙ୍କ ପାରିବାପଣିଆ ନେଇ ପ୍ରଶ୍ନ ଉଠାଇଥିଲେ। ହେଲେ ଆଜି ସେସବୁ ଚର୍ଚ୍ଚାକୁ ପଛରେ ପକାଇ ମୋହନ ମାଝୀ ନିଜକୁ ଜଣେ ସଫଳ ମୁଖ୍ୟମନ୍ତ୍ରୀ ଭାବେ ପ୍ରମାଣିତ କରିଛନ୍ତି। ପ୍ରମାଣିତ କରିଛନ୍ତି ସେ ହେଉଛନ୍ତି ଗ୍ରାସରୁଟର ନେତା, ଲୋକଙ୍କ ନେତା, ସାଧାରଣ ଖଟିଖିଆ ଦିନମଜୁରିଆଙ୍କ ମୁଖ୍ୟମନ୍ତ୍ରୀ। ଆଜି ତାଙ୍କ ଜନ୍ମଦିନରେ 'ସଂଚାର' ପରିବାର ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ବିକଶିତ ଓଡ଼ିଶାର ନୂଆ ନାୟକ

ଗୁରୁଜୀରୁ ରାଜ୍ୟ ଶାସନ ମୁଖ୍ୟ



ପ୍ରଚଣ୍ଡ ଆର୍ଥିକ ଅନାଟନ ମଧ୍ୟରେ ମୋହନ ମାଝୀ ୧୯୮୭ ମସିହାରେ ଝୁଣ୍ଟୁରା ହାଇସ୍କୁଲରୁ ମାଟ୍ରିକ ପାସ କରିଥିଲେ। ପରେ ଆନନ୍ଦପୁର କଲେଜରୁ ଯୁକ୍ତ ଦୁଇ, ଚୁଣ୍ଟୁଆ ଚନ୍ଦ୍ର ଶେଖର କଲେଜରୁ ଯୁକ୍ତ ଦୁଇ ଓ ଢେଙ୍କାନାଳ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ଡିଗ୍ରୀ ହାସଲ କରି ସେ ଝୁଣ୍ଟୁରାଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦ୍ୱାରା ପରିଚାଳିତ ଝୁଣ୍ଟୁରା ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଜୀ ଭାବେ ନିଜର ବୃତିଗତ ଜୀବନ ଆରମ୍ଭ କରିଥିଲେ। ପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇ ୧୯୯୭ରୁ ୨୦୦୦ ମସିହା ପର୍ଯ୍ୟନ୍ତ ରାଇକଳା ପଞ୍ଚାୟତର ସରପଞ୍ଚ ଭାବେ କାମ କରିଥିଲେ। ୨୦୦୦ ମସିହାରେ ମେଣ୍ଟ ସରକାରରେ ସେ ପ୍ରଥମ ଥର ପାଇଁ କେନ୍ଦୁଝର ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୦୪ରେ ଦ୍ୱିତୀୟ ଥର ପାଇଁ ସେ ବିଧାୟକ ହେଲେ। ସେ ସମୟରେ ମେଣ୍ଟ ସରକାରରେ ୨୦୦୫ରୁ ୨୦୦୯ ପର୍ଯ୍ୟନ୍ତ ସେ ଥିଲେ ସରକାରୀ ଦଳ ଉପମୁଖ୍ୟ ସଚେତକ। ୨୦୦୯ ଓ ୨୦୧୪ରେ ସେ ହାରିଯାଇଥିଲେ ମଧ୍ୟ ନିର୍ବାଚନମଣ୍ଡଳୀ ଲୋକଙ୍କ ସମସ୍ୟାର ସହ ଓତଃପ୍ରୋତ ଭାବେ ଜଡିତ ରହୁଥିଲେ। ୨୦୧୯ରେ ସେ ପୁଣି ଥରେ ସେହି କେନ୍ଦୁଝର ଆସନରୁ ଜିତିଥିଲେ। ୨୦୨୧ରେ ଅକ୍ଟୋବର ମାସରେ କେନ୍ଦୁଝରର ମଞ୍ଜୁଆ ନିକଟରେ ତାଙ୍କ କାର ଉପରକୁ ବୋମ ମାଡ ହୋଇଥିଲା। ସେଥିରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ୨୦୨୪ରେ ରାଜ୍ୟରେ ବିଜେପି ଏକାକି ସରକାର ଗଠନ କରିବା ପରେ ଜଣେ ଟାଣୁଆ ଆଦିବାସୀ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ରାଜ୍ୟ ଶାସନର ମଙ୍ଗ ଧରାଇଛନ୍ତି।

ନିବେଶକଙ୍କ ଅନ୍ୟତମ ଡେଷ୍ଟିନେସନ



ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଓଡିଶା ପୁଂଜିନିବେଶର ଅନ୍ୟତମ ଡେଷ୍ଟିନେସନ ପାଲଟିଛି। ୨୦୨୬ ଆର୍ଥିକ ବର୍ଷରେ ଦେଶକୁ ଆସୁଥିବା ମୋଟ ନିବେଶ ପ୍ରସ୍ତାବର ୧୩.୧ ପ୍ରତିଶତ ଓଡିଶାକୁ ଆସିଛି। ନିଜେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦରେ ରୋଡ ସୋ କରି ନିବେଶକଙ୍କ ସହ ୱାନ ଟୁ ୱାନ ଆଲୋଚନା କରିଥିଲେ। ଯାହାର ଫଳସ୍ୱରୂପ ଓଡିଶାକୁ ଗତ ବର୍ଷକ ମଧ୍ୟରେ ୪ଲକ୍ଷ ୩୮ ହଜାର କୋଟିରୁ ଅଧିକ ଟଙ୍କା ନିବେଶ ପ୍ରସ୍ତାବ ଆସିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ୨ଲକ୍ଷ ୫୫ ହଜାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ସମୟରେ ମଧ୍ୟ ୨ଲକ୍ଷ ୧୦ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏବେ ରାଜ୍ୟ ସରକାର ଆଉ ବୃହତ ଇସ୍ପାତ ଶିଳ୍ପକୁ ଗୁରୁତ୍ୱ ଦେଉନାହାଁନ୍ତି। ବରଂ ଅଧିକ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରୁଥିବା ଏମଏସଏମଇ କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି।

ମହିଳା ସଶକ୍ତିକରଣର ଅନନ୍ୟ ଉଦାହରଣ



ମହିଳା ସଶକ୍ତିକରଣରେ ନୂଆ ଅଧ୍ୟାୟ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ଦିନ ସୁଭଦ୍ରା ଯୋଜନା ଲାଗୁ କରିଥିଲା। ଆଉ ଏହାର ଫଳସ୍ୱରୂପ ରାଜ୍ୟର ପ୍ରାୟ ଏକ କୋଟି ମହିଳା ଏହି ଯୋଜନାରୁ ଲାଭବାନ ହୋଇଛନ୍ତି। ପ୍ରାକ ନିର୍ବାଚନୀ ଘୋଷଣା ଅନୁଯାୟୀ ରାଜ୍ୟ ସରକାର ଏହି ଯୋଜନା ଲାଗୁ କରିଛନ୍ତି। ଏହି ସହାୟତା ପାଇ ଏବେସୁଦ୍ଧା ପ୍ରାୟ ୨୫ ଲକ୍ଷ ମହିଳା କ୍ଷୁଦ୍ର ବ୍ୟବସାୟ ଆରମ୍ଭ କରି ଆତ୍ମନିର୍ଭଶୀଳ ହୋଇପାରିଛନ୍ତି। ମହିଳା ସଶକ୍ତିକରଣରେ ମୁଖ୍ୟମନ୍ତ୍ରୀଙ୍କ ଆଉ ଏକ ବଡ ସଫଳତା ହେଉଛି ରାଜ୍ୟର ଏବେ ଚାରୋଟି ସାମ୍ବିଧାନିକ ଓ ପ୍ରଶାସନିକ ମୁଖ୍ୟ ପଦବୀରେ ଅଛନ୍ତି ମହିଳା। ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ରୂପାରୋଶନ ସାହୁ। ମହିଳା ସଶକ୍ତିକରଣରେ ଏହାଠାରୁ ଆଉ ବଳିଷ୍ଠ ଉଦାହରଣ ଆଉ କଣ ହୋଇପାରେ।

ସହରୀକରଣର ସୂତ୍ରଧର

ସହର ବିକାଶର ନୂଆ ସୂତ୍ରଧର ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଛୋଟ ଛୋଟ ସହରକୁ ମୁନିସିପାଲିଟି, ଏନଏସସି ବା ମହାନଗର ନିଗମର ମାନ୍ୟତା ଦେଇ ସେହି ସବୁ ସହରର ସାମଗ୍ରୀକ ବିକାଶକୁ ସୁନିଶ୍ଚିତ କରାଯାଇପାରୁଛି। ନିକଟରେ ମୁଖ୍ୟମନ୍ତ୍ରୀ ପୁରୀ ପୌରପାଳିକା ମହାନଗର ନିଗମରେ ପରିଣତ କରିଛନ୍ତି। ଦେଶର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ହେଉଛି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀ। ଏଠାରେ ପ୍ରତିଦିନ ଦେଶବିଦେଶର ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ। ପୁରୀବାସିନ୍ଦା, ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ମାନର ସୁବିଧା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ପୁରୀକୁ ମହାନଗର ନିଗମ ମାନ୍ୟତା ଦେଇଛନ୍ତି। ଏଥିସହ ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୁରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତ୍ରାକୁ ଏନଏସି ମନ୍ୟତା ଦେଇଛନ୍ତି। ପୂର୍ବରୁ ୨୪ଟି ସହରାଞ୍ଚଳକୁ ଏନଏସି ମାନ୍ୟତା ଦେଇଥିଲେ ।

ନୂଆବର୍ଷରେ ନୂଆ ଉଦ୍ଦୀପନା

ପୂର୍ବରୁ ନୂଆବର୍ଷ ଦିନ ସରକାରୀ କାର୍ଯ୍ୟାଳୟରେ ଫାଇଲ ଖଣ୍ଡେ ହଲୁନଥିଲା। ପିଅନଙ୍କ ଠାରୁ ଆରମ୍ଭ କରି ସର୍ବୋଚ୍ଚ ପଦପଦବୀରେ ଥିବା ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ପରସ୍ପରକୁ ନୂଆବର୍ଷ ଶୁଭେଚ୍ଛା ଜଣାଇବାରେ ବ୍ୟସ୍ତ ରହୁଥିଲେ। ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ନୂଆବର୍ଷରେ ସରକାରୀ କାର୍ଯ୍ୟାଳୟ ଉତ୍ସବର ଅଡ୍ଡା ହେବନି ବୋଲି ନିର୍ଦ୍ଦେଶ ଦେଲେ। ଏପରିକି ତାଙ୍କୁ ମଧ୍ୟ କେହି ଫୁଲତୋଡା ସହ ଆସି ନୂଆବର୍ଷର ଶୁଭେଚ୍ଛା ଜଣାଇବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। ଯାହାର ଫଳସ୍ୱରୂପ ନୂଆବର୍ଷଟି ସରକାରୀ କାର୍ଯ୍ୟ ଦିବସ ଥିବାରୁ ପୂର୍ବରୁ ସବୁ କର୍ମଚାରୀ ଅନ୍ୟ ସାଧାରଣ ଦିନ ପରି ସରକାରୀ କାର୍ଯ୍ୟକୁ ଅଧିକ ଉଦ୍ଦିପନାର ସହ କରିଥିଲେ। ସେଇଦିନ ମୁଖ୍ୟ ଶାସନ ସଚିବ ମଧ୍ୟ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ବଦଳାଇଦେଲେ ନୂଆପଡ଼ା ଅଙ୍କ

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜନୈତିକ ସମୀକ୍ଷକମାନେ ଅନେକ ଅଙ୍କ କଷୁଥିଲେ। ହେଲେ ମୋହନ ମାଝୀ ଓ ତାଙ୍କ ଟିମ ସବୁ ଗଣିତକୁ ଫେଲ କରିଦେଲେ। ୮୮ ହଜାର ଭୋଟରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଜିତିଲେ ଆଉ ତୃତୀୟ ସ୍ଥାନକୁ ଚାଲିଗଲା ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡି। ଯେଉଁଥିପାଇଁ କୁହାଯାଉଛି ମୋହନ-ମନମୋହନଙ୍କ ଏହି ହିଟ ଯୋଡି ନୂଆପଡା ଗଣିତ ବିଗାଡି ଦେଲେ ବୋଲି। ଏମିତି ବି ଏହି ନିର୍ବାଚନ ଉଭୟଙ୍କ ପାଇଁ ଥିଲା ଏସିଡ ଟେଷ୍ଟ ପରି। ସରକାର ଗଠନ ପରେ ପ୍ରଥମ ଉପନିର୍ବାଚନ। ତେଣୁ ଦଳର ସମ୍ମାନ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ପୂରା ଦମରେ ଲାଗିପଡିଥିଲେ।

ଚାଷୀଙ୍କୁ ୩୧ଶହ ଏମଏସପି



ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ। ସରକାରକୁ ଆସିବା ମାତ୍ରେ ପ୍ରତିଶ୍ରୁତି ପାଳନ କରି ମୋହନ ସରକାର ଚାଷୀଙ୍କୁ କେନ୍ଦ୍ର ଦେଉଥିବା ଏମଏସପି ଉପରେ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନ କଲା। ଯାହାର ଫଳସ୍ୱରୂପ ଚାଷୀମାନେ ଏକିକି ପ୍ରତି କ୍ୱିଣ୍ଟାଲ ଧାନ ପିଛା ୩୧ଶହ ଟଙ୍କା ଏମଏସପି ପାଉଛନ୍ତି। ଏହାଦ୍ୱାରା ଗତ ବର୍ଷ ଠାରୁ ଚଳିତ ଖରିଫରେ ଧାନ ଉତ୍ପାଦନ ଓ ଚାଷୀ ପଞ୍ଜିକରଣ ପ୍ରାୟ ଦେଢଗୁଣା ବୃଦ୍ଧି ପାଇଛି। ଏଥିସହିତ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସହାୟତା ପ୍ରଦାନ ଏବଂ ସିସିଟିଭିରେ ମଣ୍ଡିର ଟ୍ରାକିଂ ଭଳି ବ୍ୟବସ୍ଥା ଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବ ଅପେକ୍ଷା ଅଧିକ ସ୍ୱଚ୍ଛ ହୋଇଛି। ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ କେନ୍ଦୁଝର ଜିଲ୍ଲାର ଏକ ଧାନ ମଣ୍ଡିକୁ ଯାଇ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି।

ଲକ୍ଷ୍ୟ ବିକଶିତ ଓଡ଼ିଶା-୨୦୩୬

2036 ସୁଦ୍ଧା ଓଡିଶାକୁ ପାଞ୍ଚଟି ଶ୍ରେଷ୍ଠ ବିକଶିତ ରାଜ୍ୟ ମଧ୍ୟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଯେଉଁଥିପାଇଁ ସେ ଏକ ୧୫ ସୂତ୍ରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟକୁ ୫୦୦ ବିଲିୟନ ଡଲାର ଅର୍ଥନୀତି ସହ ସମୃଦ୍ଧ ରାଜ୍ୟରେ ପରିଣତ କରାଯିବ। ଏଥିପାଇଁ ସେ ପ୍ରଶାସନକୁ ମିଶ୍ରିତ ଅର୍ଥନୀତି ପାଇଁ ପରାମର୍ଶ ଦେଇଛନ୍ତି। ଦ୍ରୁତ ଶିଳ୍ପାୟନ, ଭିତ୍ତିଭୂମୀ ବିକାଶ, କୃଷି ଅର୍ଥନୀତିର ବିକାଶ, ଆଇଟି ଓ ସେମିକଣ୍ଡକ୍ଟର ଶିଳ୍ପର ବିକାଶକୁ ଫୋକସରେ ରଖାଯାଇଛି। ସେହିଭଳି ସେ ରାଜ୍ୟରେ ବନ୍ଦର ଭିତ୍ତିକ ଶିଳ୍ପର ବିକାଶକୁ ମଧ୍ୟ ଅଗ୍ରାଧିକାର ଦେଉଛନ୍ତି।



ସ୍ଥାୟୀ ସରକାରୀ ନିଯୁକ୍ତି

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ସରକାରୀ ଚାକିରିରେ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱୀତ ହୋଇଛି। ଏଭିତରେ ମୁଖ୍ୟମନ୍ତ୍ରୀ ନିଜେ ୧୪ଟି ନିଯୁକ୍ତି ମେଳାରେ ୩୯ ହଜାର ୪୫୯ଜଣଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଠିକା ନିଯୁକ୍ତି ପ୍ରକ୍ରିୟା ବନ୍ଦ କରିବାକୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ରାଜ୍ୟ ସରକାର ପର୍ଯ୍ୟାୟ କ୍ରମେ ବିଭିନ୍ନ ବିଭାଗରେ ସ୍ଥାୟୀ ନିଯୁକ୍ତି ଦେଉଛନ୍ତି। ପୂର୍ବରୁ ଏହି ନିଯୁକ୍ତି ପ୍ରକ୍ରିୟା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ବିଜେଡି ସରକାର କେବଳ ଠିକା ଓ ଅସ୍ଥାୟୀ ନିଯୁକ୍ତି ଜରିଆରେ କିଛି କନସଲଟାଣ୍ଟଙ୍କୁ ପୋଷୁଥିଲେ।

ସାବାଡ଼ ହେଉଛନ୍ତି ଦୁର୍ନୀତିଖୋର



ପ୍ରଶାସନରେ ସ୍ୱଚ୍ଛତା ସାଙ୍ଗକୁ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି ମୋହନ ମାଝୀ। ଯେଉଁଥିପାଇଁ ସରକାରକୁ ଆସିବାର ପ୍ରଥମ ଶହେ ଦିନ ମଧ୍ୟରେ ବର୍ଷ ବର୍ଷ ଧରି ପେଣ୍ଡିଂ ଥିବା ବହୁ ସଂଖ୍ୟାରେ ଫାଇଲ କାମ ତ୍ୱରାନ୍ୱିତ ହେଲା। ଏଥିସହିତ ଏହି ସମୟ ମଧ୍ୟରେ ୨୦୦ରୁ ଅଧିକ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେମଧ୍ୟରେ ୯୦ ଅଧିକ ପ୍ରଥମ ଶ୍ରେଣୀ ଅଫିସର ଅଛନ୍ତି। ଦୁର୍ନୀତି ଅଭିଯୋଗରେ ଗିରଫ ସରକାରୀ କର୍ମଚାରୀଙ୍କଠାରୁ ୨୧୨ କୋଟି କ୍ୟାସ ୨୪ କିଲୋ ସୁନା ସହ ୮୫୦ରୁ ଅଧିକ ପ୍ଲଟ ଠାବ ହୋଇଛି।

ସଂଚାର THE SANCHAR

ନିଃଶୁଳ୍କ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷା ଶିବିର



ନୀଳଗିରି,୫।୧ (ସଂଚାର ବ୍ୟୁରୋ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ବଣଧୂଳିର ଫୁଲ" ଓ ଅଯୋଧ୍ୟା ଆଞ୍ଚଳିକ ମହାବିଦ୍ୟାଳୟ ଦ୍ୱାରା ତଥା ନର୍ମଦା ଫାଉଣ୍ଡେସନ ସହଯୋଗରେ ଆଜି ପୂର୍ବାହ୍ନ ୧୦ଘଟିକା ଠାରୁ ଅପରାହ୍ନ ୨ଘଟିକା ପର୍ଯ୍ୟନ୍ତ ଏକ ଚକ୍ଷୁ ଓ ମୋତିଆବିନ୍ଦୁ ପରୀକ୍ଷାଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସୂର୍ଯ୍ୟମଣୀ ନେତ୍ରାଳୟର ଅଭିଜ୍ଞ ଡାକ୍ତର ଏବଂ ସହକର୍ମୀଙ୍କ ଦ୍ୱାରା ୬୯ ଜଣ ରୋଗୀଙ୍କୁ ଚକ୍ଷୁପରୀକ୍ଷା କରାଯାଇ ୩୧ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ଆଜି ୧୫ଜଣ ରୋଗୀଙ୍କୁ ଭୋଗରାଇ ସ୍ଥିତ ସୂର୍ଯ୍ୟମଣୀ ନେତ୍ରାଳୟକୁ ମାଗଣାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ନିଆଯାଇଛି। ଅବଶିଷ୍ଟ ୧୬ଜଣ ରୋଗୀଙ୍କୁ ପରବର୍ତ୍ତୀ ସମୟରେ ନିଆଯାଇ ଅସ୍ତ୍ରୋପଚାର କରାଯିବାର ବ୍ୟବସ୍ଥା କରାଯାଇଛି।ଏହି ଶିବିରକୁ ବଣଧୂଳିର ଫୁଲର ଅଧକ୍ଷ ବିଜୟ ଆଚାର୍ଯ୍ୟ ଓ ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ଚରଣ ବିଶ୍ୱାଳ ଆୟୋଜନ କରିଥିବା ବେଳେ ପ୍ରମୁଖ ସଂଯୋଜିକା କବିତା ସିଂ ସଂଯୋଜନା କରିଥିଲେ। ନର୍ମଦା ଫାଉଣ୍ଡେସନର ପ୍ରତିଷ୍ଠାତା ଅଧକ୍ଷ ଡା: ଜ୍ୟୋତି ମହାନ୍ତି ଓ ପରିଚାଳନା ଟ୍ରଷ୍ଟି ବୈଷୟିକ ସହଯୋଗ କରିଛନ୍ତି। ସୂର୍ଯ୍ୟମଣୀ ନେତ୍ରାଳୟର ଚକ୍ଷୁପରୀକ୍ଷକ ଓମ୍ ମହାନ୍ତ ଓ ମୋନାଲିସା ଦାସ ଚକ୍ଷୁପରୀକ୍ଷା କରିଥିବାବେଳେ ସେବିକା ଲତିକା ମହାନ୍ତ, ସୋନାଲି ନାୟକ, ଜୟନ୍ତୀ ମହାନ୍ତି ଓ ସୀମା ମୁଖି ପ୍ରମୁଖ ଚିକିତ୍ସାସେବା ଯୋଗାଇଦେଇଥିଲେ। ନର୍ମଦା ଫାଉଣ୍ଡେସନର ସଂଯୋଜିକା ସଂଚାଳନ କରିଥିବାବେଳେ ମହାବିଦ୍ୟାଳୟର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଆୟୋଜନରେ ସହଯୋଗ କରିଥିଲେ।

କୁଲଡ଼ିହାରେ ଜାତୀୟ ପକ୍ଷୀ ଦିବସ ପାଳିତ

- ପିଲାଙ୍କ ପାଠ୍ୟକ୍ରମରେ ପକ୍ଷୀ ସଂରକ୍ଷଣ ସ୍ଥାନିତ ପାଇଁ ଦାବି



ନୀଳଗିରି,୫।୧(ସଂଚାର ବ୍ୟୁରୋ): ଜାନୁୟାରୀ ୫ ଜାତୀୟ ପକ୍ଷୀ ଦିବସ ପାଳନ ଅବସରରେ ନୀଳଗିରି ଉପଖଣ୍ଡରେ ଥିବା କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ଅବସ୍ଥିତ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଖୁମକୁଟ ଗ୍ରାମରେ ପକ୍ଷୀଙ୍କ ସୁରକ୍ଷା ପାଇଁ ସାମୁହିକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପକ୍ଷୀଙ୍କ ଶିକାର ରୋକିବାକୁ ଅଞ୍ଚଳବାସୀ ଶପଥ ପାଠ କରିଥିଲେ । ବେଆଇନ ଭାବେ ପକ୍ଷୀ ଶିକାର, ପକ୍ଷୀ ଚାଲାଣ କାରବାର , ବିଶ୍ୱ ତାପନ ବୃଦ୍ଧି, ଜଙ୍ଗଲ ନଷ୍ଟ , ପକ୍ଷୀଙ୍କୁ ରୋଗ ଏବଂ ଜଳବାୟୁ ପରିବର୍ତ୍ତନର ତଥା ପ୍ରତିକୂଳ ପରିବେଶ ପ୍ରଭାବରେ ବିଭିନ୍ନ ବିପଦରେ ସମ୍ମୁଖୀନ ହେଉଥିବା ବେଳେ ସେ ବିଷୟରେ କମଳଲୋଚନ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ ।ତେବେ ଛାତ୍ର ଛାତ୍ରୀଙ୍କ ପାଠ୍ୟକ୍ରମରେ ପକ୍ଷୀଙ୍କ ସଂରକ୍ଷଣ ବିଷୟ ସ୍ଥାନିତ ହେଲେ ପକ୍ଷୀ ବିପଦ ମୁକ୍ତ ହେବା ସହିତ ପକ୍ଷୀ ଶିକାର ରୋକାଯାଇ ପାରିବ ବୋଲି ପରିବେଶ ବିତ ଏବଂ ପକ୍ଷୀ ପ୍ରେମୀ ଦାବୀ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶେଷ ଦାସ, ଅନିଶ ଦାସ, ଲଳିତ ପ୍ରଧାନ, ଜୀବନଜ୍ୟୋତି ଦାସ, ବାସୁଦେବ ଦାସ, ଅନୁଦିତ ଗିରି ପ୍ରମୁଖ ସହଯୋଗ କରିଥିଲେ ।

୨୫ ଦିନ ହେବ ଜିଓ ଟାୱାର ଅଚଳ

କନ୍ଧମାଳ,୫।୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପର ସାହି ପଞ୍ଚାୟତ ଉପରମାଲା ଗାଁରେ ନିର୍ମାଣ ହୋଇଥିବା ଜିଓ ଟାୱାର ୨୫ ଦିନ ହବ ବନ୍ଦ ହୋଇ ପଡ଼ିରହିଛି । ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାୱାର ଥାଇ ସୁଦ୍ଧା କାର୍ଯ୍ୟକ୍ଷମ ନ ହେବା ବହୁତ ଦୁଃଖର ବିଷୟ ଅଟେ । ଏହି ଗାଁରେ ପାଖାପାଖି ୧୫୦୦ରୁ ଅଧିକ ଲୋକ ବସବାସ କରନ୍ତି। ନେଟୱାର୍କ ଚାଲୁ କରିବା ନିମନ୍ତେ ବାରମ୍ବାର ଜିଓ ଅଫିସକୁ ଦୌଡୁଥିଲେ ମଧ୍ୟ କାଲି ହବ କହି ଜିଓ ଏସ୍‌ଡିଓ କେବଳ ପ୍ରତିଶ୍ରୁତି ଦେଉଛନ୍ତି ।

ଏହି ଗାଁରେ କୌଣସି ନେଟୱାର୍କ ନ ଥିବାରୁ ଲୋକମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ଇଣ୍ଟରନେଟ ଅସୁବିଧା କାରଣରୁ ଏମ୍‌ଜିଏନ୍‌ଆର୍‌ଇଜିଏରେ କାର୍ଯ୍ୟ କରୁଥିବା ପାଞ୍ଚଟି ଗାଁର ଗାଁସାଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଏମ୍‌ଏମ୍‌ଏସ୍ କରିବା ପାଇଁ ପ୍ରାୟ ୫ କିଲୋମିଟର ଦୂରକୁ ଯିବାକୁ ପଡୁଛି। ଗାଁ ରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ଅଛି ଦୈନନ୍ଦିନ ଅନଲାଇନରେ ପାଠ ପଢିବା

ନେଟ୍‌ୱାର୍କ ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

ପାଇଁ ଛାତ୍ରଛାତ୍ରୀମାନେ ସନ୍ଧ୍ୟା ସମୟରେ ପ୍ରାୟ ୫ କିଲୋମିଟର ଦୂରକୁ ଯାଇ ଅନଲାଇନ ପାଠ ପଢୁଛନ୍ତି। ନିଜ ଗାଁରେ ଜିଓ ଟାୱାର ଥାଇ ମଧ୍ୟ ଅନ୍ୟ ଗାଁକୁ ୫ କିଲୋମିଟର ଯିବାକୁ ପଡୁଛି। ଛାତ୍ରଛାତ୍ରୀ ମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀମାନେ ଇଣ୍ଟରନେଟର ସୁବିଧା ଓ ସୁଯୋଗ ପାଉନାହାଁନ୍ତି ।

ବର୍ତ୍ତମାନ ଏହି ଡିଜିଟାଲ ଦୁନିଆରେ ଇଣ୍ଟେନେଟ୍‌ର ବହୁଳ ଆବଶ୍ୟକ ହେଉଥିବା ବେଳେ ଏଠି ଶହ ଶହ ଜିଓ ନେଟୱାର୍କ ସ୍ଥାପନ ହୋଇଥିଲେ ମଧ୍ୟ ସଂଯୋଗ କରାଯାଉ ନାହିଁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ କାହାର କର୍ଣ୍ଣପାତ ନାହିଁ ।ଆଗାମୀ ଦିନରେ ଯଦି ଏହି ନେଟୱାର୍କ ମରାମତି ନ ହୁଏ ତେବେ ଗାଁ ର ଲୋକେ ଜିଓ କାର୍ଯ୍ୟାଳୟ ଫୁଲବାଣୀରେ ଧାରଣାରେ ବସିବେ ବୋଲି ଉକ୍ତ ଗାଁର ସରପଞ୍ଚ ରଶ୍ମୀତା କହଁର, ସମିତି ସଭ୍ୟ ଦିଲୀପ ଦିଗାଲ, ସନ୍ୟାସୀ କହଁର, ବାଳକୃଷ୍ଣ କହଁର, ଶ୍ରୀକାନ୍ତ ଦିଗାଲ, ରଞ୍ଜିତ କହଁର, ଲୁଚନ ଦିଗାଲ, କେଶବ କହଁର ସମେତ ଗାଁର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।



ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଯାଜପୁର, ୫।୧ (ସଂଚାର ବ୍ୟୁରୋ): ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୫୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୮୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୬୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ, ଯାଜପୁର ତାପସ ଚଂଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ସତ୍ୟଭାମାପୁର ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

ବାଲିଅନ୍ତା,୫।୧(ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ଗ୍ରାମ ପଞ୍ଚାୟତ ସଭା କକ୍ଷରେ ଆଜି ଅଭିଯୋଗ ଶୁଣାଣି ଶିବିର "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି ବିଜୟ ମହାରଣା, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ସତ୍ୟଭାମାପୁର ଗ୍ରା.ପ.ର ସମିତି ସଭ୍ୟା ରଶ୍ମିତା ସ୍ୱାଇଁ ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣିରେ ସର୍ବମୋଟ ୬୧ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୬ ଗୋଟି , ଭତ୍ତା ସମ୍ବନ୍ଧୀୟ ୬ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୩ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୩୬ଟି ଅଭିଯୋଗ ହସ୍ତଗତ ହୋଇଥିଲା।



ବୀର ଯଯାତୀ ସେବା ସଙ୍ଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



କୋରେଇ,୫।୧(ସଂଚାର ବ୍ୟୁରୋ): ସେବା ସମର୍ପଣ ମନୋଭାବକୁ ନେଇ ଯୁବକ ମାନଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଶିବିର କୋରେଇ ବ୍ଲକ ଗୌରପୁର ପଂଚାୟତ କଲ୍ୟାଣ ମଣ୍ଡପ ଠାରେ ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବୀର ଯଯାତୀ ସେବା ସଙ୍ଘ ଦ୍ୱାରା ଏହି ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ବୈତରଣୀ ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦେବପ୍ରିୟ ଷଡ଼ଙ୍ଗୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଗୌରପୁର ସରପଂଚ ଶ୍ରୀ ସତ୍ୟାନନ୍ଦ ମହାପାତ୍ର ଯୋଗ ଦେଇଥିଲେ। ଏହି ଶିବିରରେ ଭେଷଜ ବିଶେଷଜ୍ଞ ଶ୍ରୀ ଷଡ଼ଙ୍ଗୀ ଓ ବାକ୍ ଶ୍ରବଣ ବିଶେଷଜ୍ଞ ଗଜାନନ ମହାପାତ୍ର ରୋଗୀ ମାନଙ୍କୁ ପରୀକ୍ଷା ନିରୀକ୍ଷା କରି ଔଷଧ ଲେଖିଥିଲେ ଓ ଆବଶ୍ୟକ ଅନୁଯାୟୀ ସମସ୍ତ ରୋଗୀ ଙ୍କୁ ଔଷଧ ଦିଆଯାଇଥିଲା। ଏଥିରେ ସାଧାରଣ ରୋଗୀ, ବାକ୍ ଓ ଶ୍ରବଣ ଜନିତ ସମସ୍ୟା ଥିବା ଶତାଧିକ ରୋଗୀ ଯୋଗ ଦେଇ ମାଗଣା ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେଇଥିଲେ ।ଆଗାମୀ ଦିନରେ ବୀର ଯଯାତୀ ସେବା ସଂଘ କୋରେଇ ବ୍ଲକର ୨୮ ଗୋଟି ପଂଚାୟତରେ ବାକ ଶ୍ରବଣ ଜନିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର କରିବା ନେଇ ସଙ୍ଗଠନର ସଭାପତି ଶ୍ରୀ ପ୍ରହଲ୍ଲାଦ ଦେଓ ସୂଚନା ଦେଇଛନ୍ତି।

ବାଇକ ଦୁର୍ଘଟଣା, ଜଣେ ମୃତ, ଜଣେ ଗୁରୁତର



କଳାହାଣ୍ଡି, ୫।୧ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଲ ଛକ ସ୍ଥିତ ଜାତୀୟ ରାଜପଥ ୧୩୦ ସି ବୁଲାଣୀ ରାସ୍ତାରେ ରବିବାର ବିଳମ୍ବିତ ରାତିରେ ବାଇକ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଛି। ତାଙ୍କ ନାମ ପିଣ୍ଟୁ ବାଗ (୨୫) ଓ ସେ ଧର୍ମଗଡ଼ ବସ୍ତି ପଡାର ବୋଲି ଜଣାପଡିଛି। ପ୍ରକାଶ ଯେ, ଧର୍ମଗଡ଼ ବସ୍ତି ପଡ଼ାର ଦୁଇ ସାଙ୍ଗ ପିଣ୍ଟୁ ବାଗ (୨୫) ଏବଂ ଓମ୍ ଦୀପ (୨୫) ଏକ ପଲସର (ବାଇକ ନଂ ଓଡ଼ି ୦୮ଟି ୨୭୧୯)ରେ କୌଣସି କାମରେ ନିଜ ଘରୁ ଜୁନାଗଡ଼ ଅଭିମୁଖେ ଆସୁଥିବା ସମୟରେ ବଳଦିଆମାଲ ଛକ ଜାତୀୟ ରାଜପଥ ୧୩୦ସି ବୁଲାଣିରେ ଭାରସମ୍ୟ ହରାଇ ଦୁର୍ଘଟଣା ହୋଇଥିଲେ। ଏଥିରେ ପିଣ୍ଟୁ ବାଗଙ୍କ ମୃତ୍ୟୁ ହୋଇଥିବାବେଳେ ଓମ୍ ଗୁରୁତର ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟାଳୟରୁ ବୁର୍ଲାକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ମୃତ ପିଣ୍ଟୁ ଧର୍ମଗଡ଼ରେ ଏକ ନିଜର ବାଇକ ଗ୍ୟାରେଜ କରି ପେଟ ପାଟଣା କରୁଥିଲେ। ଖବର ପାଇ ଜୁନାଗଡ଼ ପୋଲିସ ଘଟଣା ସ୍ଥଳେ ପହିଞ୍ଚି ଦୁର୍ଘଟଣା କୁ ନେଇ ଅଧିକ ତଦନ୍ତ ଆରମ୍ଭ କରିଛି।

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

ଖଲ୍ଲିକୋଟ, ୫।୧ (ସଂଚାର ବ୍ୟୁରୋ): ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଭାରତୀୟ ଜ୍ଞାନ ପରମ୍ପରାରେ କର୍ମଯୋଗ' ଶୀର୍ଷକ ଏହି ସ୍ୱତନ୍ତ୍ର ଆଧାତ୍ମିକ ବକ୍ତୃତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ବିଶ୍ୱ ବୈଷ୍ଣବ ସଂଘର ଉପସଭାପତି ତଥା ଶ୍ରୀକୃଷ୍ଣ ଚୈତନ୍ୟ ମିଶନ୍ ର ସଭାପତି ଶ୍ରୀ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତି ବିଚାର ବିଷ୍ଣୁ ଗୋସ୍ୱାମୀ ମହାରାଜ।

ସ୍ୱାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟି ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପ ଅର୍ପଣ ପୂର୍ବକ ଉଦଘାଟିତ ହୋଇଥିଲା। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ମଣିଷର ଚେତନାର ତିନିଟି ସ୍ତର ଜାଗ୍ରତ, ନିଦ୍ରା ଓ ସୁଷୁପ୍ତି ସମ୍ପର୍କରେ ସୂଚନା ଦେବା ସହ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରଖି ନିଜର କର୍ମ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସେ ନିଜର ବକ୍ତବ୍ୟ ଶେଷରେ ଛାତ୍ରଛାତ୍ରୀଙ୍କର ଅନେକ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଧାପକ ଡ. ମନୋରଞ୍ଜନ ବିଷୋୟୀ ସଂଯୋଜନା କରିଥିବା ବେଳେ ଶ୍ରୀ ଅଶୋକ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଦର୍ଶନ ବିଭାଗ ମୁଖ୍ୟ ଡ. ଯତୀନ୍ ବିଷୋୟୀ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ପ୍ରମୁଖ ମଞ୍ଚାସୀନ ହେବା ସହଭାରତୀୟ ଜ୍ଞାନ ପରମ୍ପରାରେ କର୍ମଯୋଗର ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରିଥିଲେ ।

କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ଡ. ଗୌତମ ସାବତ, ଅଧାପିକା ସୁଶ୍ରୀ ସ୍ୱର୍ଣ୍ଣଲତା ବିଷୋୟୀ, ଅଧାପକ ଚିନ୍ମୟ ରାଉତ, କର୍ମଚାରୀ ଜଗନ୍ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହା ସହ କାର୍ଯ୍ୟକ୍ରମ ଅବସରରେ ବିଶ୍ୱ ବୈଷ୍ଣବ ସଂଘର ବହୁ କର୍ମକର୍ତ୍ତା ତଥା କ୍ରିଷ୍ଣା ଦାସ, ମଥୁରା ଦାସ, ସଦାନନ୍ଦ ଦାସ,ଜୁରିଆ ଦାସ, ବିଶ୍ୱଧର ଦାସ,ଆଦି କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହିବା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

ସହିରା ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ଆଳି, ୫।୧ (ସଂଚାର ବ୍ୟୁରୋ): ଆଳି ବ୍ଲକ ସହିରା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୪ ଓ ୫ ତାରିଖ ୨ ଦିନ ବ୍ୟାପି ବିଦ୍ୟାଳୟ ପରିସରରେ ଛାତ୍ର ସଂସଦ ଆନୁକୂଲ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ ଉତ୍ସବରେ ପ୍ରଥମ ଦିନରେ ପୁରାତନ ଛାତ୍ର ସଂସଦ ସଭାପତି ଅଲେଖ ପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନୀତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ଜିଲ୍ଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଶିକ୍ଷାବିତ ଅନିରୁଦ୍ଧ ରାଉଳ, ସ୍କୁଲର ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ମହାପତ୍ର, ମୁଖ୍ୟବକ୍ତା ଭାବେ ଖ୍ୟାତନାମା ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ପ୍ରମୁଖ ଦେଇଥିଲେ। ମନ୍ତ୍ରୀ ଶ୍ରୀପାତ୍ର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟା ଗ୍ରହଣ କରି ଠିକ ବାଟରେ ଚାଲିବା ଓ ପରେ ସରକାରୀ ଶିକ୍ଷକଙ୍କ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବାହ୍ନ ୧୦ ଘଟିକାରେ ୧ମ ଅଧିବେଶନ ଉତ୍ସବ ଆରମ୍ଭ ହେବା ପରେ ଅବସରପ୍ରାପ୍ତ ଶିକ୍ଷକ, ବର୍ତ୍ତମାନର ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହିତ ଗୁରୁବନ୍ଦନା କାର୍ଯ୍ୟକ୍ରମ ହୋଇଥିଲା। ୨ୟ ଅଧିବେସନ ଅପରାହ୍ନ ୩ ଘଟିକା ସମ



କ୍ଷୀରରେ ଗୁଡ଼ ମିଶାଇ ପିଇଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ



ପ୍ରାଚୀନ କାଳରୁ କ୍ଷୀର ଏବଂ ଗୁଡ଼ ଉଭୟ ସ୍ୱାସ୍ଥ୍ୟ ପାଇଁ ବରଦାନ ସଦୃଶ ହୋଇଥାଏ ବୋଲି ବିବେଚନା କରାଯାଏ। ଶୀତ ଋତୁରେ ଲୋକମାନେ ବହୁତ ଉତ୍ସାହର ସହିତ ଗୁଡ଼ ଖାଆନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯଦି କ୍ଷୀର ସହ ଗୁଡ଼ ମିଶାଇ ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ବହୁତ ସକାରାତ୍ମକ ପ୍ରଭାବ ପକାଇପାରେ। ତଥାପି, ଉତ୍ତମ ଫଳାଫଳ ହାସଲ କରିବାକୁ, ଏହାକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନର ଏକ ଅଂଶ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ତେବେ ଆସନ୍ତୁ କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା ବିଷୟରେ ଜାଣିବା।

ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି: ଗୁଡ଼ କ୍ଷୀର ମାଂସପେଶୀକୁ ଆରାମ ଦେବା ସହିତ ହାଡକୁ ମଜବୁତ କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇଥାଏ। ଯଦି ଆପଣ ଗଣ୍ଠି ଯନ୍ତ୍ରଣା ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଆପଣ ଗୁଡ଼ ସହିତ କ୍ଷୀର ପିଇବା ଆରମ୍ଭ କରିବା ଉଚିତ୍। ଗୁଡ଼ କ୍ଷୀର ସାହାଯ୍ୟରେ ହିମୋଗ୍ଲୋବିନ୍ ଅଭାବକୁ ମଧ୍ୟ ଦୂର କରାଯାଇପାରିବ। ତେଣୁ ରକ୍ତହୀନତାରେ ପୀଡିତ ରୋଗୀଙ୍କୁ ଗୁଡ଼ କ୍ଷୀର ପିଇବାକୁ ପରାମର୍ଶ ଦିଆଯାଏ।

କ୍ଷୀର ଏବଂ ଗୁଡ଼ ମିଶାଇ ପିଇବାର ଉପକାରିତା: କେବଳ ଯେ ଗଣ୍ଠି ଯନ୍ତ୍ରଣା ତା' ନୁହେଁ ଗୁଡ଼ କ୍ଷୀର ଅତ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଗ୍ୟାସ୍, ବଦହଜମୀ ଏବଂ ଏସିଡ଼ିଟିରୁ ମୁକ୍ତି ପାଇବା ପାଇଁ ଗୁଡ଼ କ୍ଷୀର ପିଇପାରିବେ। ମେଟାବୋଲିଜିମ୍ ବଢାଇବା ପାଇଁ ମଧ୍ୟ ଆପଣ କ୍ଷୀର ଏବଂ ଗୁଡ଼ ମିଶାଇ ଏକାଠି ପିଇପାରିବେ। ଏହା ବ୍ୟତୀତ ଗୁଡ଼ କ୍ଷୀର ପିଇବା ଦ୍ୱାରା ଆପଣ ନିଜର ରୋଗ ପ୍ରତିରୋଧକ ଶକ୍ତି ମଜବୁତ କରିପାରିବେ। ରାତିରେ ଗୁଡ଼ କ୍ଷୀର ପିଇବା ଦ୍ୱାରା ଭଲ ନିଦ ମଧ୍ୟ ଆସିଥାଏ।

ଗୁଡ଼ କ୍ଷୀର କିପରି ତିଆରି କରିବେ: ସର୍ବପ୍ରଥମେ ଆପଣଙ୍କୁ ଏକ ପାତ୍ରରେ କ୍ଷୀରକୁ ଗରମ କରିବାକୁ ପଡିବ। ବର୍ତ୍ତମାନ ଏଥିରେ ଏକ କିମ୍ବା ଦୁଇ ଚାମଚ ଗୁଡ଼ ପାଉଡ଼ର କିମ୍ବା ଏକ ଛୋଟ ଗୁଡ଼ ଖଣ୍ଡ ମିଶାନ୍ତୁ। ଭଲ ଫଳାଫଳ ପାଇବା ପାଇଁ ଶୋଇବା ପୂର୍ବରୁ ଗୁଡ଼ କ୍ଷୀର ପିଅନ୍ତୁ। ପ୍ରତିଦିନ ପୁଷ୍ଟିକର ଗୁଡ଼ କ୍ଷୀର ପିଅନ୍ତୁ ଏବଂ କେବଳ ଏକ ମାସ ମଧ୍ୟରେ ହିଁ ଆପଣ ନିଜେ ଏହାର ସକରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

କୋଲେଷ୍ଟରଲ୍ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି କି



ଆମ ଶରୀରରେ କୋଲେଷ୍ଟରଲ ପରିମାଣ ନିୟନ୍ତ୍ରଣରେ ରହିବା ନିହାତି ଦରକାର। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା କ'ଣ ଜାଣନ୍ତି? ଯଦି ଜଣେ ବ୍ୟକ୍ତି ନିୟମିତ ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତି, ତେବେ ତାଙ୍କ ଶରୀରରେ କୋଲେଷ୍ଟରଲ ପରିମାଣ କେତେକାଂଶରେ ନିୟନ୍ତ୍ରଣରେ ରହେ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଏ କଥା ଜଣାପଡ଼ିଛି। ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିୟମିତ ଉଷୁମ ପାଣି ପିଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନଙ୍କର କୋଲେଷ୍ଟରଲ ପରିମାଣ କେତେ ରହୁଛି ତାହା ମଧ୍ୟ ପରୀକ୍ଷା କରାଯାଇଥିଲା। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର କୋଲେଷ୍ଟରଲ କେତେକାଂଶରେ ନିୟନ୍ତ୍ରଣକୁ ଆସିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ନିୟମିତ ଉଷୁମ ପାଣି ପିଇଲେ ତାହା ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ତା'ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ମଧ୍ୟ ସାହାଯ୍ୟ କରେ।

ଆଣ୍ଟିବାୟୋଟିକ୍ ଖାଉଥିଲେ ହୋଇଯାନ୍ତୁ ସାବଧାନ



କେତେକ ରୋଗରୁ ଉପଶମ ପାଇବା ଲାଗି ଡାକ୍ତର ଔଷଧ ସହ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ରୋଗର କାରଣକୁ ଭଲ ଭାବରେ ତର୍ଜମା କରି ସେ ଏଭଳି ନିଷ୍ପତ୍ତି ନେଇଥାଆନ୍ତି। ତେଣୁ କୌଣସି ରୋଗ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିବା ବେଳେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ତାଙ୍କୁ ବିଶଦ ଭାବରେ ଅବଗତ କରାନ୍ତୁ। କେତେକ ବ୍ୟକ୍ତି ରୋଗରୁ ଉପଶମ କରିବା ମାତ୍ରେ ଆଣ୍ଟିବାୟୋଟିକ୍ ଖାଇବା ମନକୁ ମନ ବନ୍ଦ କରିଦିଅନ୍ତି। ହେଲେ ଏଭଳି ଅଭ୍ୟାସ ବଦଳାନ୍ତୁ। ଏ ନେଇ ମନରେ କିଛି ପ୍ରଶ୍ନ ଥିଲେ ଡାକ୍ତରଙ୍କ ସହ ପୁନଃ ପରାମର୍ଶ କରନ୍ତୁ। ଯେତେଦିନ ପର୍ଯ୍ୟନ୍ତ ସେ ଆଣ୍ଟିବାୟୋଟିକ୍ ଖାଇବାକୁ ପରାମର୍ଶ ଦେଇଛନ୍ତି ତାହାକୁ ସେପର୍ଯ୍ୟନ୍ତ ଚାଲୁ ରଖନ୍ତୁ। ଔଷଧ ବିଷୟରେ ମନରେ କିଛି ବି ପ୍ରଶ୍ନ ଆସୁଥିଲେ ସେଗୁଡ଼ିକୁ ପରାମର୍ଶ ସମୟରେ ହିଁ ସମାଧାନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଆଣ୍ଟିବାୟୋଟିକ୍ ମନକୁ ମନ କିଣି ଖାଆନ୍ତୁ ନାହିଁ। ଏହାପୂର୍ବରୁ ନିଶ୍ଚୟ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ଦୈନିକ ଖାଆନ୍ତୁ ଗୋଟିଏ ରସୁଣ, ଶରୀରକୁ ରଖିବ ବିଭିନ୍ନ ରୋଗରୁ ଦୂର

ରସୁଣ କେବଳ ଖାଦ୍ୟକୁ ସୁଆଦିଆ କରିଥାଏ ତାହା ନୁହଁ ବରଂ ଶରୀରକୁ ସୁସ୍ଥ ମଧ୍ୟ ରଖିଥାଏ। ଏହା ଘରୋଇ ଔଷଧ ଭାବେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ। ରସୁଣରେ ଥଣ୍ଡା, କାଶ, ଲୁ, ରକ୍ତଚାପ ସହିତ କ୍ୟାନ୍ସରରୁ ରକ୍ଷା ପାଇବା ପାଇଁ ଅନେକ ଗୁଡ଼ ଭରପୁର ରହିଛି। ବିଭିନ୍ନ ଔଷଧୀୟ ଗୁଣରେ ଭରା ରସୁଣ ପ୍ରୋଟିନ୍, ଭିଟାମିନ୍ ଏ, ବି, ସି , ଖଣିଜ, ଲବଣ ଭରପୁର ରହିଥାଏ। ରସୁଣ ଖାଇବା ଦ୍ୱାରା ଶରୀରରେ ରୋଗପ୍ରତିଶୋଧକ କ୍ଷମତା ବଢ଼ିଥାଏ। ଏଥି ସହ ରସୁଣରେ ଥିବା ଆଲିସିନ୍ ନାମକ ଅଣ୍ଟିବାୟୋଟିକ୍ ଶରୀରକୁ ବିଭିନ୍ନ ରୋଗରୁ ମୁକ୍ତ ରଖିଥାଏ। ରସୁଣର ନିୟମିତ ସେବନ ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ବହୁ ମାତ୍ରାରେ କମ ହୋଇଥାଏ। ନିକଟରେ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଏହା ଦ୍ୱାରା କ୍ୟାନ୍ସର ହେବାର ସମ୍ଭାବନା ୩୦-୪୦ ପ୍ରତିଶତ କମ ହୋଇଥାଏ। ଏଥିସହ ଉଚ୍ଚରକ୍ତଚାପକୁ ଦୂର କରିବାରେ ମଧ୍ୟ ରସୁଣ ବହୁ ଲାଭଦାୟକ ହୋଇଥାଏ। ଦୈନିକ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ କମ ହେବା ସହ ହୃଦଜନିତ ରୋଗର ସମ୍ଭାବନା ମଧ୍ୟ କମ ହୋଇଥାଏ। ରସୁଣରେ ଶରୀରକୁ ଗରମ ରଖିବାର ପୋଷକ ଭରପୁର ମାତ୍ରାରେ ରହିଥାଏ। ଯାହା ଫଳରେ ଥଣ୍ଡା, କାଶ ଏବଂ ଛିଙ୍କ ଆଦିରୁ ରକ୍ଷା ପାଇବା ପାଇଁ ଏହା ବହୁ ଲାଭକାରୀ ପ୍ରମାଣିତ ହୋଇଥାଏ। ଏଥିରେ ଉପସ୍ଥିତ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଦାନ୍ତ ଏବଂ ମାଢ଼ି ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ଦେଇଥାଏ। ଦୈନିକ ରସୁଣ ଖାଉଥିବା ବ୍ୟକ୍ତିଙ୍କ ନିକଟରେ ରକ୍ତହିନତା ଦେଖାଯାଇ ନଥାଏ। ଏଥି ସହ ଏହା ବିଭିନ୍ନ ପ୍ରକାରର ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମଧ୍ୟ ରସୁଣ ଦ୍ୱାରା ଶୀଘ୍ର ଉପଶମ ମିଳିଥାଏ।



ମହୁ କେବଳ ସ୍ୱାଦ ପାଇଁ ନୁହଁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ ମହୁ। ଆୟୁର୍ବେଦ ଅନୁସାରେ ମହୁକୁ ସ୍ୱାସ୍ଥ୍ୟର ଭଣ୍ଡାର ବୋଲି ବିବେଚନା କରାଯାଏ। ଯାହାକୁ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏଥିରେ ଅନେକ ଗୁଣ ରହିଛି ଯାହା ଅନେକ ଗମ୍ଭୀର ସମସ୍ୟାକୁ ଦୂର କରିଥାଏ। ଶୀତ ଦିନ ପାଇଁ ମହୁ ସେବନ ଖୁବ୍ ଲାଭକାରୀ ବୋଲି ପ୍ରମାଣିତ ହୋଇ ଆସୁଅଛି। ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। କେବଳ ସୁସ୍ଥ ରଖି ନଥାଏ ବରଂ ଏହା ସୁନ୍ଦରତା ବଜାୟ ରଖିବା ପାଇଁ ମଧ୍ୟ ପ୍ରଭାବଶାଳୀ ହୋଇଥାଏ। ତେଣୁ ସୁସ୍ଥ ଏବଂ ସୁନ୍ଦର ରହିବାକୁ ଚାହୁଁଥିଲେ ପ୍ରତ୍ୟେକ ଦିନ ମହୁ ଖାଇବାର ଅଭ୍ୟାସ କରନ୍ତୁ। ତେବେ ଶୀତ ଋତୁରେ ମହୁ ସେବନର ଫାଇଦା ବିଷୟରେ ଆସନ୍ତୁ ଜାଣିବା।

ମହୁରେ ଗ୍ଲୁକୋଜ, ଆଇରନ୍, ଫସଫେଟ୍, ସୋଡ଼ିୟମ୍, କ୍ଲୋରିନ୍, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଆଦି ଭରପୁର ମାତ୍ରାର ରହିଥାଏ।

ଔଷଧୀୟ ଗୁଣରେ ଭରପୁର ମହୁ

ଯାହା ଶରୀରକୁ ବ୍ୟାକ୍ଟେରିଆଠାରୁ ରକ୍ଷା କରିଥାଏ। ଏହାସହ ଏଥିରେ ଆଣ୍ଟିବ୍ୟାକ୍ଟେରିଆ, ଏଣ୍ଟିବାୟୋଟିକ୍, ଭିଟାମିନ୍ ବି୧ ଏବଂ ବି୧୬ ମଧ୍ୟ ଭରପୁର ମାତ୍ରାରେ ରହିଛି। ଯାହା ତ୍ୱଚାର ଚମକ ବଜାୟ ରଖିବା ସହ ସୁନ୍ଦରତା ବଢ଼ାଇବାରେ ସାହାଯ୍ୟ କରିଥାଏ।

ଯଦି କାଶ ଲଗାତାର ହେଉଛି ତେବେ ଏଥିପାଇଁ ମହୁ ବେଷ୍ଟ ହୋଇଥାଏ। ମହୁରେ ଥିବା ଆଣ୍ଟି ଇମଫ୍ଲାମେଣ୍ଟାରୀ ଗୁଣ କାଶକୁ ରୋକିବାରେ ସହାୟକ କରିଥାଏ। ହଳଦୀ ଏବଂ ଅଦା ରସ ସହିତ ଗୋଟିଏ ଚାମଚ ମହୁ ମିଶାଇ ଦିନକୁ ୩ ଥର ଖାଇଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ। ଏହା ଛଡ଼ା ବ୍ୟାୟାମ କରିବା ପୂର୍ବରୁ ଏକ ଚାମୁଚ ମହୁ ଖାଇଲେ ଥକାପଣକୁ ଦୂର କରେ। ଆପଣ ଚା'ରେ ଚିନି ବଦଳରେ ମହୁର ମଧ୍ୟ ବ୍ୟବହାର କରିପାରିବେ।

ମହୁର ସେବନ କରିବା ଦ୍ୱାରା ରକ୍ତରେ ପଲିଫୋନିକ୍ ଏଣ୍ଟିଅକ୍ସିଡ଼େନ୍ଟର ମାତ୍ରା ବଢ଼ିଥାଏ। ଯାହା ଦ୍ୱାରା ହୃହରୋଗର ଆଶଙ୍କାକୁ କମ୍ କରିଥାଏ। କୋଲେଷ୍ଟ୍ରୋଲ ଥିବା ବ୍ୟକ୍ତିଙ୍କୁ ମହୁ ଖାଇବାକୁ ମଧ୍ୟ ଅନେକ ସମୟରେ ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି। ଏଥିସହ ଭଲ ନିଦ ପାଇଁ ମଧ୍ୟ ସହାୟକ ହୋଇଥାଏ ମହୁ। ଯେଉଁ ବ୍ୟକ୍ତିଙ୍କର ନିଦ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଛି ସେମାନେ ରାତିରେ ଉଷୁମ କ୍ଷୀରରେ ମହୁ ମିଶାଇ ସେବନ କରନ୍ତୁ। ଦେଖିବେ ଏହାର ତୁରନ୍ତ ଉପଚାର ମିଳିବ।

ଯଦି ଆପଣ ପାଚନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଆପଣ ବ୍ରେକଫାଷ୍ଟ ପୂର୍ବରୁ ଉଷୁମ ପାଣିରେ ଗୋଟିଏ ଚାମଚ ଲେମ୍ବୁ ରସ ଏବଂ ମହୁ ମିଶାଇ ସେବନ କରିବା ଉଚିତ୍। ଯାହା ଆପଣଙ୍କୁ ପାଚନ ଜନିତ ସମସ୍ୟାରୁ ଆରାମ ଦେବ। ଏତିକି ନୁହେଁ ବରଂ ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ। ଯାହା ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। ମହୁ ଭୋକ ନିୟନ୍ତ୍ରିତ ରଖିବାରେ ସହାୟକ ହୋଇଥାଏ। ଦୈନିକ ସକାଳେ ପାଣିରେ ଏକ ଚାମୁଚ ମହୁ ମିଶାଇ ସେବନ କରନ୍ତୁ। ଦେଖିବେ ମେଦ ହ୍ରାସ ହେବା ସହ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିବ। ସାଧାରଣତଃ ଶୀତଦିନେ ଆମ ଦେହ ଶୁଖିଲା ଦିଶିଥାଏ। ତେଣୁ ଶୀତଦିନରେ ମହୁକୁ ମୁହଁରେ ହାଲୁକା ମସାଜ କରିବା ପରେ ପାଣିରେ ଧୋଇଦିଅନ୍ତୁ। ଯାହା ଏକ ନେଚୁରାଲ ମଶ୍ଚରାଇଜର ଭଳି କାମ କରିବ। ଏହା ବ୍ୟତୀତ ଦାଗ ଏବଂ ଡ୍ରାଏନେସକୁ ମଧ୍ୟ କମ କରିବାରେ ସାହାର୍ଯ୍ୟ କରିବ। ତେହେରାରେ ତୋଫାପଣ ସହ, ଏଣ୍ଟି ଏଜିଙ୍ଗ ସମସ୍ୟାର ସମାଧାନ କରିଥାଏ। ଏହି ସବୁ ସମସ୍ୟା ଥିଲେ ମହୁ ସେବନ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



ନିମ୍ନମାନର ରାସ୍ତା କାର୍ଯ୍ୟକୁ ନେଇ ଜନଅସନ୍ତୋଷ



ବାଲିକୁଦା,୫।୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ଗଉଡୁଣିପଡ଼ିଆ ଠାରୁ ପଦ୍ମପୁର ପର୍ଯ୍ୟନ୍ତ ୩ କିମି ଦୂରତ୍ୱ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉ ଥିବା ତଥା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଜନ ସାଧାରଣଙ୍କ ମଧ୍ୟରେ ଜନ ଅସନ୍ତୋଷ ଦେଖା ଦେଇଛି।ଏହି ରାସ୍ତା ଉପରରେ ଦୈନିକ ଶତାଧିକ ଗାଡି ମୋଟର ଯାତାୟାତ କରିଥାଏ।ରାସ୍ତାଟି ଗରାମ, ପଦ୍ମପୁର ସର୍ବଦା ଚଳଚଞ୍ଚଳ ରହିଥାଏ।ତେବେ ଗତ କିଛିମାସ ଧରି ରାସ୍ତାଟି ଖାଲଖମାରେ ପରିଣତ ହେବାରୁ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇ ଜଣେ ଠିକାଦାରଙ୍କୁ ରାସ୍ତା ନିର୍ମାଣ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।ଏବେ ଉକ୍ତ ରାସ୍ତାର ଗଉଡୁଣିପଡ଼ିଆ ଠାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଛି। ପୁରୁଣା ପିଚୁ ଉପରେ ନାମକୁ ମାତ୍ର ବଜୁରୀ ମିଶ୍ରିତ ପିଚୁର ପ୍ରଲେପ ଦିଆଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି।ଯାହାକି ରାସ୍ତା ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ବିଜୟ କୁମାର ଜେନା, ସୁନିଲି ବାରିକ, କିଶୋର ଜେନା, ରାଜିବୀ ମହାରା, ସୁରେନ୍ଦ୍ର ସାହୁ, ଲକ୍ଷ୍ମୀଧର ମଲ୍ଲିକ, ସୁନିଲି ଜେନା, ନାୟକ ପ୍ରମୁଖ ଦାବି କରିଛନ୍ତି। ଆମେ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁଯୋଗାଯୋଗ କରିବାରୁ ସଠିକ୍ ତଥ୍ୟ ମିଳିପାରି ନଥିଲା।

ଫିରିଙ୍ଗିଆ ବ୍ଲକରେ ବାଟବଣା ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଗରିବଙ୍କୁ ମିଳୁନାହିଁ ଘର କିମ୍ବା ରାସନ କାର୍ଡ



କନ୍ଧମାଳ,୫।୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗବରନଳା ଗ୍ରାମର ସୁନ୍ଦେରୀ କହଁର ଏକ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ କାଟୁଛନ୍ତି ସ୍ୱାମୀ ସ୍ତ୍ରୀ ଝିଅ ଦୁଇଟି ପୁଅ ଗୋଟେ ପାଞ୍ଚଜଣ ଜଣ ସଦସ୍ୟ।ସ୍ୱାମୀ କୁଲି ମଜୁରି ଯାଇ ଯେତିକି ମିଳୁଛି ସେତିକିରେ ପରିବାର ଚଳିବା କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି। ହେଲେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକ ଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି, ନା ଜାଣି ଶୁଣି ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।ଦିର୍ଘ ବର୍ଷ ରୁ ଭଙ୍ଗା ଦଦରା ଚାଳ ଛପର ଘର ବିତୁଛି ଜୀବନ ଫେଲ୍ ମାରିଛି ସରକାର ଙ୍କ ତରଫରୁ ରାସନ ଓ ଘର ଖଣ୍ଡିଏ। ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାନ୍ଥ ସବୁ ଫାଟି ଆଁ କରିଛି। ଏପରି ବିପଦ ସଙ୍କୁଳ ଘରେ ପରିବାର ଧରି ରାତ୍ରି ଜାପନ କରୁଛନ୍ତି। ଘରର ମରାମତି କରିବା ପାଇଁ ହାତ ରେ ସମ୍ବଳ ନାହିଁ। ଘର ଓ ରାସନ କାର୍ଡ ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ଏବଂ ଜିଲ୍ଲାପାଳ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସୁନ୍ଦେରୀ କହଁର। ବର୍ଷା ରେ ଘରର ଛପର ନଷ୍ଟ ହେବାରୁ ବର୍ଷା ପାଣି ଘର ଭିତରେ ଜମିକି ରହୁଛି ଯାହା ଫଳରେ ପରିବାର ଲୋକେ ଘର ଖଣ୍ଡିଏ ପାଇଁ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ମାଟି ଘରେ ହିଁ ବିତୁଛି ଜୀବନ। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ସୁନ୍ଦେରୀ କହଁର ଙ୍କୁ ଆବାସ ଗୃହ ଓ ରାସନ କାର୍ଡ ଯୋଗାଇ ଦେବା ପାଇଁ ଗ୍ରାମ ବାସୀ ଦାବି କରିଛନ୍ତି ଅଭିଯୋଗ କରିଛନ୍ତି ସାମାଜ ସେବୀ ବିବେକାନନ୍ଦ ପ୍ରଧାନ ସୁନ୍ଦେରୀ କହଁର ଅନ୍ୟ ପଟେ ଦେଖିବାକୁ ବାକି ରହିଛି ସରକାର ଗରିବ ମୁଣ୍ଡକୁ ଛାତ ଓ ରାସନ କାର୍ଡ କେବେ ଯୋଗାଇ ଦେଉଛି।

ନାମଲେଖା ପାଇଁ ମେଗା କ୍ୟାମ୍ପ



ନର୍ଲା,୫।୧(ସଂଚାର ବ୍ୟୁରୋ): ସୋମବାର ଦିନ ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ବାହାରେ ଥିବା କିମ୍ବା ଅଧାରୁ ପାଠ ଛାଡି ଥିବା ଛାତ୍ର ଛାତ୍ରୀଙ୍କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ/ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (ଏସଆଇଓଏସ/ ଏନଆଇଓଏସ) ନାମ ଲେଖା ପାଇଁ ଏକ ମେଗା କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୦୩ ଛାତ୍ର ଛାତ୍ରୀ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ (+୨) ପାଇଁ ଓ ୧୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ (ହାଇସ୍କୁଲ) ପାଇଁ ସେମାନଙ୍କ ନାମ ରେଖାଇବା ପାଇଁ ଫର୍ମ ସହିତ ଅନ୍ୟାନ ଦସ୍ତାବିଜ ଦାଖଲ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ଶିକ୍ଷା ଅଧିକାରୀ ତାପିମଣି ଯାନୀ ନେତୃତ୍ୱ ନେଇଥିଲେ ଏବଂ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ ସଂଯୋଜକ ଗୋବର୍ଦ୍ଧନ ମାଝୀଙ୍କ ସହିତ ବ୍ଲକର ସମସ୍ତ ଆଞ୍ଚଳିକ ସଂଯୋଜକ ଉପସ୍ଥିତ ରହି ସହଯୋଗ କରିଥିଲେ। କ୍ୟାମ୍ପରେ ନର୍ଲା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଜ୍ୟ ମୁକ୍ତ ବିଦ୍ୟାଳୟର ବ୍ଲକ ସଂଯୋଜିକା ସୁସ୍ମିତା ସୁନାମୁଦୀ ମଧ୍ୟ ସହଯୋଗ କରିଥିଲେ।

୧୯ରୁ ୨୬ ପର୍ଯ୍ୟନ୍ତ ସର୍ବଭାରତୀୟ ଲାଲମନି କ୍ରିକେଟ୍



ସୁବର୍ଣ୍ଣପୁର,୫।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିଅମରେ ଚଳିତ ମାସ ୧୯ ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ୩୭ତମ ସର୍ବଭାରତୀୟ ଲାଲମନି କ୍ରିକେଟ ପ୍ରତିଯୋଗିତା (ଲାଲମନି କ୍ରିକ ଫେଷ୍ଟ -୨୦୨୬) ଆରମ୍ଭ ହେବ ବୋଲି ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ରାଜ୍ୟ ଭିତରୁ ୫ଟି ଏବଂ ରାଜ୍ୟ ବାହାରୁ ୪ଟି ଦଳ ଅଂଶଗ୍ରହଣ କରିବେ। ୨୨ ତାରିଖ ପ୍ରଥମ ସେମିଫାଇନାଲ ଏବଂ ୨୫ ତାରିଖ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଫାଇନାଲ ଖେଳ ୨୬ ତାରିଖ ଦିନ ଅନୁଷ୍ଠିତ ହେବ। ପ୍ରତ୍ୟେକ ମ୍ୟାଚ ଟି-୨୦, ଟି-୧୦ ଫର୍ମାଟରେ ଖେଳାଯିବ। ଏପରିକି ଆବଶ୍ୟକ ପଡ଼ିଲେ ସୁପର-୨ ଓଭର ଖେଳାଯିବ ବୋଲି ସୂଚନା ଦେଇଛନ୍ତି। ଆନ୍ତର୍ଜାତିକ କ୍ରିକେଟିୟର ଖେଳାଳି ଆସିବା ଯୋଜନା ଅଛି ବୋଲି ସୂଚନା ଦେଇଛନ୍ତି। ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ଯୋଜନା ଅଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କ୍ରିକେଟ ସଙ୍ଘ ସଭାପତି ରାମଶଙ୍କର ସାହୁ, ଉପସଭାପତି ବି. ସତ୍ୟନାରାୟଣ ରାଓ, ସମ୍ପାଦକ ପ୍ରଦୀପ ସେଠୀ, କୋଷାଧକ୍ଷ ଶ୍ୟାମସୁନ୍ଦର ପାତ୍ର, ଜିଲ୍ଲା କ୍ରିକେଟ ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିଲେ।

ନାଉଗାଁ-ଡାବର ରାସ୍ତା ପାଲଟିଛି ମରଣଯନ୍ତ୍ର।

ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର, ୨ଜଣ ଆହତ

ନାଉଗାଁ,୫।୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଦହିପାଳ ଗ୍ରାମରୁ ବାଇକ୍ ଯୋଗେ ନାଉଗାଁ ବଜାର ଅଭିମୁଖେ ଯାଉଥିବା ସମୟରେ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଜଣେ ଗୁରୁତର ହୋଇଥିବା ବେଳେ ୨ଜଣ ଆହତ ହୋଇଥିବା ଜଣାଯାଇଛି। ଗୁରୁତର ଆହତ ହୋଇଥିବା ମଙ୍ଗୁଳି ସାସମଲ ବୟସ ୮୨ବର୍ଷ ହୋଇଥିବା ବେଳେ ତାଙ୍କ ଝିଅ ତୃପ୍ତିରାଣୀ ସାହୁ ଓ ନାତି ଆୟୁଷ୍ମାନ ସାହୁ ଆହତ ହୋଇଛନ୍ତି। ଜେଜେ ଓ ମା'କୁ ବସାଇ ଆୟୁଷ୍ମାନ ନାଉଗାଁ ଅଭିମୁଖେ ଆସୁଥିଲେ। ନାଉଗାଁ-ଡାବର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଗୋଠଦା ନିକଟରେ ଅସାବଧାନତା ବଶତଃ ଏକ ବିଦ୍ୟୁତ ଖୁଣ୍ଟରେ ଗାଡିଟି ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ସମସ୍ତେ ଗାଡିରୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ତାଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଆଯାଇ ଚିକିତ୍ସା କରାଯାଇଥିଲା। ମଙ୍ଗୁଳିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ଝିଅ ଓ ନାତିଙ୍କୁ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ରାସ୍ତାଟି କିଛି ବର୍ଷ ହେବ ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟଜାରି ରହିଥିବା ବେଳେ କାର୍ଯ୍ୟ ଶେଷର ଅବଧୀ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସରି ନାହିଁ। ଯେଉଁ କାର୍ଯ୍ୟ କରାଯାଇଥିଲା ତାହା ଅତି ନିମ୍ନମାନର ହୋଇଥିବାରୁ ରାସ୍ତାର ଅଧିକାଂଶ ସ୍ଥାନରୁ ଗୋଡି ଉଠିବା ସହିତ ଖାଲଖମାରେ ଭର୍ତି ହୋଇଗଲାଣି। ଫଳରେ ରାସ୍ତାରେ ଯାତାୟତ କରୁଥିବା ବାଇକ୍ ଆରୋହୀମାନେ ଭାରାସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକ ମତବ୍ୟକ୍ତ କରିଛନ୍ତି।

ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ଚା' ବାଣ୍ଟୁଛି ପ୍ରଶାସନ

ଭଞ୍ଜନଗର,୫।୧(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡରେ ଗତ ନଭେମ୍ବର ଏବଂ ଡିସେମ୍ବର ମାସରେ ଦୁର୍ଘଟଣା ହାର ବଢ଼ିଯାଇଛି। ଏଥିରେ ଏକାଧିକ ଲୋକ ମୃତ୍ୟୁବରଣ କରିବା ସହ ଅନେକ ଲୋକ ଆହତ ମଧ୍ୟ ହୋଇଛନ୍ତି। ଯାହାକି ଚିନ୍ତାଜନକ ବିଷୟ ପାଲଟିଛି। ଅଧିକାଂଶ ଦୁର୍ଘଟଣା ଦିନବେଳେ ନଚେତ୍ ପ୍ରତ୍ୟୁଷରେ ହେଉଛି। ଦ୍ରୁତ ଗାଡି ଚାଳନା, ମଦୁଆ ଗାଡି ଚାଳକଙ୍କ ପାଇଁ ହିଁ ଦୁର୍ଘଟଣା ବଢୁଛି। ଏହାକୁ ରୋକିବାରେ ପୋଲିସ ପ୍ରଶାସନ ଅନେକ ସମୟରେ ବିଫଳ ହେଉଛି। ଏହିଭଳି ପରିସ୍ଥିତିରେ ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରାତ୍ରୀକାଳୀନ ଦୁର୍ଘଟଣା ହାର କମାଇବା ପାଇଁ ଅଭିନବ ପ୍ରୟାସ ଗତ ୧ ତାରିଖରୁ ଆରମ୍ଭ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିପଦର ବନ୍ଧୁ ସଂଗଠନର କର୍ମକର୍ତ୍ତାଙ୍କ ସହଯୋଗରେ ରାତିରେ ଯାତାୟାତ କରୁଥିବା ଗାଡି ଚଳକଙ୍କୁ ଚା' ପିଇବାକୁ ଦିଆଯାଉଛି । ଫଳରେ ଗାଡ଼ି ଚାଳକମାନଙ୍କୁ ଆଉ ନିଦ ଆସିବ ନାହିଁ ଏବଂ ଦୁର୍ଘଟଣା ମଧ୍ୟ ହେବ ନାହିଁ। ପ୍ରଶାସନର ଏହିଭଳି ପଦକ୍ଷେପ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାତି ୩ ଟା ରୁ ୬ ଟା ମଧ୍ୟରେ ମୁଖ୍ୟ ରାଜପଥ ଗୁଡ଼ିକରେ ଯାତାୟାତ କରୁଥିବା ଗାଡି ଚାଳକକୁ ହିଁ ଚା' ପିଇବାକୁ ଦିଆଯାଉଛି।

କୋଶଲି ଫିଲ୍ମ ନୋ ଗିଲ୍ଟ ନୋ ସରି ଓ ହିନ୍ଦୀ ଡ୍ରାମା ଟୁଟା ହୁଆ ସିତାରା ପ୍ରଦର୍ଶିତ



ବଲାଙ୍ଗିର,୫।୧(ସଂଚାର ବ୍ୟୁରୋ): ନାଟ୍ୟକ୍ରାନ୍ତି ର ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ସଞ୍ଜୟ ଶେଖର ଭୋଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ମଂଚ ସମର୍ପଣ କରାଯାଇଥିଲା। ଉତ୍ସବରେ ସଭାପତି ରାଜେନ୍ଦ୍ର କୁମାର ଶର୍ମା, ସଂପାଦକ ସୁରେନ୍ଦ୍ର କୁମାର ତ୍ରିପାଠି, ମୁଖ୍ୟ ଅତିଥି ଅବସରପ୍ରାପ୍ତ ଅଧକ୍ଷ ଡ. ଯୋଗେଶ୍ୱର ସାହୁ ଓ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର ମଂଚାସିନ ଥିଲେ। ଏ ଅବସରରେ କୋଶଲି ଚଳଚ୍ଚିତ୍ର ନୋ ଗିଲ୍ଟ ନୋ ସରି ପ୍ରଦର୍ଶିତ ହୋଇଥିଲା। କାହାଣି, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଥିଲେ ଅବଦୁଲ ଜମାଲ ଖାନ। ଅଭିନୟରେ ଆକ୍ରମ ଦୁରାନି, ବନ୍ଦନା, ସଂଗୀତା ଦାଶ, ତରୁଣ ମିଶ୍ର, ସୁରେନ୍ଦ୍ର ତ୍ରିପାଠି, ଧିରେନ୍ଦ୍ର ସିଂଦେଓ, ନିଳାଚଳ ଚିରଗୁନ, ବିମଲ ଚକ୍ରବର୍ତ୍ତି, ଗୁରୁଦାଶ ସିଂ, ଶରତ ହୋତା, ସତ୍ୟ ସିଂଦେଓ, ସୌରଭ ଶତପଥି ପ୍ରମୁଖ ଥିଲେ। ସହ-ନିର୍ଦ୍ଦେଶନା ରେ ଅଜିତ ପ୍ରଧାନ, ଚିତ୍ର ଉତ୍ତୋଳନ ଓ ସଂପାଦନା ରେ ରାମ ସାହୁ ଏବଂ ସଂଗୀତ ରେ କ୍ରିଷ୍ଣା ସାହୁ ଥିଲେ। ପରେ ପରେ ଏକ ହିନ୍ଦି ନାଟକ ଜମାଲ ଖାନଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ "ଟୁଟା ହୁଆ ସିତାରା" ପ୍ରଦର୍ଶିତ ହୋଇଥିଲା।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

୫୨ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର,୫।୧(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଙ୍ଗିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୫୨ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୩ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୫ ଗୋଟି ଅଭିଯୋଗ ପତ୍ର ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ସୋନପୁର, ଶ୍ରୀ ପ୍ରତୀକ କୁମାର କରଙ୍କ ତତ୍ୱାବଧାନରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ) ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ସୋନପୁର ଶ୍ରୀମତି ରଶ୍ମିରେଖା ଜି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

ଜଗନ୍ନାଥ ପ୍ରେମରେ ବଂକିମ



ବାଲିଆପାଳ,୫।୧(ସଂଚାର ବ୍ୟୁରୋ): ଜଗନ୍ନାଥଙ୍କ ପ୍ରେମରେ ସାରା ଜଗତ। କାଳିଆର ଟିକେ ଆଶିଷ ପାଇଁବା ପାଇଁ ଭକ୍ତ କାହିଁ କେତେ ଦୂରରୁ ପୁରୀ ଶ୍ରୀମନ୍ଦିରକୁ ଛୁଟି ଆସିଥାନ୍ତି। କାଳିଆ ସାଆନ୍ତଙ୍କୁ ଆଖି ପୁରାଇ ଦେଖିବା ପାଇଁ କାହାରବା ଇଚ୍ଛା ନହୁଏ। ମାତ୍ର ଦାରିଦ୍ର୍ୟ ତାଡ଼ନାରେ କାଳାତିପାତ କରୁଥିବା ଭକ୍ତ ସବୁ ବେଳେ ଶ୍ରୀ ମନ୍ଦିର ଯିବା ସମ୍ଭବ ହୋଇନଥାଏ। ଏମିତି ଜଣେ ଭକ୍ତ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମଧୁପୁରା ଗାଆଁରେ ଥିବା ବୃଦ୍ଧ ବଙ୍କିମ ଦାସ, ପିଲାଟି ଦିନରୁ କାଳିଆ ପ୍ରେମରେ ନିଜକୁ ନିୟୋଜିତ କରିଆସୁଛନ୍ତି। ସେ ଜଣେ ଅତ୍ୟନ୍ତ ଗରୀବ ଶ୍ରେଣୀର। ସବୁ ସମୟରେ ପୁରୀ ଶ୍ରୀମନ୍ଦିର ଯାଇ ଜଗା ଦର୍ଶନ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ତାଙ୍କର ପ୍ରତ୍ୟେକ ଦିନ ସବୁ ସମୟରେ ଶ୍ରୀମନ୍ଦିର ଦର୍ଶନର ମନର ପରିକଳ୍ପନାକୁ ନିଜ ଝାଟି ମାଟି କୁଡିଆରେ ନିଜ ସେ ତାଙ୍କ ହାତରେ ଶ୍ରୀ ମନ୍ଦିର ନିର୍ମାଣ କରୁଛନ୍ତି।

ବୈଶିଙ୍ଗା ମହୋତ୍ସବର ଆକର୍ଷଣ: ରୟାଲ ରିଭେଞ୍ଜ ମେଲୋଡି

ବୈଶିଙ୍ଗା,୫।୧(ସଂଚାର ବ୍ୟୁରୋ): ଚତୁର୍ଥ ବାର୍ଷିକ ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାର ବିଷେଶ ଆକର୍ଷଣ ଥିଲା ରୟାଲ ରିଭେଞ୍ଜ ମେଲୋଡି।ଭରପୁର ଦର୍ଶକ ଏହି କ